CMYK

- Vol.- 46, Issue No. 171
- Sunday, 20 September 2026
- ରବିବାର, ୨୦ ସେପ୍ଟେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

### ତୀର୍ଥଯାତ୍ରା ଶେଷଯାତ୍ରାରେ ପରିଣତ

# ମଧ୍ୟପ୍ରଦେଶରେ ନାଳରେ କାର୍ ଭାସି ୮ ମୃତ



- ୩ ଶିଶୁ ସମେତ ୭ ଜଣ ଓଡ଼ିଶାର ଓ ଜଣେ ମଧ୍ୟପ୍ରଦେଶ ଡ୍ରାଇଭର
- ଶୋକ ବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ, ୨ ରାଜ୍ୟ ମୁଖ୍ୟମନ୍ତ୍ରୀ
- ମୃତକଙ୍କ ପରିବାରକୁ ୧୧ ଲକ୍ଷ ଅନୁକଂପା ରାଶି ଘୋଷିତ

ଆଗର ମାଲୱା(ମଧ୍ୟପ୍ରଦେଶ)/ ଭୁବନେଶ୍ୱର, ୧୯।୯: ତୀର୍ଥଯାତ୍ରାରେ ଯାଇଥିଲେ, ତେବେ ତାହା ଶେଷଯାତ୍ରାରେ ପରିଣତ ହେବ ବୋଲି କିଏ ଅବା ଜାଣିଥିଲା। ପରିଶେଷରେ ତାହାହିଁ ଘଟିଲା । ମଧ୍ୟପ୍ରଦେଶର ବିଭିନ୍ନ ତୀର୍ଥସ୍ଥାନ ବୁଲିବାକୁ ଆସିଥିଲେ ଓଡ଼ିଶାରୁ ଏକ ପରିବାର। ମାଲୱା ଅଞ୍ଚଳରେ ବଗଳାମୁଖୀ ମାତାଙ୍କୁ ଦର୍ଶନ କରିବାକୁ ଆସିଥିବା ଏହି ଶ୍ରଦ୍ଧାଳୁଙ୍କ କାର୍ ସ୍ଥାନୀୟ ଏକ ନାଳରେ ବୁଡ଼ିଯିବାରୁ ମୋଟ ୮ ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ୭ ଜଣ ଭୁବନେଶ୍ୱର ହୋଇଥିବା ବେଳେ, ଅନ୍ୟ ମୃତକ ମଧ୍ୟପ୍ରଦେଶର ଡ୍ରାଇଭର କୃଷ୍ଣ ରାଜବୀର। ମୃତକଙ୍କ ମଧ୍ୟରେ ୨ ମହିଳା,୩ ଶିଶୁ ଓ ୩ ପୁରୁଷ ଅଛନ୍ତି। ଦୁର୍ଘଟଣାଗ୍ରସ୍ତ କାର୍ ନଂ. ଏମପି ୧୩ ଏଏଫ୭୧୩୫। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁର୍ଘଟଣା ନେଇ ଦୁଃଖପ୍ରକାଶ କରିବା ସହିତ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଓ ମଧ ପ୍ରଦେଶ ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବ ମଧ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଯଥାଶୀଘ୍ର ଯୋଗାଇ ଦେବା ପାଇଁ ଘୋଷଣା କରିଛନ୍ତି । ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫ ଲକ୍ଷ ଲେଖାଏଁ ଅନୁକଂପା ରାଶି ଘୋଷଣା କରିଛନ୍ତି। ପ୍ରାଣ ହରାଇଥିବା ୭ଜଣ ଓଡ଼ିଆ ତୀର୍ଥଯାତ୍ରୀଙ୍କ ପରିଚୟ ମିଳିଛି । ସେମାନେ ଭୁବନେଶ୍ୱର ଜୟଦେବ ବିହାରର ଢାବା ମାଲିକ ବନମାଳୀ ବେହେରାଙ୍କ ପରିବାରର ସଦସ୍ୟମାନେ । ସେମାନେ ହେଲେ ପୁଅ ଶିବ ବେହେରା (୪୦), ଝିଅ ରାଧାରାଣୀ(୩୦) ରୀତାରାଣୀ (୩୫), ଜ୍ୱାଇଁ ଜ୍ଞାନେନ୍ଦ୍ର ବେହେରା (୪୦) ନାତି ଓ ନାତୁଣୀମାନେ ହେଲେ ରିଶି ବେହେରା (୧୧) ସ୍ୱୟଂପ୍ରଭା ବେହେରା (୭)କ୍ରିସ୍ ବେହେରା (୧୩)। ସୂଚନା ଅନୁଯାୟୀ, ବନମାଳୀ ବେହେରାଙ୍କ ପରିବାର ଲୋକେ ଉଜ୍ଜୟିନୀରୁ କାର୍ ଭଡ଼ାରେ ନେଇ ମା’ ବଗଳାମୁଖୀ ମନ୍ଦିର ଦର୍ଶନ ପାଇଁ ନାଲଖେଡାରେ ଶୁକ୍ରବାର ପହଞ୍ଚିଥିଲେ। ନାଲଖେଡା ଅଞ୍ଚଳରେ ଗତ ରାତିସାରା ପ୍ରବଳ ବର୍ଷା ହୋଇଥିଲା । ଫଳରେ ମନ୍ଦିର ନିକଟରେ ଥିବା ନାଳରେ ହଠାତ୍ ପାଣି ବଢ଼ିବା ସହ ସ୍ରୋତ ଅତ୍ୟନ୍ତ ପ୍ରଖର ହୋଇଯାଇଥିଲା । ଏହି ସମୟରେ ଫେରୁଥିବା କାର୍‌ଟି ନାଳ ପାର ହେବାକୁ ଉଦ୍ୟମ କରିଥିଲା । ପାଣିର ସ୍ରୋତ ଏତେ ପ୍ରଖର ଥିଲା ଯେ, ଗାଡ଼ିଟି ନିୟନ୍ତ୍ରଣ ହରାଇ ପାଣିରେ ଭାସିଯାଇଥିଲା। ପରେ ପ୍ରଶାସନ, ପୋଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି କାର୍‌କୁ ଉଦ୍ଧାର କରିବା ବେଳକୁ ସମସ୍ତ ୮ ଜଣଙ୍କ ଜୀବନ ଚାଲିଯାଇଥିଲା । ଘଟଣାକୁ ନେଇ ଶୋକ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ମଧ୍ୟପ୍ରଦେଶରେ ଏକ ଦୁର୍ଘଟଣାରେ ଓଡ଼ିଆ ପର୍ଯ୍ୟଟକଙ୍କ ପ୍ରାଣ ହରାଇବା ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ । ଘଟଣା ସମ୍ପର୍କରେ ମଧ୍ୟପ୍ରଦେଶ ସରକାର ତଥା ସ୍ଥାନୀୟ ପ୍ରଶାସନ ସହିତ ନିରନ୍ତର ସମନ୍ୱୟ ରକ୍ଷା କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି। ଉଦ୍ଧାର ଓ ବ୍ୟବଚ୍ଛେଦ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ପାର୍ଥିବ ଶରୀରକୁ ସସମ୍ମାନେ ଓଡ଼ିଶା ଫେରାଇ ଆଣିବା ଲାଗି ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ଜଣେ ଓଏସଡିଙ୍କ ସୂଚନାନୁଯାୟୀ ମୃତଦେହଗୁଡ଼ିକୁ ଓଡ଼ିଶାରେ ସୋମବାର ରାତି ପ୍ରାୟ ୮ ଟା ସୁଦ୍ଧା ପହଞ୍ଚାଇବାକୁ ବ୍ୟବସ୍ଥା କରାଯାଉଛି।

### ଦେଶରେ ବଢୁଛି ପୁଲିସ ହେପାଜତ ହିଂସା !

## ସର୍ଟକଟ୍ ପନ୍ଥା ସମ୍ବିଧାନ ବିରୋଧୀ: ଜଷ୍ଟିସ ଉଜ୍ଜଳ ଭୂୟାଁ



ନୂଆଦିଲ୍ଲୀ,୧୯।୯: ଦେଶରେ ବଢୁଛି ବେଆଇନ ଏନକାଉଣ୍ଟର ଓ ପୁଲିସ ହେପାଜତ ହିଂସା । ଏଥିନେଇ ଶନିବାର ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଉଜ୍ଜଳ ଭୂୟାଁ ଉଦ୍‌ବେଗ ପ୍ରକାଶ କରିଛନ୍ତି । ନୂଆଦିଲ୍ଲୀରେ ଏକ ଆଇନ ସମ୍ମିଳନୀରେ ଯୋଗଦେଇ ସେ କହିଛନ୍ତି, ଆଇନଗତ ପ୍ରକ୍ରିୟାକୁ ଏଡାଇ ଅଭିଯୁକ୍ତଙ୍କ ବିରୋଧରେ ଏଭଳି ସର୍ଟକଟ୍ ପନ୍ଥା ଆପଣାଇବା ଭାରତୀୟ ସମ୍ବିଧାନର ମୌଳିକ ନୀତି ବିରୋଧୀ। ଅଭିଯୁକ୍ତଙ୍କୁ ପୁଲିସ ହେପାଜତକୁ ନେବା ପରେ ଏନକାଉଣ୍ଟର କିମ୍ବା ଅନ୍ୟ ଉପାୟରେ ମୃତ୍ୟୁ ଘଟିବା ଘଟଣା ଉପରେ ସେ ପ୍ରଶ୍ନ ଉଠାଇଛନ୍ତି । ଏକ ଦୃଷ୍ଟାନ୍ତ ରଖି ସେ ପ୍ରଶ୍ନ କରିଛନ୍ତି,ଅପରାଧର ସିନ୍ ରିକ୍ରିଏସନ୍ ପାଇଁ ଅଭିଯୁକ୍ତଙ୍କୁ ଭୋର୍ ୩ଟାରେ ନେବାର ଆବଶ୍ୟକତା କ’ଣ । ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଅପେକ୍ଷା କରାଯାଇ ପାରିନଥାନ୍ତା କି ବୋଲି ସେ କହିଛନ୍ତି । ହେପାଜତରେ ମୃତ୍ୟୁ ଘଟିଲେ ପୁଲିସ ପକ୍ଷରୁ ବନ୍ଧୁକ ଛଡାଇବାକୁ ଚେଷ୍ଟା, ଧସ୍ତାଧସ୍ତି, ଦୁର୍ଘଟଣା କିମ୍ବା ଅନ୍ୟ କାରଣ ଦର୍ଶାଯାଉଥିବା ନେଇ ମଧ ସେ ଉଲ୍ଲେଖ କରିଛନ୍ତି । ତଦନ୍ତର ତ୍ରୁଟିକୁ ଲୁଚାଇବା ପାଇଁ ଏଭଳି ସର୍ଟକଟ୍ ବ୍ୟବହାର ହେଉଛି କି ନାହିଁ, ତାହା ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ ବୋଲି ସେ କହିଛନ୍ତି । ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ଉପରେ କିଛି ଯୁବ ଆଇପିଏସ୍ ଅଧିକାରୀଙ୍କ ଆକ୍ରମଣାତ୍ମକ ଆଚରଣକୁ ନେଇ ମଧ ଜଷ୍ଟିସ୍ ଭୂୟାଁ ଚିନ୍ତା ପ୍ରକାଶ କରିଛନ୍ତି । ଜଣେ ବୃତ୍ତିଗତ ପୁଲିସ ଅଧିକାରୀ ଏତେ ଉତ୍ତେଜିତ ହେବା ଉଚିତ୍ ନୁହେଁ ବୋଲି ସେ କହିଛନ୍ତି । ତାଙ୍କ ମତରେ, ଅପରାଧ ଯେତେ ବଡ଼ ହୋଇଥିଲେ ମଧ ଆଇନଗତ ପ୍ରକ୍ରିୟା ବିନା କାହାର ଜୀବନ ନେବାର ଅଧିକାର ଭାରତୀୟ ସମ୍ବିଧାନ ଦିଏ ନାହିଁ।

## ବିଧାୟକ ଓ ସାଂସଦଙ୍କୁ ମିଳିବ ଅଗ୍ରଗତି ରିପୋର୍ଟ

### ପୂର୍ତ୍ତ ବିଭାଗ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଜାରି



ଭୁବନେଶ୍ୱର,୧୯।୯: ନିଜ ଦଳର ସରକାର ଥାଇ ମଧ ନିର୍ବାଚନ ମଣ୍ଡଳୀର ବିକାଶମୂଳକ କାର୍ଯ୍ୟରେ ଅବହେଳା, ବିଳମ୍ବ ଓ ନିମ୍ନମାନର ନିର୍ମାଣକୁ ନେଇ ଶାସକ ବିଜେପିର ତିନି ସାଂସଦ ଖୋଲାଖୋଲି କ୍ଷୋଭ ବ୍ୟକ୍ତ କରିବା ଘଟଣା ନିକଟରେ ବିଭିନ୍ନ ମହଲରେ ଚର୍ଚ୍ଚାକୁ ଆସିଥିଲା। ବିରୋଧୀ ଦଳର ସମାଲୋଚନା ଓ ନିଜ ଦଳ ଭିତରେ ଅସନ୍ତୋଷ ସହ ରାଜନୈତିକ ଚର୍ଚ୍ଚା ଜୋର୍ ଧରିଥିଲା। ଏହା ପରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ଏହି ସମସ୍ତ ପ୍ରସଙ୍ଗର ବିସ୍ତୃତ ସମୀକ୍ଷା କରିଛନ୍ତି। ଦଳର ୩ ସାଂସଦ ଉଠାଇଥିବା ଆପତ୍ତି ସମ୍ପର୍କରେ ସେମାନଙ୍କୁ ଆସନ୍ତା ୮ଦିନ ମଧରେ ଅବଗତ କରାଯିବା ସହ ଏଣିକି ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଚାଲିଥିବା ସମସ୍ତ ଉନ୍ନୟନମୂଳକ ପ୍ରକଳ୍ପର ସଦ୍ୟତମ ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସ୍ଥାନୀୟ ବିଧାୟକ ଓ ସାଂସଦମାନଙ୍କୁ ପ୍ରତି ମାସରେ ନିୟମିତ ଭାବେ ରିପୋର୍ଟ ପ୍ରଦାନ କରିବାକୁ ପୂର୍ତ୍ତ ବିଭାଗର ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି। ସମୀକ୍ଷା ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ବ୍ରହ୍ମପୁର ଗେଟ୍ ବଜାର ଫ୍ଲାଏ ଓଭର ନିର୍ମାଣକୁ ନେଇ ବ୍ରହ୍ମପୁର ସାଂସଦ ଯେଉଁ ଚିଠି ଲେଖିଥିଲେ ସେ ସମ୍ପର୍କରେ ଆଲୋଚନା ହୋଇଛି। ଏହି ପ୍ରକଳ୍ପର ଗୁଣବତ୍ତା ପରୀକ୍ଷା ପାଇଁ ପୂର୍ବରୁ ଓବିସିସି ପକ୍ଷରୁ ଚାରି ଥର ଯାଂଚ କରାଯାଇଛି ଓ ସମସ୍ତ ରିପୋର୍ଟ ସନ୍ତୋଷଜନକ ଆସିଛି। ତଥାପି ସାଂସଦଙ୍କ ଚିନ୍ତାକୁ ଗୁରୁତ୍ୱ ଦେଇ ବିଭାଗର କ୍ୱାଲିଟି କଣ୍ଟ୍ରୋଲ୍ ୱିଙ୍ଗ୍ ଦ୍ୱାରା ପଂଚମ ଥର ପାଇଁ ସ୍ୱତନ୍ତ୍ର ମାନ ପରୀକ୍ଷା କରାଯିବ। ଯଦି କୌଣସି ଅନିୟମିତତା ବା ତ୍ରୁଟି ଦେଖାଯାଏ, ତେବେ ତଳସ୍ତରର ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି କାର୍ଯ୍ୟନିର୍ବାହୀ ଏଜେନ୍ସି ପର୍ଯ୍ୟନ୍ତ କାହାକୁ ଛଡ଼ା ଯିବନାହିଁ ଏବଂ ସମସ୍ତଙ୍କୁ ଦଣ୍ଡିତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଚେତାବନୀ ଦେଇଛନ୍ତି।

### ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର

- ୨୨ରେ ଅଧିକ ଘନୀଭୂତ ହୋଇପାରେ ଅବପାତ
- ବାତ୍ୟା ରୂପ ନେଲେ ନାମ ହେବ ‘ଅର୍ଣ୍ଣବ’

ଭୁବନେଶ୍ୱର,୧୯।୯: ଶନିବାର ସନ୍ଧ୍ୟାରେ ଉତ୍ତର ଆଣ୍ଡାମାନ ସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା କ୍ରମଶଃ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହ ଘନୀଭୂତ ହୋଇ ୨୧ରେ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଅବପାତ ଏବଂ ୨୨ ତାରିଖ ବେଳକୁ ଆହୁରି ଅଧିକ ଘନୀଭୂତ ହୋଇ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହି ଘୂର୍ଣ୍ଣିବଳୟ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି ଜାରି ରଖି ୨୩ ତାରିଖ ସକାଳ ବେଳକୁ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ନିକଟ ପଶ୍ଚିମ-କେନ୍ଦ୍ରୀୟ ତଥା ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ପହଞ୍ଚିବ। ବାତ୍ୟା ସମ୍ପର୍କରେ ଆଇଏମ୍‌ଡି ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ଦେଇ ନାହିଁ। ଯଦି ଲଘୁଚାପ ଅଧିକ ଘନୀଭୂତ ହୋଇ ବାତ୍ୟା ରୂପ ନିଏ ତେବେ ଏହାର ନାମ ‘ଅର୍ଣ୍ଣବ’ ରହିବ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ କହିବାନୁଯାୟୀ ୨୦ ତାରିଖ ସକାଳ ସୁଦ୍ଧା କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ରାୟଗଡ଼ା, କୋରାପୁଟ ପ୍ରଭୃତି ଜିଲ୍ଲାର କିଛି ସ୍ଥାନ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି ।

## ଆରମ୍ଭ ହେଲା ୨୦ତମ ଏସୀୟ କ୍ରୀଡ଼ା ମହାକୁମ୍ଭ

### ★ ଜାପାନ ସମ୍ରାଟ ନାରୁହିତୋଙ୍କ ଦ୍ୱାରା ଶୁଭାରମ୍ଭ ★ ଭାରତରୁ ୫୦୧ ଜଣିଆ ଟିମ୍



ନାଗୋୟା,୧୯।୯: ଶନିବାର ନାଗୋୟାସ୍ଥିତ ମିଜୁହୋ ପାର୍କ ଆଥଲେଟିକ୍ ଷ୍ଟାଡିୟମ୍‌ରେ ଏକ ରଙ୍ଗାରଙ୍ଗ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ଉଦ୍ଘାଟନୀ ଉତ୍ସବ ସହିତ ୨୦ତମ ଏସୀୟ କ୍ରୀଡ଼ା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଏହା ଅକ୍ଟୋବର ୪ ପର୍ଯ୍ୟନ୍ତ ଚାଲିବ। ସମ୍ରାଜ୍ଞୀ ମାସାକୋ, ଜାପାନୀ ରାଜ ପରିବାରର ସଦସ୍ୟ, ଅଲିମ୍ପିକ୍ କାଉନସିଲ୍ ଅଫ୍ ଏସିଆର ସଭାପତି ଶେଖ୍ ଜୋଆନ୍ ବିନ୍ ହମାଦ୍ ଅଲ୍ ଥାନି ଏବଂ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ସଭାପତି କିର୍ଷ୍ଟି କୋଭେଣ୍ଟ୍ରିଙ୍କ ଉପସ୍ଥିତିରେ ଜାପାନର ସମ୍ରାଟ ନାରୁହିତୋ ଏହି କ୍ରୀଡ଼ାର ଆନୁଷ୍ଠାନିକ ଶୁଭାରମ୍ଭ ଘୋଷଣା କରିଥିଲେ। ଏହି କ୍ରୀଡ଼ା ମହାକୁମ୍ଭରେ ଭାରତରୁ ୫୦୧ ଜଣିଆ ଟିମ୍ ଭାଗ ନେଉଛି। ଅଲିମ୍ପିକ୍ କାଉନସିଲ୍ ଅଫ୍ ଏସିଆ ଅନୁଯାୟୀ, ପ୍ରତି ଚାରି ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ଏହି କ୍ରୀଡ଼ା ପ୍ରତିଯୋଗିତାରେ ୧୭,୦୦୦ରୁ ଅଧିକ ଖେଳାଳି ଓ ଅଧିକାରୀ ଅଂଶଗ୍ରହଣ କରୁଛନ୍ତି। ଏଥିରେ ଜାପାନ ନିଜର ସର୍ବବୃହତ୍ ଦଳ (୯୩୨ ଜଣ ଖେଳାଳି) ପଠାଇଛି ଏବଂ ୧୯୬୬ ମସିହାରେ ବ୍ୟାଙ୍କକ୍‌ରେ ହାସଲ କରିଥିବା ୭୮ଟି ସ୍ୱର୍ଣ୍ଣ ପଦକର ରେକର୍ଡକୁ ଅତିକ୍ରମ କରିବାକୁ ଲକ୍ଷ୍ୟ ରଖିଛି।୧୯୫୮ ମସିହାରେ ଟୋକିଓ ଏବଂ ୩୨ ବର୍ଷ ପୂର୍ବେ ହିରୋସିମା ପରେ, ଜାପାନ ତୃତୀୟ ଥର ପାଇଁ ଏହି କ୍ରୀଡ଼ା ଆୟୋଜନ କରୁଛି। ଏଥିରେ ସେପାକ୍ ଟାକ୍ରୋ ଓ କବାଡ଼ି ଭଳି ଅଣ-ଅଲିମ୍ପିକ୍ ଖେଳ ସହିତ ଇ-ସ୍ପୋର୍ଟସ୍ ମଧ ପ୍ରଦର୍ଶିତ ହେଉଛି।

### ଅକ୍ଟୋବରରେ ଖୋଲିପାରେ ଶ୍ରୀଗୁଣ୍ଡିଚା ମନ୍ଦିର

ପୁରୀ,୧୯।୯(ନିପ୍ର): ଖୁବ୍‌ଶୀଘ୍ର ଖୋଲିବ ଶ୍ରୀଗୁଣ୍ଡିଚା ମନ୍ଦିର। ସମ୍ଭବତଃ ଆସନ୍ତା ଅକ୍ଟୋବରରୁ ଭକ୍ତଙ୍କ ପାଇଁ ଖୋଲାଯିବ ଶ୍ରୀଗୁଣ୍ଡିଚା ମନ୍ଦିର। ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଶେଷ କରାଯିବ। ଶ୍ରୀଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିବା ପରେ ଏହି ସୂଚନା ଦେଇଛନ୍ତି ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ।ମୁଖ୍ୟ ପ୍ରଶାସକ କହିଛନ୍ତି ଶ୍ରୀଗୁଣ୍ଡିଚା ମନ୍ଦିରକୁ ପ୍ରବେଶ ଶୁଳ୍କ ମାତ୍ର ୧୦ ଟଙ୍କା ରହିବ। ୮୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ, ଛୋଟ ଶିଶୁଙ୍କ ପାଇଁ ଏହି ପ୍ରବେଶ ଶୁଳ୍କ ଲାଗୁ ହେବ ନାହିଁ। ଭକ୍ତମାନେ କେବଳ ଏବେ ଆଡ଼ପ ମଣ୍ଡପକୁ ଦର୍ଶନ କରିପାରିବେ। ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ସ୍ଥାନ ବୁଲିବା ପାଇଁ ଅନୁମତି ଦିଆଯିବ। ଭକ୍ତଙ୍କ ସୁବିଧା ପାଇଁ ପର୍ଯ୍ୟାପ୍ତ ପାନୀୟ ଜଳ ବ୍ୟବସ୍ଥା, ଟିକେଟ କାଉଣ୍ଟର, ଜୋତା ଷ୍ଟାଣ୍ଡ ବ୍ୟବସ୍ଥା ରହିବ। ଜୋତା ଷ୍ଟାଣ୍ଡ ଏବଂ ମୋବାଇଲ୍ ଷ୍ଟାଣ୍ଡ ଭକ୍ତଙ୍କ ପାଇଁ ସମ୍ପୂର୍ଣ୍ଣ ନିଃଶୁଳ୍କ ରହିବ। ଗୁଣ୍ଡିଚା ମନ୍ଦିରକୁ ସମ୍ପୂର୍ଣ୍ଣ ସିସିଟିଭି ବଳୟରେ ରଖାଯିବ।


## ଏଲପିଜି ସିଲିଣ୍ଡର ବୁକିଂ ପାଇଁ ଜରୁରୀ ବାୟୋମେଟ୍ରିକ୍ ଆଧାର ପ୍ରମାଣୀକରଣ



ନୂଆଦିଲ୍ଲୀ,୧୯।୯: ଶନିବାର ସରକାରଙ୍କ ଏକ ବିଜ୍ଞପ୍ତି ଅନୁଯାୟୀ, ୧ ଅକ୍ଟୋବର ୨୦୨୬ରୁ ସବସିଡିଯୁକ୍ତ ଏଲପିଜି ସିଲିଣ୍ଡର ବୁକିଂ ଜାରି ରଖିବା ପାଇଁ ଦେଶବ୍ୟାପୀ ଘରୋଇ ଗ୍ୟାସ୍ ଗ୍ରାହକମାନଙ୍କୁ ବାୟୋମେଟ୍ରିକ୍ ଆଧାର ପ୍ରମାଣୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ପଡ଼ିବ ।ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିବୃତି ଅନୁସାରେ, ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ସବସିଡିଯୁକ୍ତ ରୋଷେଇ ଗ୍ୟାସ୍ ଯେପରି ପ୍ରକୃତ ଘରୋଇ ପରିବାର ନିକଟରେ ପହଞ୍ଚିବ ଏବଂ ବାଣିଜ୍ୟିକ କିମ୍ବା ଶିଳ୍ପ କ୍ଷେତ୍ରରେ ବ୍ୟବହାର ପାଇଁ ଅନ୍ୟତ୍ର ବ୍ୟବହୃତ ହେବ ନାହିଁ, ତାହା ସୁନିଶ୍ଚିତ କରିବା। ଏହା ସହିତ, ଏହା ନକଲି ଏବଂ ଅଯୋଗ୍ୟ ସଂଯୋଗଗୁଡ଼ିକୁ ଚିହ୍ନଟ କରି ବାଦ୍ ଦେବାରେ ମଧ ସହାୟକ ହେବ।

# ଭୂଦାନ ଓ ଗ୍ରାମଦାନ ଜମି: ଜାରି ହେଲା ପ୍ରାମାଣିକ ଡିଜିଟାଲ୍ ଡାଟାବେସ୍ ପାଇଁ ଏସ୍‌ଓପି

## ପ୍ରଶାସନିକ ଓ ଆଇନଗତ ଜଟିଳତା ସ୍ଥାୟୀ ସମାଧାନ ଲାଗି ପଦକ୍ଷେପ



ଭୁବନେଶ୍ୱର,୧୯।୯: ଭୂଦାନ ଓ ଗ୍ରାମଦାନ ଜମିର ଐତିହାସିକ ରେକର୍ଡକୁ ସୁରକ୍ଷିତ କରିବା, ବର୍ତ୍ତମାନର ରେକର୍ଡ ଅଫ୍ ରାଇଟ୍ସ (ପଟ୍ଟା/ଆରଓଆର୍) ସହ ତାହାକୁ ସମନ୍ୱିତ କରିବା ଏବଂ ଏହି ଜମି ସମ୍ପର୍କିତ ପ୍ରଶାସନିକ ଓ ଆଇନଗତ ଜଟିଳତାର ସ୍ଥାୟୀ ସମାଧାନ ଦିଗରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକ ସମୟବଦ୍ଧ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିପାଇଁ ଭୂଦାନ ଓ ଗ୍ରାମଦାନ ଜମିର ରାଜ୍ୟବ୍ୟାପୀ ପ୍ରାମାଣିକ ଡିଜିଟାଲ୍ ଡାଟାବେସ୍ ପ୍ରସ୍ତୁତି ନିମନ୍ତେ ମାନକ କାର୍ଯ୍ୟପ୍ରଣାଳୀ (ଏସଓପି)-୨୦୨୬ କାର୍ଯ୍ୟକାରୀ କରାଯାଇଛି। ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଆରଡିସି, ରାଜସ୍ୱ ପର୍ଷଦର ସଚିବ ଏବଂ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଜାରି କରିଛନ୍ତି । ବିଭିନ୍ନ ସ୍ଥାନରେ ଭୂଦାନ ଜମିର ସଠିକ୍ ଓ ପ୍ରାମାଣିକ ରେକର୍ଡ ଉପଲବ୍ଧ ନଥିବା ଏବଂ ଏକୀକୃତ ଡାଟାବେସ୍ ନଥିବାରୁ ବିଭିନ୍ନ ଆଇନଗତ ଓ ପ୍ରଶାସନିକ ଜଟିଳତା ସୃଷ୍ଟି ହୋଇଆସୁଥିଲା ଭୂଦାନ ଜମି ହସ୍ତାନ୍ତର ଉପରେ ଆଇନଗତ ପ୍ରତିବନ୍ଧକ ଥିବା ସତ୍ତ୍ୱେ କେତେକ ସ୍ଥାନରେ ଅନଧିକୃତ ବାଣିଜ୍ୟିକ ଦଖଲ ଓ ବେଆଇନ ହସ୍ତାନ୍ତର ଭଳି ଅନିୟମିତତା ରହିଥିବା ରାଜସ୍ୱ ବିଭାଗର ଦୃଷ୍ଟିଗୋଚର ହୋଇଛି ।ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ଏହି ସମୟବଦ୍ଧ ମିଶନ୍ ଅଧୀନରେ ରାଜ୍ୟର ସମସ୍ତ ଭୂଦାନ ଜମିର ପ୍ରାମାଣିକ ଓ ସନ୍ଧାନଯୋଗ୍ୟ ଡିଜିଟାଲ୍ ଡାଟାବେସ୍ ପ୍ରସ୍ତୁତ କରାଯିବ। ଏହି ଡାଟାବେସ୍ ପାଇଁ ପୁରୁଣା ଐତିହାସିକ ରେକର୍ଡର ସୁରକ୍ଷା ଓ ତାହାର ଡିଜିଟାଇଜେସନ୍‌କୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ଡିଜିଟାଲ୍ ଡାଟାବେସ୍‌ର ଅନ୍ତିମ ପ୍ରସ୍ତୁତି ନ ହେବା ପର୍ଯ୍ୟନ୍ତ ଭୂଦାନ ଜମି ସମ୍ପର୍କିତ ସମସ୍ତ ପଞ୍ଜୀକରଣ ଓ ମ୍ୟୁଟେସନ୍ କାର୍ଯ୍ୟକୁ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ କଠୋର ଭାବେ ନିଷିଦ୍ଧ କରାଯାଇଛି। ସମ୍ପୃକ୍ତ ସମସ୍ତ ରାଜସ୍ୱ କର୍ତ୍ତୃପକ୍ଷଙ୍କୁ ଏସଓପି ଅନୁଯାୟୀ କାର୍ଯ୍ୟ କରି ଡାଟାବେସ୍ ପ୍ରସ୍ତୁତିରେ ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଜିଲ୍ଲାପାଳମାନଙ୍କୁ କାର୍ଯ୍ୟାଳୟ ପରିସରରେ ଭୂଦାନ ଯଜ୍ଞ ସମିତିର ସ୍ଥାନୀୟ କମିଟିଗୁଡ଼ିକ ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟ ସ୍ଥାନ ଓ ସୁରକ୍ଷିତ ରେକର୍ଡ ସଂରକ୍ଷଣ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡିଜିଟାଇଜେସନ୍ ଆରମ୍ଭ ପୂର୍ବରୁ ଅନୁମୋଦିତ ଅଧିକାରୀଙ୍କ ମାଧ୍ୟମରେ ଏହି ଐତିହାସିକ ରେକର୍ଡଗୁଡ଼ିକୁ ଆନୁଷ୍ଠାନିକ ଭାବେ ପ୍ରଶାସନର ହେପାଜତକୁ ନିଆଯିବ। ଏହି ମିଶନ୍‌ର ସଫଳ କାର୍ଯ୍ୟାନ୍ୱୟନ ପାଇଁ ବିଭିନ୍ନ ସ୍ତରରେ ଦାୟିତ୍ୱ ନିର୍ଦ୍ଧାରଣ କରାଯାଇଛି। ଓଡ଼ିଶା ଭୂଦାନ ଯଜ୍ଞ ସମିତି (ଓବିୱାଇଏସ) ସୁରକ୍ଷିତ ପ୍ରଶାସନିକ ହେପାଜତରେ ଥିବା ସମସ୍ତ ପ୍ରାଥମିକ ଐତିହାସିକ ଓ ଆଇନସମ୍ମତ ରେକର୍ଡର ଡିଜିଟାଇଜେସନ୍ କରିବ। ଏନଆଇସି ଭୂମି ରେକର୍ଡ ପରିଚାଳନା ବ୍ୟବସ୍ଥା ସହ ସମନ୍ୱିତ ଏକ ସ୍ୱତନ୍ତ୍ର ଅନଲାଇନ୍ ପୋର୍ଟାଲ୍ ବିକଶିତ କରିବ ଏବଂ କେନ୍ଦ୍ରୀକୃତ ଡାଟାବେସ୍ ପ୍ରସ୍ତୁତ କରିବ। ଏହା ମାଧ୍ୟମରେ ଭୂଲେଖରୁ ଆବଶ୍ୟକ ତଥ୍ୟ ମଧ ସହଜରେ ଉପଲବ୍ଧ ହୋଇପାରିବ। ତହସିଲଦାରମାନେ ଏହି ପ୍ରକ୍ରିୟାର ପ୍ରମୁଖ କାର୍ଯ୍ୟକାରୀ ଅଧିକାରୀ ଭାବେ କାର୍ଯ୍ୟ କରିବେ। ସେମାନେ ଉପଲବ୍ଧ ଭୂଦାନ ରେଜିଷ୍ଟର ଓ ଡିଜିଟାଇଜ୍ ହୋଇଥିବା ଭୂଦାନ ରେକର୍ଡକୁ ଭୂଲେଖ ଡାଟାବେସ୍ ସହ ତୁଳନା ଓ ସମନ୍ୱୟ କରି ଭୂଦାନ ପାର୍ଶଲ ରେଜିଷ୍ଟାର ପ୍ରସ୍ତୁତ କରିବେ। ସେହିପରି ଉପଜିଲ୍ଲାପାଳମାନେ ତହସିଲ୍ ସ୍ତରର ପ୍ରଗତିକୁ ସିଧାସଳଖ ତଦାରଖ କରିବେ, ଜିଲ୍ଲାପାଳମାନେ ସମଗ୍ର ଜିଲ୍ଲାସ୍ତରୀୟ କାର୍ଯ୍ୟକୁ ତଦାରଖ ଓ ସମନ୍ୱୟ କରିବେ ଏବଂ ଆରଡିସିମାନେ ନିୟମିତ ଭାବେ, ଅନ୍ତତଃ ମାସକୁ ଥରେ, ବିଭାଗୀୟ ପ୍ରଗତିର ସମୀକ୍ଷା କରିବେ।

CMYK



## ଉତ୍କଳୀୟ ସଂସ୍କୃତିର ଶାଶ୍ୱତ ମହାର୍ଘ୍ୟ

# ଖୁଦୁରୁକୁଣୀ

ସାଂସ୍କୃତିକ ବୈଭବ ଓ ଆଧାତ୍ମିକ ଚେତନାର ପୁଣ୍ୟତୋୟା ସଙ୍ଗମସ୍ଥଳୀ ହେଉଛି ଆମର ଉତ୍କଳ ଭୂମି। ଏହି ମାଟିର ପର୍ବପର୍ବାଣି କେବଳ ବାହ୍ୟ ଉତ୍ସବର କୋଳାହଳ ନୁହେଁ, ବରଂ ପ୍ରତ୍ୟେକଟି ଉପବାସ ଓ ଆରାଧନା ପଛରେ ନିହିତ ଥାଏ ଗଭୀର ମାନବୀୟ ସମ୍ବେଦନା, ସାମାଜିକ ଅଙ୍ଗୀକାରବଦ୍ଧତା ତଥା ନୈତିକ ଜୀବନଦର୍ଶନର ଅପୂର୍ବ ସମନ୍ୱୟ। ଭାଦ୍ରବର ପବିତ୍ର ରବିବାର ଗୁଡ଼ିକରେ କୁମାରୀମାନଙ୍କ ଦ୍ୱାରା ଅନୁଷ୍ଠିତ 'ଖୁଦୁରୁକୁଣୀ ଓଷା' ବା 'ଭାଲୁକୁଣୀ ପୂଜା' ପ୍ରାଚୀନ କଳିଙ୍ଗର ଗୌରବୋଜ୍ଜ୍ୱଳ ନୌବାଣିଜ୍ୟ ଐତିହ୍ୟ, ପାରିବାରିକ ସ୍ନେହ-ସୌହାର୍ଦ୍ଦ୍ୟ ଏବଂ ନିରଳସ ଭକ୍ତିର ଏକ ଅନନ୍ୟ ଜୀବନ୍ତ ଦସ୍ତାବିଜ।

**ଐତିହାସିକ ପୃଷ୍ଠଭୂମି ଓ କାଳଜୟୀ ଉପାଖ୍ୟାନ:** ଖୁଦୁରୁକୁଣୀ ଓଷାର ମୂଳ ଭିତ୍ତି ପ୍ରାଚୀନ କଳିଙ୍ଗର ସାଧବ ପରମ୍ପରା ଓ 'ତଅପୋଇ'ର କରୁଣ ଆଖ୍ୟାୟିକା ସହିତ ଅଭିନ୍ନ ଭାବେ ଜଡ଼ିତ।

**କିମ୍ବଦନ୍ତୀ ଅନୁଯାୟୀ ଏହାର ମୁଖ୍ୟ ଘଟଣାକ୍ରମ ନିମ୍ନଲିଖିତ:** ସାଧବ କୁଳର ଏକମାତ୍ର କନ୍ୟା: ଧନବନ୍ତ ସାଧବ ଘରର ସାତ ପୁଅଙ୍କ ଗେହ୍ଲୀ ଭଉଣୀ ଥିଲେ ତଅପୋଇ। ଅତି ଅଳିଅଳରେ ବଢ଼ି ସୁନା ଚାନ୍ଦ ଚାହିଁବା ଏବଂ ପରେ ପିତାମାତାଙ୍କ ବିୟୋଗ ତାଙ୍କ ଜୀବନର ପ୍ରଥମ ବିପର୍ଯ୍ୟୟ ଥିଲା।ଭ୍ରାତୃବୃନ୍ଦଙ୍କ ଦୂର ଦେଶ ଯାତ୍ରା: ସାତ ଭାଇ ବୋଇତ ନେଇ ବାଣିଜ୍ୟ ପାଇଁ ସୁଦୂର ସିଂହଳ, ଜାଭା ଓ ସୁମାତ୍ରା ଯାତ୍ରା କରିବା ପରେ ସାତ ଭାଉଜଙ୍କ ତତ୍ତ୍ୱାବଧାନରେ ତଅପୋଇ ରହିଲେ।

**କୁଟିଳା ବ୍ରାହ୍ମଣୀର କୁଚକ୍ରାନ୍ତ ଓ ନିର୍ଯାତନା:** କୁଟିଳା ବିଧବା ବ୍ରାହ୍ମଣୀର କୁମନ୍ତ୍ରଣାରେ ପଡ଼ି ଛଅ ବଡ଼ ଭାଉଜ ତଅପୋଇଙ୍କ ଉପରେ ଅକଥନୀୟ ଅତ୍ୟାଚାର କଲେ। ତାଙ୍କୁ ଘରୁ ତଡ଼ି ଛେଳି ଚରାଇବାକୁ ପଠାଗଲା ଏବଂ ଖାଇବାକୁ ଦିଆଗଲା କେବଳ କୁଣ୍ଡା ଓ ତୋରାଣି। କେବଳ ସାନଭାଉଜ ତାଙ୍କ ପ୍ରତି ଦରଦୀ ଥିଲେ। ମା' ମଙ୍ଗଳାଙ୍କ ଆରାଧନା: 'ଘରମଣି' ନାମକ ଛେଳି ହଜିଯିବାରୁ ଭୟଭୀତ ତଅପୋଇ ଜଙ୍ଗଲରେ ବାଲୁକା ମୂର୍ତ୍ତି ଗଢ଼ି ପୂଜା କରୁଥିବା କୁମାରୀମାନଙ୍କୁ ଦେଖିଲେ। ନିଜ ଅଞ୍ଚଳରେ ମିଳିଥିବା ସାମାନ୍ୟ ଖୁଦଭଜା, କାକୁଡ଼ି ଓ ଲିଆ ଅର୍ପଣ କରି ସେ ମା' ମଙ୍ଗଳାଙ୍କୁ ଅଶ୍ରୁପୂର୍ଣ୍ଣ ନୟନରେ ପ୍ରାର୍ଥନା କଲେ। ଦୁଃଖର ଅନ୍ତ ଓ ନ୍ୟାୟ ପ୍ରତିଷ୍ଠା: ମା'ଙ୍କ କୃପାରୁ ଛେଳି ମିଳିଲା ଏବଂ ଅଳ୍ପଦିନ ପରେ ବୋଇତ ଫେରାଇ ଭାଇମାନେ ଫେରିଆସିଲେ। ନଦୀତୁଠରେ ଭଉଣୀର ଦୁର୍ଦ୍ଦଶା ଦେଖି କ୍ରୋଧାନ୍ୱିତ ଭାଇମାନେ ତଅପୋଇ ହାତରେ ଛୁରୀ ଦେଇ ଛଅ କୁଟିଳ ଭାଉଜଙ୍କ ନାକ କାଟି ଦଣ୍ଡ ଦେଲେ ଏବଂ ସ୍ନେହମୟୀ ସାନଭାଉଜଙ୍କୁ ଉଚିତ ସମ୍ମାନ ପ୍ରଦାନ କଲେ।

**ଖୁଦୁରୁକୁଣୀ ଓଷାର ଦାର୍ଶନିକ ତତ୍ତ୍ୱ:** ଖୁଦୁରୁକୁଣୀ ଓଷା ଭାରତୀୟ ସନାତନ ଦର୍ଶନର 'ଭକ୍ତିରେ ହିଁ ମୁକ୍ତି' ତତ୍ତ୍ୱକୁ ପ୍ରତିପାଦନ କରେ। ଭଗବାନ ଆଡ଼ମ୍ବର, ମୂଲ୍ୟବାନ ଉପଚାର ବା ସ୍ୱର୍ଣ୍ଣ ଅଳଙ୍କାରରେ ସନ୍ତୁଷ୍ଟ ହୁଅନ୍ତି ନାହିଁ; ତାଙ୍କ ପାଇଁ ଶ୍ରଦ୍ଧାପୂର୍ଣ୍ଣ ଆତ୍ମସମର୍ପଣ ହିଁ ସର୍ବୋପରି। ତଅପୋଇର ନିଷ୍ପାପ ହୃଦୟରୁ ସମର୍ପିତ ସାମାନ୍ୟ 'ଖୁଦଭଜା' ମା' ଜଗତ୍‌ଜନନୀଙ୍କୁ ଆକୃଷ୍ଟ କରିଥିଲା। ଏହି ଦର୍ଶନ ପ୍ରମାଣ କରେ ଯେ ନିଷ୍କାମ ପ୍ରାର୍ଥନା ଓ ସରଳ ବିଶ୍ୱାସ ଆଗରେ ବାହ୍ୟ ଜାକଜମକ ସମ୍ପୂର୍ଣ୍ଣ ତୁଚ୍ଛ।

**ମାନବୀୟ ସମ୍ବେଦନଶୀଳତାର ଏକ ଅନନ୍ୟ ନିଦର୍ଶନ:** ନିଃସ୍ୱାର୍ଥପର ଭ୍ରାତୃପ୍ରେମ: ଅସହ୍ୟ ନିର୍ଯାତନା ମଧ୍ୟରେ ମଧ୍ୟ ତଅପୋଇ ନିଜ ଭାଇମାନଙ୍କ ନିରାପଦ ପ୍ରତ୍ୟାବର୍ତ୍ତନ ଓ ଶୁଭ ମନାସିଥିଲେ। ସହାନୁଭୂତିର ଶକ୍ତି: ସମାଜରେ ଯେତେବେଳେ କ୍ରୂରତା ବ୍ୟାପେ, ସେତେବେଳେ ସାନଭାଉଜଙ୍କ ପରି କୋମଳ ହୃଦୟର ବ୍ୟକ୍ତି ହିଁ ଆଶ୍ୱାସନାର ଆଲୋକ ବର୍ତ୍ତିକା ସାଜନ୍ତି।

ନାରୀର ସହନଶୀଳତା ଓ ଧୈର୍ଯ୍ୟ: ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ନ ପଡ଼ି ଧୈର୍ଯ୍ୟର ସହ ବିପଦର ମୁକାବିଲା କରିବା ଏହାର ପ୍ରମୁଖ ମାନବୀୟ ବାର୍ତ୍ତା।ନୈତିକ ତଥା ଆଚରଣଗତ ମୂଲ୍ୟବୋଧ :କର୍ମଫଳର ଅବଶ୍ୟମ୍ଭାବୀ ନ୍ୟାୟ: 'ଯାଦୃଶୀ ଭାବନା ଯସ୍ୟ ସିଦ୍ଧିର୍ଭବତି ତାଦୃଶୀ' ଛଅ ଭାଉଜଙ୍କ କୁକର୍ମ ଓ ଅହଂକାର ତାଙ୍କୁ ଲଜ୍ଜାଜନକ ଦଣ୍ଡ ଦେଇଥିବା ବେଳେ ସାନଭାଉଜଙ୍କ ନିଷ୍କପଟ ସ୍ନେହ ତାଙ୍କୁ ଆଦରଣୀୟ କରିଥିଲା।

କୁସଙ୍ଗର ଭୟାବହତା: କୁଟିଳା ବ୍ରାହ୍ମଣୀର ଚାଟୁକାରିତା ଓ କୁମନ୍ତ୍ରଣା ଏକ ସୁସଂଗଠିତ ପରିବାରରେ କିପରି ବିଷ ମଞ୍ଜି ବୁଣିପାରେ, ତାହା ଏଥିରୁ ସ୍ପଷ୍ଟ ହୁଏ। ପରଶ୍ରୀକାତରତା ଓ ଈର୍ଷା ସର୍ବଦା ବିନାଶର କାରଣ।ସାମାଜିକ ମୂଲ୍ୟବୋଧ :ଭଉଣୀ-ଭାଇର ସମ୍ପର୍କ: ପରିବାର ମଧ୍ୟରେ ଭାଇଭଉଣୀଙ୍କ ସ୍ନେହ-ସୁରକ୍ଷାର ବନ୍ଧନକୁ ଦୃଢ଼ କରେ।ସାମୂହିକ ଏକତା: ଗ୍ରାମର ସମସ୍ତ କୁମାରୀ କନ୍ୟା ଏକତ୍ର ହୋଇ ଫୁଲ ତୋଳିବା, କୋଠି ଝୋଟି ପକାଇବା ଓ ବନ୍ଦାପନା କରିବା ଦ୍ୱାରା ସାମାଜିକ ସୌହାର୍ଦ୍ଦ୍ୟ ବୃଦ୍ଧି ପାଏ।ନାରୀ ସମ୍ମାନର ସୁରକ୍ଷା: କନ୍ୟା ସନ୍ତାନର ଯତ୍ନ ଓ ତାଙ୍କ ପ୍ରତି ହେଉଥିବା ଅନ୍ୟାୟ ବିରୁଦ୍ଧରେ ସାମାଜିକ ସଚେତନତା ସୃଷ୍ଟି କରେ। ଖୁଦୁରୁକୁଣୀ ଓଷା କେବଳ ଏକ ଲୌକିକ ପରମ୍ପରା ନୁହେଁ; ଏହା ଅନ୍ୟାୟ ଉପରେ ନ୍ୟାୟର, କପଟତା ଉପରେ ସରଳତାର ଏବଂ ଅହଂକାର ଉପରେ ଭକ୍ତିର ଚିରନ୍ତନ ବିଜୟର ପ୍ରତୀକ। ଏହା ଶିକ୍ଷା ଦିଏ ଯେ ଧନସମ୍ପତ୍ତି ଅପେକ୍ଷା ଚରିତ୍ରର ପବିତ୍ରତା ଓ ସମ୍ପର୍କର ନିବିଡ଼ତା ହିଁ ମାନବ ଜୀବନର ଶ୍ରେଷ୍ଠ ସମ୍ବଳ। ପ୍ରତିଟି ପ୍ରତିକୂଳ ରାତି ପରେ ନ୍ୟାୟର ଏକ ସୁନ୍ଦର ପ୍ରଭାତ ଅବଶ୍ୟ ଆସେ।ସମୟର ଦ୍ରୁତ ପରିବର୍ତ୍ତନ ଓ ଆଧୁନିକତାର ଅନ୍ଧ ବଳୟ ମଧ୍ୟରେ ଖୁଦୁରୁକୁଣୀ ଓଷାର ପ୍ରାସଙ୍ଗିକତା ଆଜି ମଧ୍ୟ ସମାନ ଭାବେ ଅମ୍ଳାନ।

**ମନୋଜ କୁମାର ଶତପଥି**
**ଭାପୁର, ନୟାଗଡ଼**
**ମୋ-୯୯୩୮୫୫୯୫୬୮**

# ଭାଗବତ ବାଣୀ ଜୀବନ ଦର୍ଶନ



ଭାରତୀୟ ସନାତନ ଧର୍ମ ହେଉଛି ଦେବତ୍ୱର ଧର୍ମ। ଏହାର ପବିତ୍ର ଗ୍ରନ୍ଥ ସମୂହ ଅମୃତ ସମାନ ଏବଂ ମାନବ ସମାଜର ଦିଗ୍‌ଦର୍ଶକ ଅଟନ୍ତି। ଏହି ପାବନ ଗ୍ରନ୍ଥ ମଧ୍ୟରୁ ସର୍ବଶ୍ରେଷ୍ଠ ହେଉଛନ୍ତି 'ଶ୍ରୀମଦଭାଗବତ ମହାପୁରାଣ'। ଯାହା ଭାବ, ଜ୍ଞାନ, ବୈରାଗ୍ୟ ଓ ତତ୍ତ୍ୱର ମାର୍ଗ ପ୍ରଦର୍ଶନ କରିବା ସହ ଜୀବନ ଦର୍ଶନର ଏକ ଉତ୍ତମ ନିଦର୍ଶନ। ଯାହାକୁ ଜଗତ ଜନଙ୍କ ମଙ୍ଗଳ ପାଇଁ କୃଷ୍ଣ ଦ୍ୱୈପାୟନ ବେଦବ୍ୟାସ, ସମସ୍ତ ଶାସ୍ତ୍ରର ନିର୍ଯ୍ୟାସକୁ ନେଇ ଏ ଗ୍ରନ୍ଥକୁ ସଂସ୍କୃତ ଭାଷାରେ ରଚନା କରିଥିଲେ। ଏହି ମହାପୁରାଣକୁ ଭଗବାନଙ୍କ ସାକ୍ଷାତ ସ୍ୱରୂପ ବୋଲି ମଧ୍ୟ କୁହାଯାଏ। ଯାହାକୁ ନିତ୍ୟ ପାଠ କରୁଥିଲେ ଭକ୍ତ ଏବଂ ବିଜ୍ଞ ଦାର୍ଶନିକ ତଥା ଓଡ଼ିଆର ସନ୍ଥ ଅତିବଡ଼ି ଜଗନ୍ନାଥ ଦାସ । ସେ ଓଡ଼ିଆ ଜାତିକୁ ଭକ୍ତି ଓ ଜୀବନ ଦର୍ଶନରେ ପ୍ରେରିତ କରିବା ନିମନ୍ତେ ଏହି ସଂସ୍କୃତ ଭାଗବତକୁ ଓଡ଼ିଆ ଭାଷାରେ ଭାବାନୁବାଦ କରିଥିଲେ । ସେବାଠାରୁ ଆଜିପର୍ଯ୍ୟନ୍ତ ଏହାର ବାଣୀ ଆଲୋକ ବର୍ତ୍ତିକା ହୋଇ ପଥ ପ୍ରଦର୍ଶନ କରି ଚାଲିଛି।

### ଓଡ଼ିଆ ଭାଗବତ: ଜାତିର ପ୍ରାଣସ୍ପନ୍ଦନ

ଓଡ଼ିଆ ଭାଗବତକୁ କିଛି ଲୋକ କେବଳ ଏକ ଧାର୍ମିକ ଗ୍ରନ୍ଥ ବୋଲି କହନ୍ତି, ପରନ୍ତୁ ଏହା ଓଡ଼ିଆ ଜାତିର ପ୍ରାଣସ୍ପନ୍ଦନ ଏବଂ ଏକ ମହାନ ଜୀବନ ଦର୍ଶନ। ଯାହା ଅତିସରଳ ଓ ସାର୍ବଜନୀନ ଭାଷାରେ ଜୀବନର ସତ୍ୟତାକୁ ନବାକ୍ଷରୀ ବୃତ୍ତ ବା ଗୁଜ୍ଜରୀ ରାଗରେ ରଚନା କରାଯାଉଛି। ଏହି ସରଳ ଛନ୍ଦ ଯୋଗୁଁ ଜଣେ ସାଧାରଣ ନିରକ୍ଷର ବ୍ୟକ୍ତି ମଧ୍ୟ ଏହାକୁ ସହଜରେ ମନେ ରଖିପାରିବ। ଯାହାଫଳରେ ସେ ଜୀବନର ଗଭୀର ତତ୍ତ୍ୱ ଓ ଜନ୍ମ-ମୃତ୍ୟୁର ରହସ୍ୟ ଏବଂ ସଂସାରର ନଶ୍ୱରତାକୁ ବୁଝିପାରିବ। ଏହି ଭାଗବତର ଅମୂଲ୍ୟ ବାଣୀ, ସମସ୍ତ ଶ୍ରେଣୀର ଲୋକଙ୍କ ହୃଦୟକୁ ଏଥିପାଇଁ ଛୁଇଁଥାଏ। ଏଥି ମଧ୍ୟରୁ ଗୋଟିଏ ହେଉଛି :- 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେହେଁ ମରଇ।' ଏହି ପଦଟି ମନେ ପକାଇଦିଏ ଯେ, ମରଜଗତରେ ମୃତ୍ୟୁ ଅନିବାର୍ଯ୍ୟ, ତେଣୁ ମଣିଷକୁ ଅହଂକାର, କ୍ରୋଧ, ଲୋଭ ଏବଂ ଈର୍ଷା ଭଳି ଖରାପ ଗୁଣରୁ ଦୂରେଇ ରହିବାକୁ ହେବ। ତାହାସହ ସମସ୍ତଙ୍କୁ ଉତ୍ତମ ବ୍ୟବହାର କରିବା କଥାକୁ ସୂଚାଇ ଥାଏ। କେବଳ ଦୁର୍ଗୁଣ ଓ ସୁଗୁଣ ବିଷୟରେ ସୀମିତ ରହିନାହିଁ ଏହାର ବାଣୀ, କିପରି କର୍ମ କରିବାକୁ ହେବ , କେଉଁ କର୍ମ କରିବା ଦ୍ୱାରା ମଣିଷ ତାର କେଉଁ ପ୍ରକାର ଫଳ ପାଇଥାଏ ତାହାକୁ ମଧ୍ୟ କୁହାଯାଇଛି:- 'ଯେସନେ କର୍ମ କରେ ପ୍ରାଣୀ, ତେସନେ ଫଳ ଦେବେ ଆଣି'। ଅର୍ଥାତ୍ - ଭଲ କାମ କଲେ ସୁଫଳ ଏବଂ ଖରାପ କାମ କଲେ କୁଫଳ ମିଳିବା ନିଶ୍ଚିତ। ଏହି ଦର୍ଶନ ମଣିଷକୁ ସମାଜରେ ପାପ କାମରୁ ନିବୃତ୍ତ ରହି ସତକର୍ମ କରିବା ପାଇଁ ପ୍ରେରଣା ଦେଇଥାଏ। ସେଭଳି 'ପୂର୍ବେ ଯେ ପ୍ରାଣୀ ଯାହା କରେ, ସେ କର୍ମ ଭୋଗେ ନିରନ୍ତରେ' ଏବଂ 'ପ୍ରାଣୀର ଭଲ ମନ୍ଦ ବାଣୀ ମରଣ କାଳେ ତାହା ଜାଣି '। ଏହାର ଅର୍ଥ ମନୁଷ୍ୟ ପୂର୍ବରୁ ଯେଉଁ କର୍ମ କରିଥାଏ, ତାର ପରିଣାମ ବା ଭୋଗ ତାକୁ ସର୍ବଦା ନିଶ୍ଚିତ ଭାବେ ଭୋଗିବାକୁ ପଡିଥାଏ ଏବଂ ବ୍ୟକ୍ତିର ମୃତ୍ୟୁ ହେବାପରେ ଇହ ଲୋକରେ ଲୋକମାନେ ତାର ବ୍ୟକ୍ତିତ୍ୱକୁ ନେଇ କଥା ହୋଇଥାନ୍ତି। ତେଣୁ ସର୍ବଦା ସତ୍ କର୍ମ କରିବା ସହିତ ନିଜର ସମସ୍ତ କର୍ମକୁ ଆଶା ବା ଅହଂକାର ନ ରଖି ଭଗବାନଙ୍କ ଚରଣରେ ସମର୍ପଣ କରିବା ଆବଶ୍ୟକ, ତେବେ ଯାଇ ଏ ଜୀବ ସଂସାରର ସମସ୍ତ ପାପ-ପୁଣ୍ୟ ବନ୍ଧନରୁ ମୁକ୍ତ ହୋଇପାରିବ। ସେହିପରି ଭାଗବତର ମୁଖ୍ୟ ଆଧାର ହେଉଛି ଭକ୍ତି। ଶ୍ରୀକୃଷ୍ଣଙ୍କ ଚରିତ୍ର ଏବଂ ଲୀଳା ମାଧ୍ୟମରେ ଭଗବାନଙ୍କ ପ୍ରତି ନିଷ୍କାମ ଭକ୍ତି ଓ ସମର୍ପଣ ଭାବ ଜାଗ୍ରତ କରାଇଛି। କେବଳ ବାହ୍ୟ ଆଡ଼ମ୍ବର ବା ପୂଜାପାଠ ନୁହେଁ, ବରଂ ଶୁଦ୍ଧ ମନରେ ଅହଂକାର ଶୂନ୍ୟ ହୋଇ ଭଗବାନଙ୍କୁ ସ୍ମରଣ କଲେ ମୁକ୍ତି ମିଳିଥାଏ ବୋଲି ଏହିପରି କୁହାଯାଇଛି:- 'ଉଦ୍ଧବ ମନେ ରଖିଥିବୁ, ମୁଁ ମଲେ ମୋତେ ତୁ ପାଇବୁ'।


### ଜ୍ଞାନ ଆହରଣ ପାଇଁ କୌଣସି ସୀମା ବନ୍ଧନ ନାହିଁ


ଏହି ମହାପୁରାଣରେ କେବଳ ଜ୍ଞାନ, କର୍ମ ଓ ଭକ୍ତି କଥା କୁହାଯାଇନାହିଁ, ଅଧିକନ୍ତୁ ଗୁରୁ ଏବଂ ସାଧୁଜନ ସଙ୍ଗର କଥାକୁ ଅତି ନିଖୁଣ ଭାବରେ ବର୍ଣ୍ଣନା କରାଯାଇଛି। ଆମେ ଜାଣିଛେ ଜନ୍ମ ଅଛି ମାନେ ନିଶ୍ଚିତ ମୃତ୍ୟୁ ରହିଛି । ତେଣୁ ଉତ୍ତମ ଲୋକଙ୍କ ସାନ୍ନିଧ୍ୟରେ ରହି ନିଜର ଚରିତ୍ରକୁ ଉନ୍ନତ କରିବା ଆବଶ୍ୟକ। ଏଥି ପାଇଁ ଲୋଡାପଡେ ଜଣେ ସଦ୍‌ଗୁରୁଙ୍କ ଆଶ୍ରୟ, ଯେ କି ଅଜ୍ଞାନ ରୂପକ ଅନ୍ଧକାରରୁ ଜ୍ଞାନର ଆଲୋକ ବର୍ତ୍ତିକା ହୋଇ ମାର୍ଗ ପ୍ରଦର୍ଶନ କରିଥାନ୍ତି। ଏଣୁ କୁହାଯାଇଛି:-'ଜନ୍ମିଲେ ମରିବେ ନିଶ୍ଚୟ, ଗୁରୁ ଚରଣେ କର ଆଶ୍ରୟ'। ଏହି ଭାଗବତର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ହେଉଛି 'ଅବଧୂତ ସମ୍ବାଦ'। ଏଥିରେ ଯଦୁ ମହାରାଜା ଓ ଅବଧୂତଙ୍କ କଥୋପକଥନ ମାଧ୍ୟମରେ ଦର୍ଶାଯାଇଛି ଯେ, କେବଳ ମଣିଷ ନୁହେଁ, ପ୍ରକୃତିର ପ୍ରତ୍ୟେକ ଉପାଦାନ ଆମର ଗୁରୁ ହୋଇପାରିବେ। ଅବଧୂତ ପୃଥିବୀ, ପବନ, ଆକାଶ, ଜଳ, ନିଆଁ, ଏପରିକି ବାଘ, ମାଛି ଓ ବେଶ୍ୟା ଆଦି ୨୪ ଜଣଙ୍କୁ ଗୁରୁ କରି ସେମାନଙ୍କଠାରୁ ଜୀବନ ଜୀଇଁବାର ସତ୍ୟ ଶିଖିଥିଲେ। ଏହା ଆମକୁ ଶିଖାଏ ଯେ ଜ୍ଞାନ ଆହରଣ ପାଇଁ କୌଣସି ସୀମା ବନ୍ଧନ ନାହିଁ।

### 'ସକଳ ଘଟେ ନାରାୟଣ, ଅନାଦି ପରମ କାରଣ'

ଭାଗବତ କେବଳ ଆଧାତ୍ମିକତା ଶିଖାଏ ନାହିଁ, ବରଂ ଏକ ସୁସ୍ଥ ସମାଜ ଗଠନରେ ସାହାଯ୍ୟ କରେ। ପିତାମାତାଙ୍କ ପ୍ରତି କର୍ତ୍ତବ୍ୟ, ଭାଇ-ଭଉଣୀଙ୍କ ନିମନ୍ତେ ସ୍ନେହ ଏବଂ ଅତିଥି ସେବା ଆଦି ପାରିବାରିକ ମୂଲ୍ୟବୋଧକୁ ଏହା ସମ୍ମାନ ଦିଏ। ସମାଜରେ ସମସ୍ତେ ସମାନ ଏବଂ ସମସ୍ତଙ୍କ ମଧ୍ୟରେ ଭଗବାନ ବିଦ୍ୟମାନ, ଏହି ଭାବନା ଦ୍ୱାରା ଜାତିଗତ ଭେଦଭାବ ଦୂର କରିବାକୁ ଯାଇ ଶିକ୍ଷା ଦିଆଯାଇଛି ଯେ:- 'ସକଳ ଘଟେ ନାରାୟଣ , ଅନାଦି ପରମ କାରଣ'। ତେଣୁ ଏହି ଶାସ୍ତ୍ରକୁ ଇହଲୋକ ଓ ପରଲୋକର କଲ୍ୟାଣକାରୀ ଶାସ୍ତ୍ର ଏବଂ ପରମହଂସ ସଂହିତା ବୋଲି ମଧ୍ୟ କୁହାଯାଇଛି। ଏହାର ପ୍ରତ୍ୟେକଟି ଅକ୍ଷରର ମହତ୍ତ୍ୱ ମଧ୍ୟ ରହିଛି। ଯଥା:- 'ଭା' ରେ ଭାବ, 'ଗ' ରୁ ଜ୍ଞାନ, 'ବ' ରୁ ବ୍ରହ୍ମ ଏବଂ 'ତ' ରୁ ତତ୍ତ୍ୱ ବୁଝାଏ। ଅତଃ କୁହାଯାଇଛି: 'ପରମ ଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ'। ସଂକ୍ଷେପରେ କହିବାକୁ ଗଲେ, ଓଡ଼ିଆ ଭାଗବତ ହେଉଛି ଜୀବନ ଜୀଇଁବାର ଏକ ସହଜ କଳା।

**- ହେମନ୍ତ କୁମାର ଗନ୍ତାୟତ**
**କବିସୂର୍ଯ୍ୟ ନଗର, ଗଞ୍ଜାମ, ମୋ:୯୮୬୧୩୩୪୮୬୮**





# 'ଶିବଲିଙ୍ଗ' ବ୍ରହ୍ମାଣ୍ଡର ପ୍ରତୀକ

'ଶିବଲିଙ୍ଗ' କାହାର ପ୍ରତିନିଧିତ୍ୱ କରିଥାଏ ? ଏହା ସମ୍ପୂର୍ଣ୍ଣ ବାୟୁ ମଣ୍ଡଳ, ଘୂର୍ଣ୍ଣାୟମାନ ପୃଥିବୀ ଓ ପରିବର୍ତ୍ତନଶୀଳ ବ୍ରହ୍ମାଣ୍ଡର ଅକ୍ଷକୁ ସୂଚାଇଥାଏ। ବହୁତ ଲୋକ 'ଶିବଲିଙ୍ଗ' ବିଷୟରେ ଭୁଲ ଧାରଣା ପାଇଛନ୍ତି । ଏକଥା ପ୍ରାୟ ସମସ୍ତଙ୍କୁ ଜଣା ଯେ ସଂସ୍କୃତ ଭାଷା ହେଉଛି ଆଦିଭାଷା ବା ସବୁ ଭାଷାର ଜନକ । ଆମେ ଜାଣୁ କୌଣସି ଶବ୍ଦର ଅର୍ଥ ଭିନ୍ନ ଭାଷାରେ ଭିନ୍ନ ଭିନ୍ନ ହୋଇଥାଏ । ସେପରି ଏହି ସଂସ୍କୃତ ଭାଷାରେ କିଛି ଏପରି ଶବ୍ଦ ରହିଛି ଯାହାର କି ଭିନ୍ନ ଭିନ୍ନ ଅର୍ଥ ରହିଛି। ଉଦାହରଣ ସ୍ୱରୂପ,'ସୂତ୍ର' ଓ 'ଅର୍ଥ' - 'ସୂତ୍ର' କହିଲେ ସୂତା ଓ "ସୂତ୍ର' କହିଲେ ଗଣିତର ସୂତ୍ର, ବିଜ୍ଞାନର ସୂତ୍ରକୁ ମଧ୍ୟ ବୁଝାଏ । ସେହିପରି 'ଅର୍ଥ' କହିଲେ ଟଙ୍କା, ଧନ, ସମ୍ପତ୍ତିକୁ ବୁଝାଏ ଓ 'ଅର୍ଥ' କହିଲେ କୌଣସି ଶବ୍ଦର ଭାବାର୍ଥକୁ ମଧ୍ୟ ବୁଝାଏ । 'ଲିଙ୍ଗ' ଏକ ସଂସ୍କୃତ ଶବ୍ଦ ଯାହାର ଅର୍ଥ ହେଉଛି ପ୍ରତୀକ ଯେମିତିକି ପୁଲିଙ୍ଗର ଅର୍ଥ ପୁରୁଷର ପ୍ରତୀକ ବା ଚିହ୍ନ ଓ ସ୍ତ୍ରୀଲିଙ୍ଗର ଅର୍ଥ ହେଉଛି ସ୍ତ୍ରୀର ପ୍ରତୀକ ବା ଚିହ୍ନ। ସେହିପରି 'ଶିବଲିଙ୍ଗ' ର ଅର୍ଥ ହେଉଛି ଶିବଙ୍କର ପ୍ରତୀକ ବା ଚିହ୍ନ । ଯେପରି ଗୋଲାକାର ବାୟୁ ମଣ୍ଡଳ, ଗୋଲାକାର ପୃଥିବୀ ଓ ଗୋଲାକାର ବ୍ରହ୍ମାଣ୍ଡ ରହିଛି ସେପରି ଶିବଲିଙ୍ଗର ଚାରିପାଖର ଗୋଲାକାର ଅଂଶ ରହିଛି । ଅର୍ଥାତ୍ 'ଶିବଲିଙ୍ଗ' ର ଗୋଲାକାର ଅଂଶ ବ୍ରହ୍ମାଣ୍ଡକୁ ବୁଝାଏ ଓ 'ଶିବଲିଙ୍ଗ' ବ୍ରହ୍ମାଣ୍ଡର ଅକ୍ଷ ଅଟେ । ବିଜ୍ଞାନ ମଧ୍ୟ ପ୍ରମାଣ କରି ସାରିଛି ଯେ 'ଶିବଲିଙ୍ଗ' ବ୍ରହ୍ମାଣ୍ଡର ପ୍ରତୀକ। ପ୍ରଶ୍ନ ଆସୁଛି 'ଶିବଲିଙ୍ଗ' ର ସୃଷ୍ଟି କିପରି ହେଲା ଆଉ କାହିଁକି ହେଲା ? ସ୍କନ୍ଦ ପୁରାଣରେ ବର୍ଣ୍ଣିତ ଅଛି କି ପୁରାତନ କାଳରେ ମୁନି ଋଷି ମାନେ ଦୀପ ଜ୍ୟୋତିକୁ ଚାହିଁ ପରମାତ୍ମାଙ୍କୁ ଧ୍ୟାନ କରୁଥିଲେ । ବାୟୁ ସଞ୍ଚାଳନ ହେତୁ ଦୀପ ଜ୍ୟୋତି ସ୍ଥିର ରହୁ ନଥିଲା ଓ ମୁନିଋଷିମାନଙ୍କର ଧ୍ୟାନ ଭଗ୍ନ ହେଉଥିଲା। ତେଣୁ ସେମାନେ ଦୀପ ଜ୍ୟୋତିର ଏକ ବିକଳ୍ପ ଚିନ୍ତା କଲେ । ଅନନ୍ତ ବ୍ରହ୍ମାଣ୍ଡ ଓ ପୃଥିବୀର ଅକ୍ଷକୁ ଚିନ୍ତା କରି ସେମାନେ ପଥରରେ ଏକ ଦୀପ ଜ୍ୟୋତିର ମୂର୍ତ୍ତି ତିଆରି କଲେ ଯାହା କି ଏହି 'ଶିବଲିଙ୍ଗ' । ସେମାନେ ଏହି 'ଶିବଲିଙ୍ଗ' କୁ ଚାହିଁ ଧ୍ୟାନ କରିବା ଆରମ୍ଭ କଲେ ତେଣୁ ଏହା ପରଠାରୁ 'ଶିବଲିଙ୍ଗ'ର ପ୍ରଚଳନ ଆରମ୍ଭ ହେଲା ।

# ଉପାସନା

ରାମାୟଣରେ ତିନୋଟି କଥା କୁହାଯାଇଛି। ଗୋଟିଏ ହେଉଛି ବ୍ୟକ୍ତିତତ୍ତ୍ୱ, କୁଟୁମ୍ବତତ୍ତ୍ୱ ଓ ଶେଷରେ ସମାଜତତ୍ତ୍ୱ। ଏଗୁଡ଼ିକ ରାମାୟଣର ମୌଳିକ ତତ୍ତ୍ୱ। ବ୍ୟକ୍ତିତତ୍ତ୍ୱ ହେଉଛି ଅନ୍ତରଭିତରେ ଦିବ୍ୟତ୍ୱର ପରିପ୍ରକାଶ। ତୁମକୁ ଜୀବନରେ ଏହି ଦିବ୍ୟତ୍ୱର ପରିପ୍ରକାଶ କରିବାକୁ ହେବ। ଏହା ହେଉଛି ରାମାୟଣର ଶିକ୍ଷା। ପରିବାରରେ ଅସୁବିଧା ଓ ସମସ୍ୟା ଦେଖାଦେବା ବେଳେ ତୁମକୁ ଏକ ହୋଇ ସମସ୍ୟାର ସମାଧାନ କରିବାକୁ ଏବଂ ନିଜ ଜୀବନକୁ ପବିତ୍ର କରିବାକୁ ହେବ। ରାମ ବନକୁ ଯିବା ବେଳେ ଲକ୍ଷ୍ମଣ ମଧ୍ୟ ତାଙ୍କ ସହିତ ଗଲେ। ଆଜି ସେପରି ନୁହେଁ। ବଡ଼ଭାଇ ଗଲେ ସାନଭାଇ ବଡ଼ଭାଇର ସମ୍ପତ୍ତି ପାଇବ ବୋଲି ଭାବି ଖୁସି ହେବ। ଆଜି ଆମର କାମନା ଏହିପରି। ସୀତା ମଧ୍ୟ ତାଙ୍କ ପତିଙ୍କ ସହ ବନକୁ ଗଲେ। ରାମ ଗେରୁଆ ବସ୍ତ୍ର ପିନ୍ଧିଥିବାରୁ ସେ ମଧ୍ୟ ଗେରୁଆ ବସ୍ତ୍ର ପିନ୍ଧିଲେ। ସେ ପାଟବସ୍ତ୍ର ପିନ୍ଧି ବନକୁ ଗଲେ ନାହିଁ।ରାମଙ୍କ ବାଳ ଯେପରି ହେଲା ଲକ୍ଷ୍ମଣ ମଧ୍ୟ ସେପରି ବାଳ ଚାହିଁଲେ।



ସେମାନେ ଚିତ୍ରକୁଟ ପର୍ବତକୁ ଯିବାବେଳେ ପର୍ବତ ଶିଖରମାନଙ୍କରେ ବଣୁଆ ଗଛ ଥିଲା। ସେମାନେ ସେଗୁଡ଼ିକୁ କାଟି ସେଥିରୁ କିଛି ତୈଳାକ୍ତ ଦ୍ରବ୍ୟ ନେଲେ ଏବଂ ତାହାକୁ ସେମାନଙ୍କ ମୁଣ୍ଡରେ ଲଗାଇଲେ। ଏହିପରି ଭାବେ ସେମାନଙ୍କର ମୁଣ୍ଡରେ ଜଟା ହୋଇଗଲା। ରାମ ହନୁମାନଙ୍କୁ କହିଲେ, "ସୀତାଙ୍କ ମୁଣ୍ଡରେ ଦୁଇଟି ବେଣୀ ଅଛି' ରାମଙ୍କର ମାତ୍ର ଗୋଟିଏ ଥିଲା। ସେ ତାଙ୍କ ବାଳର ଯତ୍ନ ନେଇ ନ ଥିଲେ। ସେ ସୁଖ ଭୋଗ କରିବାକୁ ଚାହିଁଲେ ନାହିଁ। କିନ୍ତୁ ସେ ବଂଶ ପରମ୍ପରା ଅନୁସରଣ କଲେ ଓ ଏକ ଆଦର୍ଶ ସ୍ଥାପନ କଲେ। ଭରତ ମଧ୍ୟ ସେହିପରି ଥିଲେ। ସେ ପ୍ରଭୁଙ୍କର ନିରାକାର ରୂପର ଉପାସନା କଲେ, ମାତ୍ର ଲକ୍ଷ୍ମଣ ପ୍ରଭୁଙ୍କର ସାକାର ରୂପର ଉପାସନା କଲେ। ସବୁ ସମୟରେ ଲକ୍ଷ୍ମଣ ଭଗବାନଙ୍କର ଶାରୀରିକ ରୂପର ସେବା କରୁଥିଲେ ଓ ତାଙ୍କୁ ସାହାଯ୍ୟ କରୁଥିଲେ।


# ଶରୀର ଉପକାର କରେ ଅଳସୀ

## କୋଲେଷ୍ଟ୍ରଲକୁ କମ୍ କରିଥାଏ

***ପୋଷକ ତତ୍ତ୍ୱରେ ଭରପୁର ଥାଏ ଆଳସୀ ଅଳସୀ ଏଏଲଏ ରେ ଭରପୂର ରହିଥାଏ,ଯାହା ବ୍ଲଡ ଫ୍ଲୋକୁ ଭଲ କରିଥାଏ । ଏହାର ତେଲ ମଧ ବ୍ୟବହାର କରାଯାଇଥାଏ । ଗ୍ରୀକ୍, ରୋମାନ, ଚୀନ ଓ ଭାରତରେ ଏହାକୁ ସେବନ କରାଯାଏ । ଅଳସୀରେ ଓମେଗା ୩, ଓମେଗା ୬ ଫ୍ୟାଟି ଏସିଡ, ସଲ୍ୟୁବଲ ଫାଇବର ଓ ପ୍ରୋଟିନ ଭରପୂର ରହିଥାଏ ।***



ଖାଦ୍ୟରେ ଅଳସୀର ସେବନ ଶରୀରରେ ବଢୁଥିବା କୋଲେଷ୍ଟ୍ରଲକୁ କମ କରିଥାଏ । ଏଥିସହିତ ପେରିଫେରାଲ ଆର୍ଟେରୀ ଡିଜିଜ ('ପିଏଡି' ଯେଉଁଥିରେ ଧମନି ସଂକୁଚିତ ହୋଇଯାଏ ଓ ବ୍ଲଡ ଫ୍ଲୋ କମ ହୋଇଥାଏ ) ବଢ଼ିବାରୁ ରୋକିଥାଏ । ଏହି ରିସର୍ଚ୍ଚର ଆରମ୍ଭରେ ଟିମ ପିଏଡି ରୋଗୀଙ୍କ ଅଳସୀ ଖାଇବା ଯୋଗୁ ୧୫ ପ୍ରତିଶତ କମ ଦେଖାଦେଇଥିବା। ଦେଖାଯାଇଥିଲା । ଅଳସୀ ଶରୀର ଉପରେ କରିଥାଏ ଆଶ୍ଚର୍ଯ୍ୟଜନକ ପ୍ରଭାବ ଅଳସୀ ଗୁଣ୍ଡ ପିଏଡି ରୋଗରେ ପୀଡିତ ଲୋକଙ୍କ ଖରାପ କୋଲେଷ୍ଟ୍ରଲକୁ କମ କରିଥାଏ । ଖାଲି ସେତିକି ନୁହେଁ ଅଧିକ କୋଲେଷ୍ଟ୍ରଲକୁ କମ କରିବା ସହ ବ୍ଲଡ ପ୍ରେସରକୁ ମଧ କମ କରିଥାଏ । ଅଳସୀ କବ୍ଜ ଓ ପେଟର ବହୁ ରୋଗକୁ ଭଲ କରିଥାଏ । ଅଳସୀକୁ ଧରା ପୃଷ୍ଠର ସବୁଠୁ ଭଲ ପୁଷ୍ଟିକର ଖାଦ୍ୟ ଭାବେ କୁହାଯାଇଛି । ପୋଷକ ତତ୍ତ୍ୱରେ ଭରପୁର ଥାଏ ଆଳସୀ ଅଳସୀ ଏଏଲଏ ରେ ଭରପୁର ରହିଥାଏ,ଯାହା ବ୍ଲଡ ଫ୍ଲୋକୁ ଭଲ କରିଥାଏ । ଏହାର ତେଲ ମଧ ବ୍ୟବହାର କରାଯାଇଥାଏ । ଗ୍ରୀକ୍, ରୋମାନ, ଚୀନ ଓ ଭାରତରେ ଏହାକୁ ସେବନ କରାଯାଏ । ଅଳସୀରେ ଓମେଗା ୩, ଓମେଗା ୬ ଫ୍ୟାଟି ଏସିଡ, ସଲ୍ୟୁବଲ ଫାଇବର ଓ ପ୍ରୋଟିନ ଭରପୁର ରହିଥାଏ । ଏ ସବୁ ପୋଷକ ତତ୍ତ୍ୱ ଖରାପ କୋଲେଷ୍ଟ୍ରଲକୁ ଶେଷ କରିଥାଏ। ପ୍ରତିଦିନ କେତେ ମାତ୍ରାରେ ଅଳସୀ ଖାଇବେ ହେଲଥ ଏକ୍ସପର୍ଟଙ୍କ ଅନୁଯାୟୀ, ପ୍ରତିଦିନର ଖାଦ୍ୟରେ ଏକ ଚାମଚ ଅଳସୀ ବ୍ୟବହାର କରିବା ଆବଶ୍ୟକ । ଅଳସୀକୁ କେବେ ବି କଂଚା ଖାଆନ୍ତୁ ନାହିଁ । ଏହାକୁ ପ୍ରଥମେ ଭାଜନ୍ତୁ ଓ ପରେ ଏହାକୁ ଗୁଣ୍ଡ କରି ଖାଆନ୍ତୁ । ଏହାକୁ ଆପଣ ଡ୍ରାଏ ଫ୍ରୁଡ ଓ ଶସ୍ୟ ସହ ଗୁଣ୍ଡ କରି ଖାଇପାରିବେ । ଅଳସୀକ ଡଳିଆ, ହାଲୱା, ଲଡ୍ଡୁ କରି ମଧ ଖାଇ ପାରିବେ । ଏହାର ଅଧିକ ମାତ୍ରା ଖାଇବା ମଧ ସ୍ୱାସ୍ଥ୍ୟ ପାଇଁ ଖରାପ ହୋଇପାରେ।



## ସଙ୍କେତ ଓ ରାଜଯୋଗ

ଜ୍ୟୋତିଷ ଶାସ୍ତ୍ରରେ ଏପରି କିଛି ବର୍ଣ୍ଣନା କରାଯାଇଛି,ଯାହା ମନୁଷ୍ୟର ବ୍ୟକ୍ତିତ୍ୱ,ତାଙ୍କ ଜୀବନରେ ଆସିବାକୁ ଥିବା ପ୍ରତ୍ୟେକ ଶୁଭ ଓ ଅଶୁଭର ସଙ୍କେତ ଦେଇଥାଏ । ସେଭଳି ଶାସ୍ତ୍ରରେ ମନୁଷ୍ୟ ନିକଟରେ ଦେଖା ଯାଉଥିବା କିଛି ଚିହ୍ନ ଅନେକ ସଙ୍କେତ ଦେଇଥାଏ । ବ୍ୟକ୍ତିଙ୍କ ବିଷୟରେ ମଧ ଅନେକ ଜଣାଅଜଣା କଥା ମଧ ଜଣାଇଥାଏ ବିଭିନ୍ନ ପ୍ରକାର ଚିହ୍ନ । ସେଭଳି ଏଭଳି କିଛି ଚିହ୍ନ ରହିଛି ଯାହା ଭାଗ୍ୟରେ ଶୁଭ ସହ ରାଜଯୋଗର ରହିଥିବାର ସଙ୍କେତ ଦେଇଥାଏ । କୌଣସି ବ୍ୟକ୍ତିଙ୍କ ହାତ ପାପୁଲିରେ ଚକ୍ରର ଚିହ୍ନ ରହିଥିଲେ, ସାମୁଦ୍ରିକ ଶାସ୍ତ୍ର ଅନୁଯାୟୀ, ଏହା ଅତ୍ୟନ୍ତ ସୌଭାଗ୍ୟଶାଳୀ । ଏହି ବ୍ୟକ୍ତି ବିଶେଷଙ୍କୁ ସମାଜରେ ମାନସମ୍ମାନ ଓ କାର୍ଯ୍ୟକ୍ଷେତ୍ରରେ ଉଚ୍ଚ ପଦବୀ ପ୍ରାପ୍ତ ହୋଇଥାଏ । ଏହି ବ୍ୟକ୍ତି ବିଶେଷଙ୍କୁ ଜୀବନରେ କଦାପି ଧନର ଅଭାବ ହୋଇନଥାଏ । ଆରାମରେ ନିଜ ଜୀବନ ବିତାଇଥାଆନ୍ତି । କୌଣସି ବ୍ୟକ୍ତିଙ୍କ ହସ୍ତରେ ଧ୍ୱଜାର ଚିହ୍ନ ଥିଲେ,ସେ ଟଙ୍କାପଇସା କ୍ଷେତ୍ରରେ ଅତ୍ୟନ୍ତ ଭାଗ୍ୟଶାଳୀ ବୋଲି ବିବେଚନା କରାଯାଏ । ଏମାନଙ୍କ ନିକଟରେ ଆଦୌ ଟଙ୍କାର ଅଭାବ ହୋଇନଥାଏ । ସାମୁଦ୍ରିକ ଶାସ୍ତ୍ର ଅନୁଯାୟୀ କୌଣସି ବ୍ୟକ୍ତିଙ୍କ ହସ୍ତରେ କଳାଜାଇ ଥିଲେ ସେମାନେ ଖୁବ ଧନୀ ହୋଇଥାଆନ୍ତି । ପ୍ରତିଷ୍ଠାବାନ୍ ମଧ ହୋଇଥାଆନ୍ତି । ନିଜ ଦକ୍ଷତା ବଳରେ ଟଙ୍କା ରୋଜଗାର କରିବା ସହ ମାନସମ୍ମାନ ମଧ ପ୍ରାପ୍ତ କରିଥାଆନ୍ତି ବୋଲି କୁହାଯାଏ।

## ଖୋର୍ଦ୍ଧାରୋଡ଼ ଷ୍ଟେସନରୁ ଗଞ୍ଜେଇ ଜବତ

ଜଟଣୀ,(ନିପ୍ର): ଖୋର୍ଦ୍ଧାରୋଡ଼ ଷ୍ଟେସନରୁ ଗଞ୍ଜେଇ ଜବତ ହୋଇଛି । ଏହାକୁ ଚୋରାଚାଲାଣ କରୁଥିବା ଲିପୁ ଜେନା ନାମକ ଯୁବକକୁ ଗିରଫ କରାଯାଇଛି । ବୋଲଗଡ଼ ଥାନା ମାଣିକପୁର ଗ୍ରାମରେ ତାର ଘର । ଅସାମାଜିକ ତତ୍ତ୍ୱ, ଆପତ୍ତିଜନକ ସାମଗ୍ରୀ, ସୁରକ୍ଷା ନିୟକ ଉଲ୍ଲଂଘନ, ବେଆଇନ୍ ନିଶାଦ୍ରବ୍ୟ ଚାଲାଣ ବିରୁଦ୍ଧରେ ଖୋର୍ଦ୍ଧାରୋଡ଼ ଆର୍‌ପିଏଫ୍ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଚାଲିଥିବା ବେଳେ



୧ ନଂ ପ୍ଲାଟଫର୍ମର ପାର୍ସଲ ଗେଟ୍ ନିକଟରେ ଏକ ଟ୍ରଲି ବ୍ୟାଗ ଧରି ଛିଡ଼ା ହୋଇଥିବା ଅଭିଯୁକ୍ତ ଲିପୁ ଉପରେ ସନ୍ଦେହ କରି ବ୍ୟାଗ ଯାଂଚ ସମୟରେ ୯.୯ କିଲୋ ଗଞ୍ଜେଇ ଥିବା ଦେଖିଥିଲେ । ଜବତ ଗଞ୍ଜେଇର ମୂଲ୍ୟ ୧ ଲକ୍ଷ ୧୮ ହଜାର ଟଙ୍କା ହେବ । ଅଭିଯୁକ୍ତ ନାଁରେ ବୋଲଗଡ଼ ଥାନାରେ ପୂର୍ବରୁ ୩ଟି ଅପରାଧିକ ମାମଲା ରହିଛି । ଧରାପଡ଼ିଥିବା ଅଭିଯୁକ୍ତ ଲିପୁ ଓ ଜବତ ଗଞ୍ଜେଇକୁ ଖୋର୍ଦ୍ଧାରୋଡ଼ ଜିଆର୍‌ପି ଥାନାକୁ ଆର୍‌ପିଏଫ୍ ହସ୍ତାନ୍ତର କରିଛି ।

## ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ


କୃଷ୍ଣପ୍ରସାଦ,(ନିପ୍ର ): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଆଦର୍ଶ ବିଦ୍ୟାଳୟର ୫ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃଷ୍ଣପ୍ରସାଦ ବ୍ଲକ ବିଡିଓ ଅମୀୟ କୁମାର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଅତିଥିଭାବେ କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ ପ୍ରଧାନ, ବିଆରସିସି ସିଦ୍ଧେଶ୍ୱର କରଣ, ଏବିଇଓ ପ୍ରକାଶ ଚନ୍ଦ୍ର ବେହେରା, ସି ଆର ସି ସି ରମାକାନ୍ତ ଜେନା ପ୍ରଭୃତି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ବିଦ୍ୟାଳୟରେ ଶିକ୍ଷାଦାନ ସମୟରେ କିପରି ବିଦ୍ୟାକୁ ସହଜରେ ଆହରଣ କରିପାରିବ ବିଡିଓ ଶ୍ରୀ ପଣ୍ଡା




ଶିକ୍ଷାର୍ଥୀଙ୍କୁ ସେହି ମନ୍ତ୍ର ଦେଇଥିଲେ । ଶିକ୍ଷାର୍ଥୀମାନେ କିପରି ଜ୍ଞାନ ଆହରଣ କରି ନିଜ ପିତା ମାତା, ଗାଁ, ଓଡିଶା, ଦେଶର ନାମ ରଖିପାରିବେ ଅତିଥିମାନେ ଉଦାହରଣ ସହ ବାର୍ତ୍ତା ଦେଇଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ ।

## କଣ୍ଟିଲୋ ଜୋନସ୍ତରୀୟ କ୍ରୀଡା ପ୍ରତିଯୋଗିତା

କଣ୍ଟିଲୋ,(ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ସାତ ଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟ କ୍ରୀଡାଙ୍ଗନରେ କଣ୍ଟିଲୋ ଜୋନସ୍ତରୀୟ କବାଡି, ଖୋ ଖୋ ଓ ହ୍ୟାଣ୍ଡ ବଲ ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି ।ଖଣ୍ଡପଡ଼ା ବ୍ଲକ ଅଧୀନ ୭ଟି ଉଚ୍ଚ ବିଦ୍ୟାଳୟରୁ ୧୧୦ ଜଣ ଛାତ୍ରଛାତ୍ରୀ ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କଣ୍ଟିଲୋ ନୀଳମାଧବ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ବାରିକ, ମର୍ଦ୍ଦରାଜପୁର ଗ୍ରାମସ୍ଥିତ ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଯୋଧ୍ୟା ନାଥ ନାୟକ, ବେଣାଗାଡିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମହାବୀର ଜୈନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ ।କ୍ରୀଡା ଶିକ୍ଷକ ସମୀର କୁମାର ଖୁଣ୍ଟିଆ,ବଚ୍ଚନ ହାତୀ,ରାଜୀବ ନାୟକ,ସୁବାସ ବେହେରା,ସନ୍ତୋଷ ପ୍ରଧାନ,ବାବୁଲା ଦଳେଇ ଓ କ୍ରୀଡା ଶିକ୍ଷୟିତ୍ରୀ ବନିତା ସେଠୀ ପ୍ରମୁଖ ସମସ୍ତ କ୍ରୀଡା ପ୍ରତିଯୋଗିତାକୁ ସୁଚାରୁରୂପେ



ପରିଚାଳନା କରିଥିଲେ ।ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ ୧୪ ଓ ୧୭ ବର୍ଷରୁ କମ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।ଜୋନସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନ ଆଗାମୀ ଦିନରେ ଖଣ୍ଡପଡ଼ା ବ୍ଲକସ୍ତରରେ ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି ।

## ବୃକ୍ଷରୋପଣ କାର୍ଯ୍ୟକ୍ରମ

ଜଟଣୀ,(ନିପ୍ର): 'ଏକ୍ ପେଡ୍ ମାଆ କେ ନାମ୍-୩:୦ ଓ ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅଂଶ ଭାବେ ଜଟଣୀସ୍ଥିତ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ପରିସରରେ ଗୁରୁବାର ଚାରାରୋପଣ କରାଯାଇଥିଲା । ପ୍ରତିଷ୍ଠାନର ସଦସ୍ୟମାନେ ଉତ୍ସାହର ସହିତ ଅଭିଯାନରେ ସାମିଲ ହୋଇ ୨୦୦ରୁ ଅଧିକ ଫଳ,ଶୋଭାବର୍ଦ୍ଧନ କାରୀ ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ । ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ ବୃକ୍ଷରୋପଣ କରି ଅଭିଯାନର ଶୁଭାରମ୍ଭ କରିଥିଲେ । ଛାତ୍ର ବ୍ୟାପାର ଡିନ୍ ପ୍ରଫେସର ମିହିର କୁମାର ଦାସ, ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ, ପ୍ରଫେସର ବ୍ରହ୍ମଦେଓ, ପ୍ରଫେସର ଏସ୍‌କେ ପଣ୍ଡା, ଡ. ପଙ୍ଗାଭି ରାମାୟା ବୁଡ଼ାରାମୁ, ଡ. ଶିବୟା ବାଥୁଲା, ଏନ୍‌ଏସ୍ ସଂଯୋଜକ ଡ. ଅଙ୍କିତ ଦଲାଲ, ଯନ୍ତ୍ରୀ କେ ରବୀନ କୁମାର ଦୋରା, ସହକାରୀ ଉଦ୍ୟାନ ବିଶେଷଜ୍ଞ କେଭି ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା ।

# ରାୟଗଡ଼ାରେ ଜଣ୍ଡିସ୍ ଆତଙ୍କ, ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଆକ୍ରାନ୍ତ

## ୩୫୨ ରୁ ୨୦୩ ପିଲା ହଷ୍ଟେଲ୍ ଛାଡ଼ିଥିବା ଅଭିଯୋଗ

ରାୟଗଡା,(ନି:ପ୍ର): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ରୋବାଡ଼ି ବାଳିକା ଆବାସିକ ଉଚ୍ଚ ବିଦ୍ୟାଳୟରେ ଜଣ୍ଡିସ୍‌କୁ ନେଇ ଚିନ୍ତା ବଢ଼ିଛି । ପ୍ରଥମେ ୧୦ରୁ ୧୨ ଜଣ ଛାତ୍ରୀ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ବେଳେ ବର୍ତ୍ତମାନ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ଛାତ୍ରୀ ଆକ୍ରାନ୍ତ ଥିବା ସୂଚନା ମିଳିଛି । ତେବେ ଆକ୍ରାନ୍ତ ଛାତ୍ରୀଙ୍କ ଚିକିତ୍ସା ଚାଲିଥିବା ବେଳେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା କହିଛନ୍ତି ଜିଲ୍ଲା ମଙ୍ଗଳ ଅଧିକାରୀ ।

ଗତ ୭ ତାରିଖରୁ ଛାତ୍ରୀମାନଙ୍କଠାରେ ଜଣ୍ଡିସ୍‌ର ଲକ୍ଷଣ ଦେଖାଯିବା ପରେ କୋଲନରା ମେଡିକାଲ୍ ଟିମ୍ ସ୍କୁଲରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରିବା ପରେ ଚିକିତ୍ସା ଆରମ୍ଭ କରିଥିଲା । ଏହାସହ ଫୁଡ୍ ସେଫ୍ଟି ଓ ଆର୍‌ଡବ୍ଲ୍ୟୁଏସ୍ ଟିମ୍ ମଧ୍ୟ ସ୍କୁଲରେ ଯାଞ୍ଚ କରିଥିଲେ । ଯାଞ୍ଚ ବେଳେ ହଷ୍ଟେଲର ଏକ ପାଣି ଉତ୍ସରେ ସମସ୍ୟା ଥିବାରୁ ଏହାକୁ ବନ୍ଦ କରାଯାଇଛି । ପଞ୍ଚାୟତ ପକ୍ଷରୁ ବିକଳ୍ପ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ବିଦ୍ୟାଳୟ ପରିସରରେ ଥିବା ନଳକୂପ ସାମାନ୍ୟ ନିମ୍ନକୁ ରହିଯାଇଥିବାରୁ, ସେହି ନିକଟରେ ବର୍ଷାପାଣି ଜମି ତଳକୁ ଚାଲି ଯାଇ ପାଣି ଦୂଷିତ ହୋଇଯାଇଥିବା କହିଛନ୍ତି ବିଦ୍ୟାଳୟର ସଭାପତି ଶ୍ରୀ ମାଣ୍ଡାଙ୍ଗୀ । ଭୟର କାରଣ କିଛି ନାହିଁ । ଡାକ୍ତରୀ ଟିମ ନିୟମିତ ଭାବେ ଆସି ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଯାଉଛନ୍ତି । ପିଲାଙ୍କୁ ନିୟମିତ ଭାବେ ଔଷଧ ଦିଆଯାଉଛି । କିନ୍ତୁ ଏବେ, ଆଦିବାସୀମାନେ ଡାକ୍ତରୀ ଚିକିତ୍ସା ଠାରୁ ଚେରମୂଳି ଉପରେ ଅଧିକ ବିଶ୍ୱାସ କରନ୍ତି । ତେଣୁ ପିଲାଙ୍କୁ ନେଇ ବାପା ମା ଘରକୁ ନେଇଯାଉଛନ୍ତି ।

ସେପଟେ, ଅନ୍ୟ ଆଶଙ୍କାରେ କିଛି ଅଭିଭାବକ ନିଜ ଝିଅମାନଙ୍କୁ ଘରକୁ ନେଇଯାଇଛନ୍ତି । ଆବଶ୍ୟକତା ଅନୁସାରେ ୪ ଜଣ ଛାତ୍ରୀଙ୍କୁ ସିଏଚ୍‌ସିକୁ ପଠାଯାଇଥିବା ବେଳେ ଜଣେ ଛାତ୍ରୀଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲ୍‌କୁ ରେଫର୍ କରାଯାଇଛି । ବର୍ତ୍ତମାନ ସମସ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ କହିଛନ୍ତି ।

ରୁପସୀ ଗୁଲମକା ଜଣେ ଅଭିଭାବକ କହିଛନ୍ତି ଯେ, ପିଲାଙ୍କୁ ଦୂଷିତ ପାଣି ଯୋଗୁଁ ଏହି ଜଣ୍ଡିସ ହୋଇଛି । ପିଲାଙ୍କୁ ଔଷଧ ଡାକ୍ତର ଆସି ଦେଇଛନ୍ତି । ଆମେ ପିଲାକୁ ନେଇ ଗାଁକୁ ଯାଉଛୁ, ପିଲାର ଜଣ୍ଡିସ କମିନି, ଏମିତି ଆହୁରୀ ଅନେକ ପିଲା ଆକ୍ରାନ୍ତ ଅଛନ୍ତି ।

ରବି କିମ୍ବାକା, ଅଭିଭାବକ, ଏବଂ କାମେଶ୍ୱର ମଣ୍ଡାଙ୍ଗୀ ଏସ ଏମ ସି,ପ୍ରମୁଖ ବିଦ୍ୟାଳୟକୁ ଯାଇ ପିଲାଙ୍କୁ ଦେଖି ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି । ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ।

ଏହା ଏକ ଜଳବାହିତ ରୋଗ । ବିଶୁଦ୍ଧ ପାନୀୟ ଜଳ ବ୍ୟବହାର କରିବାକୁ ପଡିବ । ଏଥିରେ ଭୟର କାରଣ ନାହିଁ ବୋଲି ଡାକ୍ତର କହିଛନ୍ତି ।

ଅସୀମା ରାଓ, ଜିଲ୍ଲା ମଙ୍ଗଳ ଅଧିକାରୀ କହିଛନ୍ତି ଯେ, ପିଲାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି । ନିୟମିତ ଡାକ୍ତରୀ ଦଳ ଆସି ଦେଖି ଯାଉଛନ୍ତି ।

ମୋଟ ୩୫୨ ରୁ ୨୦୩ ପିଲା ହଷ୍ଟେଲ୍ ଛାଡ଼ିଥିବା ଅଭିଯୋଗ ହୋଇଛି । ତେବେ ଏହାକୁ ଅସ୍ୱୀକାର କରିଛନ୍ତି ଜିଲ୍ଲା ମଙ୍ଗଳ ଅଧିକାରୀ । ତାଙ୍କ କହିବା ଅନୁସାରେ, ପିଲାମାନେ ଅଭିଭାବକଙ୍କ ସହ ଘରକୁ ଯାଇ ପୁଣି ହଷ୍ଟେଲ୍ ଫେରୁଛନ୍ତି । ଆକ୍ରାନ୍ତ ଛାତ୍ରୀଙ୍କ ଚିକିତ୍ସା ଚାଲିଥିବା ବେଳେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା କହିଛନ୍ତି ସେ । ଗତ ୭ ତାରିଖରୁ ଛାତ୍ରୀଙ୍କ ଠାରେ ଜଣ୍ଡିସ୍‌ର ଲକ୍ଷଣ ଦେଖାଯିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯାଞ୍ଚ ଓ ଚିକିତ୍ସା ଆରମ୍ଭ ହୋଇଥିଲା । ଯାଞ୍ଚ ବେଳେ ହଷ୍ଟେଲ୍‌ର ଏକ ପାଣି ଉତ୍ସରେ ସମସ୍ୟା ଥିବା ଜଣାପଡ଼ିବା ପରେ ଏହାକୁ ବନ୍ଦ କରାଯାଇଛି । ନୂଆ ନଳକୂପ ଖନନ ସହ ପିଲାଙ୍କ ପାଇଁ ବିକଳ୍ପ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ସ୍କୁଲ୍‌ରେ ସ୍ୱାସ୍ଥ୍ୟ ଓ ପାନୀୟ ଜଳ ବ୍ୟବସ୍ଥା ଉପରେ ବିଭାଗର ନଜର ରହିଛି ।

## 'ଓଡ଼ିଆ ଜାତିକୁ ସଂସ୍କୃତିସଂପନ୍ନ କରିବାରେ ଅତିବଡ଼ୀଙ୍କ ପ୍ରଚେଷ୍ଟା ଅବିସ୍ମରଣୀୟ'

ଭୁବନେଶ୍ୱର : ଶ୍ରୀଜଗନ୍ନାଥ ଓ ଭାଗବତ ଧର୍ମଭାବନାର ବ୍ୟାପକ ପ୍ରସାର କ୍ଷେତ୍ରରେ ଜଗନ୍ନାଥ ଦାସଙ୍କ ଭୂମିକା ଅତୀବ କଲ୍ୟାଣକର ଓ ସମୟୋପଯୋଗୀ ପଦକ୍ଷେପ, ଏହା ନିଃସନ୍ଦେହ । ତେଣୁ ମହାପୁରୁଷଙ୍କ ସାଧନା, ତ୍ୟାଗ, ସଂସ୍କାର, ନିଷ୍ଠା ଓ ଜାତୀୟତାବୋଧ ଯୁଗେ ଯୁଗେ ଓଡ଼ିଆ ଜାତି ପ୍ରତି ସର୍ବଦା ଚିରସ୍ମରଣୀୟ ହୋଇ ରହିବ ବୋଲି ଆଜି ଅତିବଡ଼ୀ ଜଗନ୍ନାଥ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଆଲୋଚ୍ୟ ବିଷୟ : 'ଶ୍ରୀମଦ୍ ଭାଗବତ ଓ ଅତିବଡ଼ୀ ଜଗନ୍ନାଥ ଦାସ' ଶୀର୍ଷକ ଆଲୋଚନାଚକ୍ର ଉପରେ ଆମନ୍ତ୍ରିତ ମାନ୍ୟଗଣ୍ୟ ଅତିଥି ଓ ବକ୍ତାମାନଙ୍କ ଦ୍ୱାରା ଏହାର ବିଶେଷତା ଉପରେ ମତପ୍ରକାଶ ପାଇଥିଲା । ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପ ସମ୍ମୁଖରେ ଅବସ୍ଥିତ ଅତିବଡ଼ୀଙ୍କ ପ୍ରତିମୂର୍ତ୍ତିରେ ମାନ୍ୟଗଣ୍ୟ ଅତିଥିମାନଙ୍କ ଦ୍ୱାରା ପୁଷ୍ପାର୍ଘ୍ୟ ଅର୍ପଣ କରାଯିବା ସହ ଏହାର ପରବର୍ତ୍ତୀ ସାରସ୍ୱତ ସଭା ଅତିବଡ଼ୀଙ୍କ ଜନ୍ମପୀଠ କପିଳେଶ୍ୱରପୁର ଶାସନ ଠାରେ ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ଥାନୀୟ ଅଧ୍ୟୟନରତ ଛାତ୍ର-ଛାତ୍ରୀ ଓ ଭାଗବତ ଭାଷ୍ୟକାର ଡକ୍ଟର ବଦ୍ରି ମିଶ୍ରଙ୍କ ଦ୍ୱାରା ଭାଗବତ ପଠନ କରାଯାଇଥିଲା । ପରବର୍ତ୍ତୀ ହୋଇଥିବା କାର୍ଯ୍ୟକ୍ରମ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାମୁଖ୍ୟରେ ଆୟୋଜିତ ହୋଇଥିଲା । ପୁରୀ ଲୋକସଭା ସାଂସଦ ଡାକ୍ତର ସମ୍ବିତ୍ ପାତ୍ର ସମ୍ମାନସ୍ପଦ ଅତିଥି ଭାବେ ଯୋଗଦାନ କରି ଓଡ଼ିଆ ଜାତିର ପ୍ରାତଃସ୍ମରଣୀୟ ସିଦ୍ଧସାଧକ ଭାଗବତକାର ଅତିବଡ଼ୀ ଜଗନ୍ନାଥ ଦାସଙ୍କ କୃତି ଓ କୃତିତ୍ୱ ଉପରେ ଆଲୋଚନା କରିଥିଲେ । ବିଶିଷ୍ଟ ଅତିଥି ଭାବେ ସୁସାହିତ୍ୟିକ ମାନସ ରଞ୍ଜନ ମହାପାତ୍ର ଯୋଗଦାନ କରି ଅତିବଡ଼ୀଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ ।



## ପ୍ରଧାନଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ଚାରଛକ,(ନିପ୍ର): ଚାରିଛକ ନିକଟସ୍ଥ କଳାପାଂଚଣ ପଂଚାୟତ ଠାକୁରପାଟଣା ରତ୍ନପୀର ବିଦ୍ୟାନିକେତନର ପ୍ରଧାନଶିକ୍ଷକ ଧରଣୀଧର ନାୟକଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଇଛି । ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ଦେବେନ୍ଦ୍ର ନାଥ ସ୍ୱାଇଁ ସଭାପତିତ୍ୱରେ କରିଥିଲେ ।

ମୁଖ୍ୟ ଅତିଥିଭାବେ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର,ମୁଖ୍ୟବକ୍ତା ନିମାପଡା ଅତିରିକ୍ତ ମଣ୍ଡଳଶିକ୍ଷାଧିକାରୀ ସୁଦର୍ଶନ ଭୋଇ,ସମ୍ମାନୀତ ଅତିଥି ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ ସରପଂଚ ଅରକ୍ଷିତ ଜେନା,ଶିକ୍ଷକନେତା ତ୍ରିଲୋଚନ ବେହେରା,ସ୍ଥାନୀୟ ସରପଂଚ ଗୀତାଞ୍ଜଳୀ ଜେନା,ସମିତିସଭ୍ୟା ସସ୍ମିତା ପାତ୍ର,ସିଆରସିସି ମଧୁସୂଦନ ପଟ୍ଟନାୟକ,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ସାହୁ,ଦାମୋଦର ତିଆଡି,ଝାଟୁ ମହାରଣା,ହରିହର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ।

## ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

ଭଦ୍ରକ,(ନିପ୍ର): ଆମ ମାତୃଭାଷା ପରିଷଦର କନ୍ୟା ସଂକ୍ରାନ୍ତି ଆସର ସାମରାଇପୁର କଲ୍ୟାଣୀନଗର ସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଅଟଳ ବିହାରୀ ନାୟକଙ୍କ ପୌରହିତ୍ୟରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ମୁଖ୍ୟଅତିଥି ଉଦ୍ଘାଟନ କରିଥିଲେ । 'ଓଡ଼ିଆ ସାରସ୍ୱତ ଅସ୍ମିତା ଅତିବଡ଼ି ଜଗନ୍ନାଥ ଦାସ' ଶୀର୍ଷକ ଆଲୋଚନାଚକ୍ରରେ ସମ୍ମାନନୀୟ ଅତିଥି ଶିକ୍ଷାବିତ୍ ଶାନ୍ତନୁ କୁମାର ରାଉତ, ମୁଖ୍ୟବକ୍ତା ପ୍ରବାଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବିଶିଷ୍ଟ ବକ୍ତା ପ୍ରବାଚକ ଦଶରଥ ପଣ୍ଡା, ପଣ୍ଡିତ ନରହରି ଦାଶ, ଶିକ୍ଷାବିତ୍ ଗୟାଧର ପଣ୍ଡା, ଆଖଣ୍ଡଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ନୀହାର ରଞ୍ଜନ କର, ପୂର୍ବତନ ଅଧ୍ୟକ୍ଷ ଶିବଚରଣ ଖାମୁରାଇ, ପ୍ରାକ୍ତନ ପୋଲିସ ଅଧିକାରୀ ରମେଶ ଚନ୍ଦ୍ର ଦାସ ପ୍ରମୁଖ ଅତିବଡ଼ି ଶ୍ରୀଜଗନ୍ନାଥ ଦାସଙ୍କ ଜୀବନୀ ଓ ଓଡ଼ିଆ ସାରସ୍ୱତ ଜଗତକୁ ତାଙ୍କର ଦାନ ଅତୁଳନୀୟ ଓ ଭାଗବତ ପ୍ରକୃତ ଓଡ଼ିଆ ଚଳଣୀ ଏବଂ ହିନ୍ଦୁ ରୀତିନୀତିର ପ୍ରକୃଷ୍ଟ ଉଦାହରଣ ପ୍ରଦାନ କରିଥାଏ । ଜ୍ଞାନ, ଦାନ ଓ ଶୃଙ୍ଖଳିତ ସତ୍ୟ ଅଭିମୁଖୀ ଚଳନୀର ପ୍ରକୃତ ଉପଦେଶ ପ୍ରଦାନ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ ।

## ବିଭିନ୍ନ ଟ୍ରେନରେ ଅସ୍ଥାୟୀ ଭାବେ କୋଚ ସଂଖ୍ୟା ବୃଦ୍ଧି

**ଭୁବନେଶ୍ୱର :** ଯାତ୍ରୀମାନଙ୍କୁ ଅଧିକ ସୁବିଧାଜନକ ଯାତ୍ରା ସୁବିଧା ପ୍ରଦାନ କରିବା ସହ ଆଗାମୀ ସପ୍ତାହରେ ବଢ଼ିବାକୁ ଥିବା ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି, ଭାରତୀୟ ରେଳବାଇ ବିଭିନ୍ନ ଏକ୍ସପ୍ରେସ ଟ୍ରେନରେ ସାମୟିକ ଭାବେ ଅତିରିକ୍ତ କୋଚ ସଂଯୋଗ



କରିବ । ଏହି କ୍ରମରେ, ଟ୍ରେନ ସଂଖ୍ୟା ୧୨୮୩୭ ହାଓ୍ୱଡ଼ା–ପୁରୀ ଏକ୍ସପ୍ରେସ ଗୋଟିଏ ସ୍ଲିପର କ୍ଲାସ କୋଚ ୨୦ ରୁ ୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ ସଂଯୋଗ କରାଯିବ । ସେହିପରି, ଟ୍ରେନ ସଂଖ୍ୟା ୧୮୦୩୯ ଶାଳିମାର–ପୁରୀ ଏକ୍ସପ୍ରେସ ୨୦ସେପ୍ଟେମ୍ବରରେ ଗୋଟିଏ ସ୍ଲିପର କ୍ଲାସ କୋଚ ଅତିରିକ୍ତ ଭାବେ ସଂଯୋଗ କରାଯିବ । ସେହିପରି, ଟ୍ରେନ ସଂଖ୍ୟା ୧୮୦୪୫ ଶାଳିମାର–ଚାର୍ଲାପଲ୍ଲୀ ଏକ୍ସପ୍ରେସ ୧୯ ରୁ ୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ ଗୋଟିଏ ଏସି ୩-ଟାୟାର କୋଚ୍ ସଂଯୋଗ କରାଯିବ । ଟ୍ରେନ ସଂଖ୍ୟା ୧୮୦୬୩ ସାନ୍ତ୍ରାଗାଛି–ୟେଲାହଙ୍କା ଏକ୍ସପ୍ରେସ ୨୪ ସେପ୍ଟେମ୍ବରରେ ଗୋଟିଏ ଏସି ୩-ଟାୟାର କୋଚ ଅତିରିକ୍ତ ଭାବେ ସଂଯୋଗ କରାଯିବ । ଏହାବ୍ୟତୀତ, ଟ୍ରେନ ସଂଖ୍ୟା ୧୮୧୦୭ ରାଉରକେଲା–ଜଗଦଲପୁର ଏକ୍ସପ୍ରେସ ୧୯ ଓ ୨୦ ସେପ୍ଟେମ୍ବରରେ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ କୋଚ ସହିତ ଚଳାଚଳ କରିବ ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଚାରାରୋପଣ

କାଶୀନଗର,(ନିପ୍ର): କାଶୀନଗର ବ୍ଲକ ଅଧୀନରେ ଥିବା କେ ସୀତାପୁର ପଞ୍ଚାୟତର ବିଶିରିଙ୍ଗି, ବିଶିରିଙ୍ଗି ଗୁଡା, ପର୍ଶୁରାମ ପୁର, ସିଙ୍ଗି ପୁରୁ ଏମିତି ବିଭିନ୍ନ ଗ୍ରାମରେ 'ଏକ ପେଡ୍ ମା' କେ ନାମ ୩.୦ ଯୋଜନା ମାଧ୍ୟମରେ ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ହାଇବ୍ରିଡ଼ ଆମ୍ବ ଗଛ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ତମ ଜନ୍ମଦିନ ପାଳନ ଅବସରରେ କେ ସୀତାପୁର ପଞ୍ଚାୟତ ପକ୍ଷରୁ ସରପଞ୍ଚଙ୍କ ଉପସ୍ଥିତରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

## ଜଂକିଆ ପଲ୍ଲୀ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ
## ପୁରୀ ରଙ୍ଗଶାଳା ସାହି ନାଗା ଯାତ ଦର୍ଶକଙ୍କ ମନ ମୋହିଲା

ନିରାକାରପୁର,(ନିପ୍ର): ଖୋରଧା ଜିଲ୍ଲା ଜଂକିଆ ବାଲିଗାଡିଆ ଓମ ଶ୍ରୀ ଗ୍ରୁପ୍ ଦ୍ୱାରା ସ୍ଥାନୀୟ ବାସନ୍ତୀ ପଡ଼ିଆରେ ଆୟୋଜିତ ୧୫ ତମ ଜଂକିଆ ପଲ୍ଲୀ ଉତ୍ସବ-୨୦୨୬ ର ପଞ୍ଚମ ସନ୍ଧ୍ୟା ଅତ୍ୟନ୍ତ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ଏହି ସନ୍ଧ୍ୟାରେ ଆୟୋଜିତ ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଯୋଗଦେଇ ଉତ୍ସବର ଶୋଭାବର୍ଦ୍ଧନ କରିଥିଲେ । ଆରଏସଏସ ଉତ୍କଳ ପ୍ରାନ୍ତର ପ୍ରାନ୍ତ ସେବା ପ୍ରମୁଖ ନିକଞ୍ଜ



ପଟ୍ଟନାୟକ, ୧ ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ଦଳାଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରୁଦ୍ରଭାନୁ ନରେନ୍ଦ୍ରଜିତ୍ ସିଂହ ଏବଂ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର ଅତିଥି ଭାବେ ଯୋଗଦେଇ ପଲ୍ଲୀ ଉତ୍ସବର ଆଭିମୁଖ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓମ ଶ୍ରୀ ଗ୍ରୁପର ସଭାପତି କୃଷ୍ଣଚନ୍ଦ୍ର ନରେନ୍ଦ୍ର ଓ ସଂଯୋଜକ ବିଶ୍ୱ ଭୂଷଣ ଛୋଟରାୟ ସଭା ପରିଚାଳନା କରିଥିଲେ । କମଳେଶ ମହାପାତ୍ର ଓ ଅଶ୍ୱିନୀ ମହାନ୍ତି ମଞ୍ଚ ଉପସ୍ଥାପନା କରିଥିଲେ । ସଭା କାର୍ଯ୍ୟ ଶେଷ ହେବା ପରେ ମନୋରଞ୍ଜନଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏଥିରେ ପୁରୀର 'ରଙ୍ଗଶାଳା', ବଲାଙ୍ଗୀରର 'ଦୟାଲ ଡାନ୍ସ ଗ୍ରୁପ' ଏବଂ ଖୋର୍ଦ୍ଧା 'ସାଇ ପାପୁଲାର ଗ୍ରୁପ' ଦ୍ୱାରା ମନମୁଖକର ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସରେ ବିଜେପି ପକ୍ଷରୁ ପ୍ରଦୀପ ପ୍ରଜ୍ୱଳନ

କୃଷ୍ଣପ୍ରସାଦ,(ନିପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୬ତମ ଜନ୍ମ ଦିବସରେ ଶୁଭକାମନା ନେଇ ୧୭ତାରିଖ ଦିନ କୃଷ୍ଣପ୍ରସାଦ ମଣ୍ଡଳ ବିଜେପି ପକ୍ଷରୁ ବିଭିନ୍ନ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିବା ଜଣାଯାଇଛି । କୃଷ୍ଣପ୍ରସାଦ ମଣ୍ଡଳ ବିଜେପି ସଭାପତି ସଂଗ୍ରାମ କେଶରୀ ଜେନାଙ୍କ ତତ୍ତ୍ୱାବଧାନରେ ଶ୍ରୀଗାଦିଶ୍ୱର ମନ୍ଦିର,ପଣ୍ଡେଶ୍ୱର ମନ୍ଦିର, ବଟେଶ୍ୱର ମନ୍ଦିର, ଦଧିବାମନଜୀଉଙ୍କ ମନ୍ଦିର, ତ୍ରୟମ୍ବକେଶ୍ୱର ମନ୍ଦିର, ବାଲୁଙ୍କେଶ୍ୱର ମନ୍ଦିର, ପଞ୍ଚମୁଖୀ ହନୁମାନ ମନ୍ଦିର, ଶ୍ରୀ ଜଗନ୍ନାଥ ମନ୍ଦିର, ରାଧାକୃଷ୍ଣ ମନ୍ଦିର ସମେତ ବିଭିନ୍ନ ସାହିରେ ଥିବା ମନ୍ଦିର ଓ ଗୃହରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ଠାକୁରଙ୍କ ଠାରେ ପୂଜାର୍ଚ୍ଚନା କରିବା ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏଥିରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ,



ବ୍ରହ୍ମଗିରି ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ସାଂସଦଙ୍କ ପ୍ରତିନିଧି ହରିହର ଦାଶ, ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, କୃଷ୍ଣପ୍ରସାଦ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ବିଶ୍ୱଜିତ ବିଶ୍ୱାଳ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସରସ୍ୱତୀ ଜେନା, ଯୁବ ମୋର୍ଚ୍ଚା ଉପସଭାପତି ବିଶ୍ୱଜିତ ଜେନା, ସାଧାରଣ ସମ୍ପାଦକ ପ୍ରିୟବ୍ରତ ସିଂହସାମନ୍ତ, ସମ୍ପାଦକ ମନୋଜ କୁମାର ଜେନା, ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ରାଷ୍ଟ୍ରୀୟ ଶ୍ରମିକ ଦିବସ

ଦାମନଯୋଡି,(ନିପ୍ର): ନବରତ୍ନ ଉଦ୍ୟୋଗ ନାଲକୋରେ କାର୍ଯ୍ୟରତ ଭାରତୀୟ ମଜଦୁର ସଂଘ ସହ ଅନୁବନ୍ଧିତ ଚାରିଗୋଟି ଶ୍ରମିକ ସଂଘ ପକ୍ଷରୁ ମିଳିତ ଭାବେ ବିଶ୍ୱକର୍ମା ଜୟନ୍ତୀ ଅବସରରେ ରାଷ୍ଟ୍ରୀୟ ଶ୍ରମିକ ଦିବସ ପାଳନ କରାଯାଇଛି । ଏହି ଉତ୍ସବକୁ କୋରାପୁଟ ଏମଏଲଏ



ତଥା ଜିଲ୍ଲା ପ୍ଲାନିଙ୍ଗ୍ କମିଟି ଅଧ୍ୟକ୍ଷ ରଘୁରାମ ମାଛ, ନାଲକୋ ଅଧ୍ୟକ୍ଷ ବ୍ରିଜେନ୍ଦ୍ର ପ୍ରତାପ ସିଂହ, ନାଲକୋ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର, ସିଜିଏମ ଦୀଲିପ କୁମାର ବାଗ୍,ସିଜିଏମ ଚନ୍ଦ୍ର ମୋହନ ମହନ୍ତ, ସଞ୍ଜୟ କୁମାର ପଟ୍ଟନାୟକ, ମନୋରଞ୍ଜନ ପଣ୍ଡା, ନଗେନ୍ଦ୍ର ବେହେରା, ଏନ୍ ଏସ ସୁଧାକର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଭାରତୀୟ ମଜଦୁର ସଂଘ ଭାରତୀୟ ସଂସ୍କୃତି ଓ ପରମ୍ପରା ଉପରେ ବିଶ୍ୱାସ ରଖି ଆଦି ଶିଳ୍ପୀ ପ୍ରଭୁ ଶ୍ରୀ ବିଶ୍ୱକର୍ମାଙ୍କ ଜୟନ୍ତୀକୁ ରାଷ୍ଟ୍ରୀୟ ଶ୍ରମିକ ଦିବସ ଭାବେ ପାଳନ କରିଆସୁଛି । ଅନ୍ୟ ଟ୍ରେଡ ୟୁନିୟନମାନେ ମେ କୁ ଶ୍ରମିକ ଦିବସ ଭାବେ ପାଳନ କରୁଛନ୍ତି ।

## ସୁନ୍ଦରପଦାରେ ଖୁଦୁରୁକୁଣୀ ମହୋତ୍ସବ

ଭୁବନେଶ୍ୱର: ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା ଗ୍ରାମରେ ଖୁଦୁରୁକୁଣୀ ମହୋତ୍ସବ ଗାଁ ପୋଖରୀ ସୁନ୍ଦରେଶ୍ୱରରେ ବୋଇତ ବନ୍ଦାଣ କରାଇ ଜଳନ୍ଧର ରାଉଳ(ଧୀବର)ଙ୍କ ନୌ।କା ଚାଳନା ଦ୍ୱାରା ଅନୁଷ୍ଠିତ ହେବ । ରବିବାର ଦିବା ଚାରି ଘଟିକାରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ଏହି ମହୋତ୍ସବ ଅନୁଷ୍ଠିତ ହେବ । ଏଥିରେ ମୁଖ୍ୟ ଅତିଥି ରୂପେ ଏକାମ୍ର ବିଧାୟକ ବାବୁ ସିଂ ଓ ଅଞ୍ଚଳର କର୍ପୋରେଟର ମଧୁସ୍ମିତା ପ୍ରଧାନ ଯୋଗଦାନ କରିବେ ।

# ଚିତ୍ରକଳା ଓ ମାଟିମୂର୍ତ୍ତିର ଗାଁ କଇଁଫୁଲିଆ

ଭାପୁର,(ନିପ୍ର): ଭଗବାନଙ୍କ ସୃଷ୍ଟି ବଡ ବିଚିତ୍ର । ଭଗବାନ କିଛିକିଛି ବ୍ୟକ୍ତିଙ୍କୁ ଏପରି ବରଦାନ ବା ଆଶୀର୍ବାଦ ଦେଇଥାନ୍ତି ସେମାନେ ଗାରଟିଏ ଟାଣିଦେଲେ ତାହା ସୃଷ୍ଟି କରିଦିଏ ଅନେକ ମନୋଲୋଭା କଳା । ଚିତ୍ର କଳା,ସଂଗୀତ ଓ ମାଟିମୂର୍ତ୍ତିର କଳାକାର କଥା ଆଲୋଚନାକୁ ନେଲେ ଭାପୁର ବ୍ଲକର କଇଁଫୁଲିଆ ଗାଁ ମନକୁ ଆସେ ଏବଂ ସେହି ଗାଁର ଅନୁଷ୍ଠାନ କଳାଲହରୀ ବା ବିମଳ କୁମାର ମହାରଣାଙ୍କୁ ବୁଝାଯାଇଥାଏ । କାନ୍ଥ ବାଡରେ ଚିତ୍ର କଳା ଆଙ୍କିବା ହେଉ,ବିବାହ ଘର, ବ୍ରତ ଘର କିମ୍ବା ବିଭିନ୍ନ ପର୍ବପର୍ବାଣି ଓ ମଠ ମନ୍ଦିରରେ ସିମେଣ୍ଟ ଓ ମାଟିମୂର୍ତ୍ତି ନିର୍ମାଣ କରିବାରେ ସିଦ୍ଧହସ୍ତ ହୋଇପାରିଛନ୍ତି ବିମଳ କୁମାର ମହାରଣା । କେବଳ ନୟାଗଡ଼ ଜିଲ୍ଲା ନୁହେଁ ନିକଟ ଖୋର୍ଦ୍ଧା ଓ କଟକ ଜିଲ୍ଲାରେ ମଧ୍ୟ ତାଙ୍କର ସୁନାମ ରହିଛି । କଳାକାରମାନଙ୍କ ଗାଁ ହେଉଛି ଭାପୁର ବ୍ଲକର



କଇଁଫୁଲିଆ ଗ୍ରାମ । ଏହି ଗାଁରେ କଣ୍ଠଶିଳ୍ପୀ ପ୍ରାଣକୃଷ୍ଣ ମହାରଣା , ଓମ ପ୍ରକାଶ ମହାରଣାଙ୍କ ଭଳି ଅନେକ କଳାକାର ଥିବାବେଳେ ମଞ୍ଚ ନାଟକ କଳାକାର ଓ ନିର୍ଦ୍ଦେଶକ ଭାବେ ବିଜୟ କୁମାର ମହାରଣା, ମନୋରଞ୍ଜନ ସାହୁ ଜିଲ୍ଲାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ବାଦ୍ୟ ଯନ୍ତ୍ର କଳାକାର ଭାବେ ତବଲା ବାଦକ ରବୀନ୍ଦ୍ର କୁମାର ମହାରଣା ରାଜ୍ୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି ।

ଏହି ଗାଁର କଳାକାର ମାନଙ୍କ ଭଳି ମାଟିମୂର୍ତ୍ତି ଓ ଚିତ୍ର ଶିଳ୍ପୀ ଭାବେ ଯୁବ ଶିଳ୍ପୀ ବିମଳ(୫୦) ତାଙ୍କର ନିଜସ୍ୱ ସଂସ୍ଥା କଳାଲହରୀ ନାମକ ଅନୁଷ୍ଠାନ ଗଢି ଢେର ସାରା ସୁନାମ ଅର୍ଜନ କରିସାରିଲେଣି । ବାପା ବ୍ରଜବନ୍ଧୁ ମହାରଣା ମା ଗୋଲାପ ମହାରଣାଙ୍କ ବଡ ପୁଅ ଭାବେ ଜନ୍ମଗ୍ରହଣ କରି ବାଲ୍ୟକାଳରୁ କାଗଜପତ୍ର ରେ ଚିତ୍ର ଆଙ୍କି ତାଙ୍କର ଲୁକ୍କାୟିତ ପ୍ରତିଭାର ପରିଚୟ ଦେଇଥିଲେ । ସପ୍ତମ ଶ୍ରେଣୀରେ ପଢୁଥିବା ସମୟରେ ମାଟିମୂର୍ତ୍ତି ଗଢି ସମସ୍ତଙ୍କ ନଜରକୁ ଆସିଥିଲେ । ପ୍ରଥମେ ସେ ତାଙ୍କ ସାହିର ବାଙ୍କନିଧି ଦାସଙ୍କ ଠାରୁ ପିଲାବେଳେ ଚିତ୍ର କଳା ଶିଖିଥିବାବେଳେ ପରବର୍ତ୍ତୀ ସମୟରେ କଟକ ଗୋଡିସାହିର ବିଶ୍ୱନାଥ ମହାରଣାଙ୍କ ଠାରୁ ମାଟିମୂର୍ତ୍ତି ନିର୍ମାଣ ଶିକ୍ଷା କରି ନିଜକୁ ଆଗକୁ ବଢାଇଛନ୍ତି ।

ବର୍ତ୍ତମାନ ଭାପୁର ବ୍ଲକ ଓ ଜିଲ୍ଲାର ସେ ଜଣେ ଅଗ୍ରଣୀ ଚିତ୍ର ଶିଳ୍ପୀ ଓ ମାଟି ମୂର୍ତ୍ତି ଶିଳ୍ପୀ ଭାବେ ଖ୍ୟାତି ଅର୍ଜନ କରି ପୁରସ୍କାର ପାଇଛନ୍ତି । ତାଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ସରକାରୀ ସହାୟତା ପ୍ରଦାନ କରାଗଲେ ସେ ଆହୁରି ଉପରକୁ ଉଠି ଭାପୁର ଅଞ୍ଚଳର ନାମକୁ ରାଜ୍ୟ ସ୍ତରରେ ଖ୍ୟାତି ଅର୍ଜନ କରିପାରିବେ ।

## ବେଳାଭୂମି ସଫେଇ ଅଭିଯାନ

ପୁରୀ,(ନିପ୍ର): ସମୁଦ୍ର ଏକ ପବିତ୍ର ସ୍ଥଳ ।ସମୁଦ୍ର,ସମୁଦ୍ର କୂଳ ସେହିପରି ସୌନ୍ଦର୍ଯ୍ୟ ଓ ଆକର୍ଷଣର କେନ୍ଦ୍ର ହୋଇଥାଏ । ହଜାର ହଜାର ପର୍ଯ୍ୟଟକ ସେଥିପାଇଁ ଦୈନିକ ସମୁଦ୍ର କୂଳରେ ପହଞ୍ଚିଥାନ୍ତି । ସମୁଦ୍ରଙ୍କୁ ମଧ୍ୟ ମହାପ୍ରଭୁଙ୍କ ଶଶୁରଙ୍କ ଘର ବୋଲି କୁହାଯାଏ ।ଏହି ପବିତ୍ରତା ପାଇଁ ସମୁଦ୍ର ଆଳତୀ ମଧ୍ୟ ଅନୁଷ୍ଠିତ ହୋଇଥାଏ ।ତେଣୁ ଏହାକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଆହ୍ୱାନ ଦେଇଛନ୍ତି ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ।ପୁରୀ ଷ୍ଟର୍ଲିଂ ନିକଟ ସମୁଦ୍ର କୂଳରେ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଥିଲା । ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସେଠୀ ଓ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର ଅଭିଯାନର ଅଂଶବିଶେଷ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟତ୍ରୀ ,ଛାତ୍ରଛାତ୍ରୀ ଓ ତାଜ ହୋଟେଲର କର୍ମଚାରୀମାନେ ଯୋଗ ଦେଇଥିଲେ ।

CMYK
20..09.20256.pmd 1 9/14/2026, 6:32 PM

ତିଥି :(ନବମୀ): (ପୂର୍ବାଷାଢା ଧନୁ)
ଅମୃତ ବେଳା: ଦିବା ଘ ୬।୨୬ ଗତେ ଘ୮ ।୫୧ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେଉଁ ସାଧକମାନଙ୍କର ଚିତ୍ତ ଅବ୍ୟକ୍ତ ପ୍ରତି ଆସକ୍ତ, ସେମାନଙ୍କୁ ନିଜ ସାଧନାରେ ଅଧିକ କ୍ଳେଶ ହୁଏ, କାରଣ ଦେହାଭିମାନଙ୍କ ଦ୍ୱାରା ବହୁ କଷ୍ଟରେ ଅବ୍ୟକ୍ତ ବିଷୟକ ଗତି ପ୍ରାପ୍ତ କରାଯାଏ।।।

- ଶ୍ରୀମଦ୍ ଭଗବଦ୍ ଗୀତା

## ସ୍କ୍ରବ ଟାଇଫସ୍ ଆତଙ୍କ

ଦିନେ କୁହାଯାଉଥିଲା 'ଚାଷ ଅଛି ଯାହାର କି ଆନନ୍ଦ ତାହାର, ଚାଷୀଭାଇ ଯୋଗାଉଛି ଦୁନିଆକୁ ଆହାର'। ଆନନ୍ଦ ଓ ଆହାର ଦିନେ ଥିଲା ପରିପୂରକ। ଏବେ କିନ୍ତୁ ନାନା କାରଣରୁ ଚାଷୀ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ। ଦେଶର ଅର୍ଥନୀତି ଓ ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ଏହି ବର୍ଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲେ ହେଁ ସେମାନଙ୍କ ମଧ୍ୟରେ ନାନା ହତାଶା ଭାବ ପରିଲକ୍ଷିତ। ଏ ପରିପ୍ରେକ୍ଷୀରେ ଆମ ରାଜ୍ୟର ଏକାଧିକ ଅଞ୍ଚଳର ଚାଷୀଙ୍କ ସମସ୍ୟା ସ୍କ୍ରବ ଟାଇଫସ ପ୍ରାଦୁର୍ଭାବ ହେତୁ ବଢୁଛି। ଚାଷୀ ଓ ଚାଷ କାମ ସହିତ ସଂପର୍କିତ ଶ୍ରମିକଙ୍କ ପାଇଁ ଆଜିକାଲି ବିପଦ ଆଶଙ୍କା ବଢିଚାଲିଛି।

'ଚିଗର' ନାମକ ଏକ କୀଟ ଚାଷ ଜମି, ଉଚ୍ଚଘାସ ଭୂମି ଓ ବନାଞ୍ଚଳରେ ଅଧିକ ଭାବରେ ବିଚରଣ କରୁଛନ୍ତି। ଏପରି ପରିବେଶ ସଂସ୍ପର୍ଶରେ ଆସିବାବେଳେ ଲୋକଙ୍କୁ ଏହା କେବେ କେବେ କାମୁଡି ଦେଉଛି, ଫଳରେ ଚର୍ମର କ୍ଷତସ୍ଥାନରେ ବହୁ ସମୟରେ କଳାଦାଗ ସୃଷ୍ଟି ହେଉଛି। ପରବର୍ତ୍ତୀ ସମୟରେ ସ୍କ୍ରବ ଟାଇଫସରେ ଆକ୍ରାନ୍ତ ହେବା ଆଶଙ୍କା ବଢୁଛି। ଯେଉଁ ଯେଉଁ ଲକ୍ଷଣ ଆକ୍ରାନ୍ତଙ୍କ ପାଇଁ ଦେଖାଯାଏ ତାହା ମଧ୍ୟରେ ରହିଛି ପ୍ରବଳ ଜ୍ୱର, ମୁଣ୍ଡବିନ୍ଧା, ପେଟ ଓ ଦେହହାତ ବ୍ୟଥା, ଶ୍ୱାସକ୍ରିୟାରେ କଷ୍ଟ ପ୍ରଭୃତି। ଯଦି କେହି ଆକ୍ରାନ୍ତ ତାହାକୁ ସାଧାରଣ କିମ୍ବା ଭୂତାଣୁ ଜ୍ୱର ମନେ କରି ସାଧାରଣ ଚିକିତ୍ସାରେ ରହନ୍ତି, ତେବେ ତାହା ବିପତ୍ତି ଆଣିବା ଥୟ।

ସାଧାରଣତଃ ସ୍କ୍ରବ ଟାଇଫସ ଆକ୍ରାନ୍ତ ରୋଗୀଙ୍କ ନିମନ୍ତେ ଡକ୍ସିଲିନ ଅବା ଆଜିଥ୍ରୋମାଇସିନ ଭଳି ଆଣ୍ଟିବାୟୋଟିକ୍ ଡାକ୍ତରଙ୍କ ପରାମର୍ଶରେ ସେବନ କରିବା ପରେ ଆରୋଗ୍ୟ ମିଳିଥାଏ। କେବେହେଲେ ସନ୍ଦିଗ୍ଧ ସ୍କ୍ରବ ଟାଇଫସ ଆକ୍ରାନ୍ତ ମନେହେଲେ ନୀରବ ରହିବା ବିପଜ୍ଜନକ। ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଚଳିତ ବର୍ଷ ଅନୁଗୁଳ ଜିଲ୍ଲାର ପାଲଲହଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ସନ୍ଦିଗ୍ଧ ମାମଲା ବଢିବା ଲକ୍ଷ୍ୟ କରାଯାଇଥିଲା। ପରେ ସୁନ୍ଦରଗଡ଼ ଜିଲ୍ଲାରେ ସନ୍ଦିଗ୍ଧ ମାମଲା ପ୍ରାୟ ୯ଶହ ପାଖାପାଖି ହୋଇଥିବା ଗଣମାଧ୍ୟମରୁ ନିକଟରେ ଜଣାଯାଏ। ଆକ୍ରାନ୍ତଙ୍କ ମଧ୍ୟରେ ଏନେଇ ନାନା ଆଶଙ୍କା ରହିବା ସ୍ୱାଭାବିକ।

ବିଭାଗୀୟ ମନ୍ତ୍ରୀଙ୍କ କହିବା କଥା ଏନେଇ କେହି ଆତଙ୍କିତ ହୁଅନ୍ତୁ ନାହିଁ। କିନ୍ତୁ ବାସ୍ତବତା ଦୃଷ୍ଟିରୁ ଗ୍ରାମାଞ୍ଚଳରେ ସନ୍ଦିଗ୍ଧ ଆକ୍ରାନ୍ତଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ବ୍ୟବସ୍ଥା କରାଯିବା ଉଚିତ। ଯାହାଦ୍ୱାରା ସନ୍ଦିଗ୍ଧମାନଙ୍କ ଏଲିସା ଟେଷ୍ଟ ହୋଇପାରିବ। ବ୍ୟବସ୍ଥିତ ଭାବେ ଗ୍ରାମାଞ୍ଚଳରେ କମିଟି ଜରିଆରେ ସ୍ୱାସ୍ଥ୍ୟ ବିଭାଗ ସହ ଯୋଗାଯୋଗ ବା ଏନେଇ ହେଲ୍ପ ଲାଇନ ନଂ ଜାରି କରାଯିବା ଉଚିତ। ଯାହାଦ୍ୱାରା ରୋଗୀଙ୍କ ମଧ୍ୟରେ ହତାଶା ସୃଷ୍ଟି ହେବନାହିଁ। ଯେକୌଣସି ଦୁର୍ଗମ ଅଞ୍ଚଳରେ ଯେପରି ଆମ୍ବୁଲାନ୍ସ ବା ବିକଳ୍ପ ଗାଡ଼ି ବ୍ୟବସ୍ଥା ସନ୍ଦିଗ୍ଧମାନଙ୍କ ପାଇଁ ହୋଇପାରିବ ସେନେଇ ସ୍ୱାସ୍ଥ୍ୟବିଭାଗ ଯଥାସମ୍ଭବ ତତ୍ପର ହେବା ଜରୁରୀ। ଯଦିଓ ସଚେତନତା ସୃଷ୍ଟି ଲାଗି ଅଙ୍ଗନବାଡି ଓ ଆଶାକର୍ମୀ କାର୍ଯ୍ୟ କରୁଛନ୍ତି, ଆବଶ୍ୟକ ମୁକାବିଲାମୂଳକ ପଦକ୍ଷେପ ଗ୍ରହଣ କରାଗଲେ ସନ୍ଦିଗ୍ଧଙ୍କ ସଂଖ୍ୟା ବଢନ୍ତା ନାହିଁ। ତାହାଛଡ଼ା ବିଭାଗୀୟ ଅଧିକାରୀମାନେ ତୃଣମୂଳସ୍ତରରେ ପହଞ୍ଚି ସ୍ଥିତି ପରଖିଲେ କି କି ପଦକ୍ଷେପ ନିଆଯାଇପାରିବ, ତାହା ଜାଣିପାରନ୍ତେ। ପ୍ରତ୍ୟକ୍ଷ ଅନୁଭୂତି ପାଆନ୍ତେ। ସର୍ବୋପରି ଆକ୍ରାନ୍ତଙ୍କ ମର୍ମବେଦନାକୁ ଅଧିକାରୀମାନେ ବୁଝିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ।

# ଜଳ ନେଲା ଜୀବନ, ଦୁର୍ଘଟଣା ପୂର୍ବରୁ ହେବା ସଚେତନ

**ସୌଭାଗ୍ୟ ରଞ୍ଜନ ମହାନ୍ତି**

**“ ଆମ ରାଜ୍ୟର ଲୋକମାନେ ପ୍ରତିବର୍ଷ ଦେଶର ବିଭିନ୍ନ ତୀର୍ଥସ୍ଥାନ, ପର୍ଯ୍ୟଟନସ୍ଥଳ ଓ ପ୍ରାକୃତିକ ସ୍ଥାନକୁ ଯାତ୍ରା କରନ୍ତି। ଯାତ୍ରା ପୂର୍ବରୁ ପାଣିପାଗର ସୂଚନା ଦେଖିବା, ସ୍ଥାନୀୟ ସତର୍କବାଣୀକୁ ଗୁରୁତ୍ୱ ଦେବା, ଅଜଣା ଜଳପଥ ଅତିକ୍ରମ ନକରିବା ଏବଂ ଚାଳକଙ୍କ ଉପରେ ବିପଦ ସମୟରେ ଅନାବଶ୍ୟକ ଚାପ ନ ଦେବା ଆମ ସମସ୍ତଙ୍କ ଦାୟିତ୍ୱ।**

ମଧ୍ୟପ୍ରଦେଶର ଆଗର-ମାଲଓ୍ୱା ଜିଲ୍ଲାର ନଲଖେଡ଼ାରୁ ଆସିଥିବା ଖବର ଆଜି ଓଡ଼ିଶାର ପ୍ରତ୍ୟେକ ସମ୍ବେଦନଶୀଳ ହୃଦୟକୁ ଦୋହଲାଇ ଦେଇଛି। ମା' ବଗଳାମୁଖୀଙ୍କ ଦର୍ଶନ ପାଇଁ ଦୂର ଓଡ଼ିଶାରୁ ଯାଇଥିବା ଏକ ପରିବାର ପାଇଁ ଯେଉଁ ଯାତ୍ରା ଆସ୍ଥା, ଆନନ୍ଦ ଓ ପରିବାରିକ ସ୍ମୃତିର ଯାତ୍ରା ହେବାକୁ ଥିଲା, ସେହି ଯାତ୍ରା ହଠାତ୍ ଅନନ୍ତ ବିୟୋଗର କାହାଣୀ ହୋଇଗଲା। ମନ୍ଦିର ଦର୍ଶନ ସାରି ଫେରୁଥିବା ସମୟରେ ବର୍ଷାଜଳରେ ଫୁଲିଉଠିଥିବା ନାଳର ପ୍ରବଳ ସ୍ରୋତରେ ଗାଡ଼ିଟି ଭାସିଯାଇଥିବା ଏବଂ ଆଠଟି ଅମୂଲ୍ୟ ଜୀବନ ହରାଇଯାଇଥିବା ଖବର ଆଜି କେବଳ ଗୋଟିଏ ଦୁର୍ଘଟଣାର ଖବର ନୁହେଁ; ଏହା ଆମ ସମସ୍ତଙ୍କ ଜୀବନର ଅନିଶ୍ଚିତତା, ପ୍ରାକୃତିକ ବିପଦ ସମୟରେ ସତର୍କତା ଏବଂ ଯାତ୍ରୀ ସୁରକ୍ଷାର ମୂଲ୍ୟ ବିଷୟରେ ଗଭୀର ପ୍ରଶ୍ନ କରୁଛି।

ପ୍ରାରମ୍ଭିକ ଖବର ଅନୁସାରେ ମୃତକଙ୍କ ମଧ୍ୟରେ ତିନି ଶିଶୁ, ଦୁଇ ମହିଳା ଓ ତିନି ପୁରୁଷ ଅଛନ୍ତି। ଓଡ଼ିଶାର ଏକ ପରିବାରର ଏତେଜଣଙ୍କ ଜୀବନ ଏକାଥରେ ନିଭିଯିବାର ଅର୍ଥ କେତେ ଗଭୀର, ତାହା କୌଣସି ଶବ୍ଦରେ ସମ୍ପୂର୍ଣ୍ଣ କରିହେବ ନାହିଁ।

ଗୋଟିଏ ଘରେ ଆଜି ହୁଏତ ହସ ନାହିଁ, ଆଲୋକ ନାହିଁ, ଆଗାମୀ ଦିନର ଯୋଜନା ନାହିଁ; ରହିଯାଇଛି କେବଳ ସ୍ମୃତି, ଲୁହ ଓ ଅବିଶ୍ୱାସ। ଯେଉଁ ଶିଶୁମାନେ ହୁଏତ ଦର୍ଶନ ପରେ ଘରକୁ ଫେରିବା ସ୍ୱପ୍ନ ଦେଖୁଥିଲେ, ଯେଉଁ ମାଆମାନେ ପରିବାର ସହ ଫେରିବା ଆଶା ରଖିଥିଲେ, ଯେଉଁ ପିତାମାନେ ନିଜ ପରିବାରକୁ ସୁରକ୍ଷିତ ଭାବେ ଘରେ ପହଞ୍ଚାଇବାକୁ ଚାହୁଁଥିଲେ, ସେମାନଙ୍କ ଯାତ୍ରା ଗୋଟିଏ ମୁହୂର୍ତ୍ତରେ ଥମକିଗଲା। ଏପରି ଦୁଃଖର ସାମ୍ନାରେ ସମାଜର ପ୍ରଥମ କର୍ତ୍ତବ୍ୟ ହେଉଛି ନିରବ ସମବେଦନା। ମୃତ୍ୟୁର ସଂଖ୍ୟା ଆମକୁ ଆଠ କହୁଛି, କିନ୍ତୁ ପ୍ରତ୍ୟେକ ସଂଖ୍ୟା ପଛରେ ଥିଲା ଗୋଟିଏ ମୁହଁ, ଗୋଟିଏ ନାମ, ଗୋଟିଏ ପରିବାର, ଗୋଟିଏ ସ୍ୱପ୍ନ ଓ ଅନେକ ସମ୍ପର୍କ। ଖବରରେ ଆମେ 'ଆଠ ମୃତ' ବୋଲି ପଢ଼ି ଆଗକୁ ବଢ଼ିଯାଇପାରୁ, କିନ୍ତୁ ସେହି ପରିବାର ପାଇଁ ଏହି ଆଠଟି ଜୀବନ ହିଁ ଥିଲା ସମଗ୍ର ଜଗତ।

ଏହି କାରଣରୁ ଏହି ଦୁର୍ଘଟଣାକୁ କେବଳ ଗୋଟିଏ ଅପଘାତ ଭାବେ ଦେଖି ଭୁଲିଯିବା ଉଚିତ ନୁହେଁ। ପ୍ରଶ୍ନ ଉଠିବା ସ୍ୱାଭାବିକ- ପ୍ରବଳ ଭାବରେ ଫୁଲି ଉଠିଥିବା ନାଳ ଅତିକ୍ରମ କରିବା ପୂର୍ବରୁ ଯାତ୍ରୀଙ୍କୁ କୌଣସି ସତର୍କ ସୂଚନା ମିଳିଥିଲା କି, ସେଠାରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଥିଲା କି, ବିପଦ ସମୟରେ ଯାନବାହନ ଚଳାଚଳ ରୋକିବାର ବ୍ୟବସ୍ଥା ଥିଲା କି, ଏବଂ ଏପରି ତୀର୍ଥସ୍ଥାନରେ ବର୍ଷା ଋତୁ ପାଇଁ ସ୍ଥାୟୀ ସୁରକ୍ଷା ପଦକ୍ଷେପ ନିଆଯାଇଛି କି ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ତଦନ୍ତରେ ସ୍ପଷ୍ଟ ହେବା ଦରକାର। କାହାକୁ ଆଗୁଆ ଦୋଷୀ କରିବା ନୁହେଁ, କିନ୍ତୁ ଭବିଷ୍ୟତରେ ଏପରି ମୃତ୍ୟୁ ରୋକିବା ପାଇଁ ପ୍ରତ୍ୟେକ ତଥ୍ୟ ସାମ୍ନାକୁ ଆସିବା ଆବଶ୍ୟକ। ଜଳ କେବେ ରାସ୍ତା ଓ ନାଳର ସୀମା ମାନେ ନାହିଁ। କିଛି ମିନିଟ୍‌ରେ ଶାନ୍ତ ଦେଖାଯାଉଥିବା ଜଳସ୍ରୋତ ମୃତ୍ୟୁର ସ୍ରୋତରେ ପରିଣତ ହୋଇପାରେ। ତେଣୁ ବର୍ଷାଦିନରେ ରାସ୍ତା ଉପରେ ବହୁଥିବା ଜଳକୁ କେବେ ମଧ୍ୟ ସାଧାରଣ ଭାବେ ନେବା ଉଚିତ ନୁହେଁ। ଯାତ୍ରୀ ହୁଅନ୍ତୁ କି ଚାଳକ, ଗୋଟିଏ ମୁହୂର୍ତ୍ତର ଅସାବଧାନତା ସମଗ୍ର ପରିବାରର ଭାଗ୍ୟ ବଦଳାଇପାରେ। ପ୍ରଶାସନର ମଧ୍ୟ ଏଠାରେ ଗଭୀର ଦାୟିତ୍ୱ ରହିଛି। ଯେଉଁ ସ୍ଥାନକୁ ପ୍ରତିଦିନ ହଜାର ହଜାର ଭକ୍ତ ଆସନ୍ତି, ସେଠାରେ ଋତୁକାଳୀନ ଜଳପ୍ରବାହ, ନାଳ, ପୋଲ, ଛୋଟ ପୋଲ ଓ ରାସ୍ତାର ସୁରକ୍ଷାକୁ ନେଇ ପୂର୍ବପ୍ରସ୍ତୁତି ରହିବା ଦରକାର। ବିପଦ ଆସିବା ପରେ ଉଦ୍ଧାର କରିବା ଯେତେ ଜରୁରୀ, ବିପଦ ଘଟିବା ପୂର୍ବରୁ ତାହାକୁ ରୋକିବା ତାହାଠାରୁ ଅଧିକ ଜରୁରୀ। ସ୍ପଷ୍ଟ ସତର୍କ ସୂଚନା, ବିପଦ ସଙ୍କେତ, ଆଲୋକ ବ୍ୟବସ୍ଥା, ଆବଶ୍ୟକ ସ୍ଥାନରେ ଅସ୍ଥାୟୀ ପ୍ରତିବନ୍ଧକ, ପ୍ରଶିକ୍ଷିତ ସୁରକ୍ଷାକର୍ମୀ ଓ ବର୍ଷା ସମୟରେ ନିୟମିତ ନିରୀକ୍ଷଣ ଭଳି ପଦକ୍ଷେପ ଅନେକ ଜୀବନ ବଞ୍ଚାଇପାରେ। ଏହି ଘଟଣା ଓଡ଼ିଶା ପାଇଁ ମଧ୍ୟ ଏକ ସତର୍କ ଘଣ୍ଟି।

ଆମ ରାଜ୍ୟର ଲୋକମାନେ ପ୍ରତିବର୍ଷ ଦେଶର ବିଭିନ୍ନ ତୀର୍ଥସ୍ଥାନ, ପର୍ଯ୍ୟଟନସ୍ଥଳ ଓ ପ୍ରାକୃତିକ ସ୍ଥାନକୁ ଯାତ୍ରା କରନ୍ତି। ଯାତ୍ରା ପୂର୍ବରୁ ପାଣିପାଗର ସୂଚନା ଦେଖିବା, ସ୍ଥାନୀୟ ସତର୍କବାଣୀକୁ ଗୁରୁତ୍ୱ ଦେବା, ଅଜଣା ଜଳପଥ ଅତିକ୍ରମ ନ କରିବା ଏବଂ ଚାଳକଙ୍କ ଉପରେ ବିପଦ ସମୟରେ ଅନାବଶ୍ୟକ ଚାପ ନଦେବା ଆମ ସମସ୍ତଙ୍କ ଦାୟିତ୍ୱ।

ବିଶେଷକରି ବର୍ଷା ଋତୁରେ ରାସ୍ତା ଉପରେ ବହୁଥିବା ଜଳର ଗଭୀରତା ଓ ସ୍ରୋତର ଶକ୍ତିକୁ ଚକ୍ଷୁରେ ମାପି ନିଷ୍ପତ୍ତି ନେବା ବିପଜ୍ଜନକ। ଜଳ ଯଦି ରାସ୍ତା ଉପରେ ପ୍ରବଳ ଭାବେ ବହୁଛି, ତେବେ କିଛି ସମୟ ଅପେକ୍ଷା କରିବା ହୁଏତ ଯାତ୍ରାକୁ ବିଳମ୍ବ କରିବ, କିନ୍ତୁ ଜୀବନକୁ ନୁହେଁ। ଆଜି ନଲଖେଡ଼ାରେ



ନିଭିଯାଇଥିବା ଜୀବନଗୁଡ଼ିକୁ ଫେରାଇ ଆଣିବା ଆମ ପକ୍ଷରେ ସମ୍ଭବ ନୁହେଁ। କିନ୍ତୁ ସେମାନଙ୍କ ମୃତ୍ୟୁକୁ ଏକ ସଚେତନତାର ଆଲୋକରେ ପରିଣତ କରିବା ନିଶ୍ଚୟ ଆମ ହାତରେ ଅଛି।

ତଦନ୍ତ ନିରପେକ୍ଷ ହେଉ, ମୃତକଙ୍କ ପରିଚୟ ଓ ପରିବାର ସମ୍ପର୍କରେ ସରକାରୀ ସ୍ପଷ୍ଟତା ଶୀଘ୍ର ଆସୁ, ଆବଶ୍ୟକ ସହାୟତା ପରିବାରକୁ ମିଳୁ ଏବଂ ଭବିଷ୍ୟତରେ ସେହି ସ୍ଥାନରେ ଏପରି ଦୁର୍ଘଟଣା ରୋକିବାକୁ ସ୍ଥାୟୀ ବ୍ୟବସ୍ଥା ହେଉ-ଏହି ହେଉ ଏହି ଦୁଃଖଦ ଘଟଣା ପ୍ରତି ସତ୍ୟ ସମ୍ମାନ। ଶୋକସନ୍ତପ୍ତ ପରିବାରର ଲୁହ ଶୁଖିବ ନାହିଁ, ହରାଇଥିବା ଶିଶୁମାନଙ୍କ ହସ ଫେରିବ ନାହିଁ, ମାଆଙ୍କ ଡାକ ଆଉ ଶୁଣାଯିବ ନାହିଁ, ପରିବାରର ଖାଲି ଆସନ କେହି ପୂରଣ କରିପାରିବେ ନାହିଁ। ତଥାପି ସମାଜ ଯଦି ଏହି ବିୟୋଗରୁ ଏକ ଶିକ୍ଷା ନିଏ, ପ୍ରଶାସନ ଯଦି ଏହି ଘଟଣାରୁ ଏକ ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା ଗଢ଼େ, ଯାତ୍ରୀମାନେ ଯଦି ଜଳର ବିପଦକୁ ଅବହେଳା ନକରନ୍ତି, ତେବେ ଏହି ଅସହ୍ୟ ମୃତ୍ୟୁଗୁଡ଼ିକର ବେଦନା ମଧ୍ୟରୁ ଭବିଷ୍ୟତର ଅନେକ ଜୀବନ ପାଇଁ ସତର୍କତାର ଏକ ଦୀପ ଜଳିପାରେ।

ଆଜି ଆମେ ସେହି ଅଜଣା ମୁହଁଗୁଡ଼ିକୁ ମନେ ପକାଇବା। ସେହି ଶିଶୁମାନଙ୍କୁ ମନେ ପକାଇବା, ଯେଉଁମାନଙ୍କ ଜୀବନ ଆରମ୍ଭ ହେବା ପୂର୍ବରୁ ଥମକିଗଲା। ସେହି ମାଆମାନଙ୍କୁ ମନେ ପକାଇବା, ଯେଉଁମାନେ ପରିବାର ସହ ଘରକୁ ଫେରିବାର ସ୍ୱପ୍ନ ନେଇ ବାହାରିଥିଲେ। ସେହି ପିତାମାନଙ୍କୁ ମନେ ପକାଇବା, ଯେଉଁମାନଙ୍କ ପରିବାର ଏକ ମୁହୂର୍ତ୍ତରେ ନିରବ ହୋଇଗଲା। ଏବଂ ମନେ ରଖିବା— ପ୍ରକୃତିକୁ ଜିତିବା ମଣିଷର ହାତରେ ନାହିଁ, କିନ୍ତୁ ପ୍ରକୃତିର ସଙ୍କେତକୁ ସମ୍ମାନ କରି ଜୀବନ ବଞ୍ଚାଇବା ନିଶ୍ଚୟ ମଣିଷର ହାତରେ ଅଛି।

ନଲଖେଡ଼ାର ଏହି ଅନ୍ଧାର ରାତି ଆମକୁ ସେହି କଥା ହିଁ କହୁଛି—ଘରକୁ ଫେରିବାର ଆଶାଠାରୁ ବଡ଼ କୌଣସି ଯାତ୍ରା ନାହିଁ, ଜୀବନଠାରୁ ମୂଲ୍ୟବାନ କୌଣସି ଦର୍ଶନ ନାହିଁ, ଏବଂ ଗୋଟିଏ ମୁହୂର୍ତ୍ତର ସତର୍କତାଠାରୁ ବଡ଼ କୌଣସି ସୁରକ୍ଷା ନାହିଁ। ହେ ଭଗବାନ, ସେହି ଆଠଟି ଆତ୍ମାକୁ ଶାନ୍ତି ଦିଅନ୍ତୁ, ଶୋକସନ୍ତପ୍ତ ପରିବାରକୁ ଏହି ଅପୂରଣୀୟ ଦୁଃଖ ସହିବାର ଶକ୍ତି ଦିଅନ୍ତୁ, ଏବଂ ଆମ ସମସ୍ତଙ୍କୁ ଏପରି ଦୁର୍ଘଟଣା ପୂର୍ବରୁ ସଚେତନ ହେବାର ବୁଦ୍ଧି ଦିଅନ୍ତୁ।

ମୋ: ୯୪୩୭୯୯୪୩୭୯

## ସଦ୍‌ଗୁଣର ବିକାଶ

**ଦେବଦ୍ୟୁତି ସ୍ୱାଇଁ**

ଶରୀର, ପ୍ରାଣ ଓ ମନର ଭିତ୍ତିରୂପକ ଏହି ଅମର ଆତ୍ମା – ହିମାଳୟର ତୁଷାର ସଦୃଶ ନିର୍ମଳ, ସୂର୍ଯ୍ୟାଲୋକ ସଦୃଶ ଉଜ୍ଜ୍ୱଳ, ଆକାଶ ପରି ଦିଗନ୍ତ ବିସ୍ତାରିତ, ବ୍ୟୋମ ସଦୃଶ ସର୍ବବ୍ୟାପୀ, ସମୁଦ୍ର ସଦୃଶ ଅତଳସ୍ପର୍ଶୀ ଓ ଗଙ୍ଗାଜଳ ସଦୃଶ ପବିତ୍ର । ଏହି ଆତ୍ମା ଅପେକ୍ଷା ମଧୁର ଆଉ କିଛି ନାହିଁ । ମନକୁ ନିର୍ମଳ କରିବା ପ୍ରୟୋଜନ । ଧ୍ୟାନ ଧାରଣା ବଳରେ ହୃଦୟର ଗଭୀରତମ ପ୍ରଦେଶକୁ ପ୍ରବେଶ କରିହୁଏ । ଅନ୍ତରର ଗଭୀରତମ ପ୍ରଦେଶକୁ ଗଲେ ଆତ୍ମାରୂପକ ମୁକ୍ତା ମିଳିବ । କୂଳରେ ଅନୁସନ୍ଧାନ କଲେ କେବଳ ଭଗ୍ନଶାମୁକା ମିଳିପାରେ । ପ୍ରତ୍ୟେକଙ୍କ ହୃଦୟ ଈଶ୍ୱରଙ୍କ ଅର୍ଚ୍ଚନା ପାଇଁ ଶ୍ରେଷ୍ଠ ପୁଷ୍ପ । ଆତ୍ମାର ମୂଳ ଗୁଣ ହେଲା ପବିତ୍ରତା, ପ୍ରେମ ଓ ଶାନ୍ତି । ଏହା ଅନନ୍ତ ଆନନ୍ଦ ଓ ଅସୀମ ସୁଖଶାନ୍ତିର ନନ୍ଦନକାନନ । ତନ୍ମଧ୍ୟକୁ ପ୍ରବେଶ କଲେ ଯେଉଁ ଶାନ୍ତି ମିଳିବ ତାହା ଅତ୍ୟନ୍ତ ବିରଳ । ଦୀପଧାର ମଧ୍ୟରେ ଦୀପ ଜଳିବା ସଦୃଶ ହୃଦୟ ମଧ୍ୟରେ ଦିବ୍ୟାଲୋକ ଜଳୁଛି । ଯେଉଁ ଦୀପର ସଳିତା ଛୋଟ, ସେ ଦୀପର ଆଲୁଅ କମ୍। ଯେଉଁ ଦୀପର ସଳିତା ମୋଟ, ସେ ଦୀପର ଆଲୁଅ ବେଶି। ଠିକ୍ ସେହିପରି ଜୀବ ଯଦି ପବିତ୍ର ବିଶୁଦ୍ଧ ହେବ, ସେ ଯଦି ଧ୍ୟାନଭ୍ୟାସରେ ରତ ହେବ, ତେବେ ତା'ଠାରେ ଆତ୍ମାର ଅଭିବ୍ୟକ୍ତି ମଧ୍ୟ ସ୍ପଷ୍ଟସବଳ ହେବ; ସେ ଅଧିକ ଉଜ୍ଜ୍ୱଳ ଆଲୋକ ବିକିରଣ କରିବ।



ଧୈର୍ଯ୍ୟ, ଅଧ୍ୟବସାୟ, ଶାନ୍ତି ଓ ସାହସ ଦ୍ୱାରା ସୁସଜ୍ଜିତ ହୋଇ ଧୀର ଭାବରେ ଏକ ଶୃଙ୍ଗ ପରେ ଅପର ଶୃଙ୍ଗ ଆରୋହଣ କରିବା ଆବଶ୍ୟକ । ଅସଂଯତ ଇନ୍ଦ୍ରିୟସମୂହଙ୍କୁ ଦମନ କଲେ ବାସନା ସକଳ ସ୍ୱତଃ ଦୂର ହୋଇଯିବ ଓ ସର୍ବଶେଷରେ ଆତ୍ମୋପଲବ୍ଧି ବା ଦିବ୍ୟଜ୍ଞାନର ସର୍ବୋଚ୍ଚ ସ୍ଥାନରେ ପ୍ରବେଶର ବାଟ ଫିଟିଯିବ ।

ପ୍ରେମର ଚାବି ଦ୍ୱାରା ଅନ୍ତରରେ ଅବସ୍ଥିତ ଭଗବାନଙ୍କ ମନ୍ଦିରରର ଦ୍ୱାର ଉନ୍ମୋଚନ ହୋଇଥାଏ । କ୍ଷେତ୍ରପାଳ ଯତ୍ନ ସହକାରେ ଛୋଟ ଗଛଗୁଡ଼ିକର ତତ୍ତ୍ୱ ନେଇଥାଏ । ଗଛ ମୂଳରୁ ଅନାବଶ୍ୟକ ଗଛସବୁ ଉପାଡ଼ି ଦେବା ସହ ବାହ୍ୟଶତ୍ରୁ କବଳରୁ ଗଛର ସୁରକ୍ଷା ପାଇଁ ଚତୁର୍ଦ୍ଦିଗରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ଶକ୍ତିଶାଳୀ ବାଡ଼ ଦେଇଥାଏ । ଆବଶ୍ୟକ ସମୟରେ ଗଛ ମୂଳରେ ଜଳ ଦିଏ । ଉପଯୁକ୍ତ ଯତ୍ନ ଦ୍ୱାରା ଗଛଟି ଠିକଣା ଭାବରେ ବୃଦ୍ଧି ପାଇ ଯଥା ସମୟରେ ଫୁଲଫଳ ଦେଇଥାଏ। ଅନୁରୂପ ଭାବରେ ମଣିଷ କଥା କୁହାଯାଇପାରେ । ଅସଂଯତ ଇନ୍ଦ୍ରିୟସମୂହ ହେଲେ ଏହାର ବାହ୍ୟଶତ୍ରୁ । ପ୍ରତିରୋଧକାରୀ ସଂଯତ ଇନ୍ଦ୍ରିୟ ଦ୍ୱାରା ନିଜକୁ ସୁରକ୍ଷିତ ରଖିପାରିଲେ ହିଁ ଆତ୍ମା ରୂପୀ ଶତଦଳ ନିଜ ସୌରଭରେ ଅନ୍ୟକୁ ଆମୋଦିତ କରିବ, ଆକର୍ଷିତ କରିବ । ସଂଯତ ଆତ୍ମାର ସୁବାସ ଦିଗ୍‌ବିଦିଗରେ ଚହଟିଯିବ ଅର୍ଥାତ୍ ଏହାର ପ୍ରଭାବରେ ଅନ୍ୟମାନେ ଆକର୍ଷିତ ହେବେ ନିଶ୍ଚୟ । ଲକ୍ଷ୍ୟ ସ୍ଥିର କରିବା ନିଜ ଦାୟିତ୍ୱ । ଦୁଇଟି ଭିତରୁ ଗୋଟିକୁ ବାଛିବାକୁ ପଡ଼ିବ ।

ଏକମାତ୍ର ନୈତିକ ମନୁଷ୍ୟ ହିଁ ପ୍ରକୃତ ସୁନ୍ଦର। ସତ୍‌କର୍ମ କରୁଥିବା ଲୋକଙ୍କର, ସତ୍, ସୁନ୍ଦର ଓ ମଧୁରଭାଷୀ ଲୋକଙ୍କର ସମକକ୍ଷ ଲୋକ ଆଉ ନାହିଁ। ସେ କେବଳ ନରଲୋକରେ ପ୍ରିୟ ନୁହେଁ; ସେ ଦେବପ୍ରିୟ ଓ ବ୍ରହ୍ମାଙ୍କର ମଧ୍ୟ ପ୍ରିୟ। ଯେ ଭଦ୍ର, ନମ୍ର, ସାଧୁ, ସତ୍ୟବାଦୀ ଓ ଧର୍ମ ପରାୟଣ ସେ ହିଁ ସର୍ବଶ୍ରେଷ୍ଠ ମନୁଷ୍ୟ। ଯାହାଠାରେ କୌଣସି ନୈତିକ ଗୁଣ ନାହିଁ, ସେ ଏକ ଗନ୍ଧହୀନ ବନ୍ୟପୁଷ୍ପ। ସଦ୍‌ଗୁଣ-ବିବର୍ଜିତ ମନୁଷ୍ୟ ବଞ୍ଚିଥିଲେ ବି ମଲା ସହିତ ସମାନ। ସେ ଜଗତର ଏକ ଅଭିଶାପ। ସେ ସମାଜରେ ଘୃଣ୍ୟ-ପରିତ୍ୟକ୍ତ ହୋଇ ରହେ। ଇନ୍ଦ୍ରିୟସେବା ପରାୟଣ ଲୋକ ପଶୁଠାରୁ ଭିନ୍ନ ନୁହେଁ। ଅଧିକାଂଶ ଲୋକ ପଶୁତୁଲ୍ୟ ଜୀବନ ଯାପନ କରନ୍ତି। ସେମାନେ ଶାନ୍ତିର ସାମ୍ରାଜ୍ୟରୁ, ଶାଶ୍ୱତ ସୁଖର ସାମ୍ରାଜ୍ୟରୁ ନିର୍ବାସିତ ହୋଇଯାଇଥାନ୍ତି। ସୁତରାଂ କାଳ ବିଳମ୍ବ ନ କରି ସଦ୍‌ଗୁଣ ବିକାଶ କରନ୍ତୁ। ଦାନ, କୃତଜ୍ଞତା, ଧର୍ମଶାସ୍ତ୍ରଜ୍ଞାନ, ମହତ୍ ଚରିତ୍ର, ଆତ୍ମ ସଂଯମ ଏବଂ ସତ୍ ସାହସ ମନୁଷ୍ୟକୁ ପୂଜ୍ୟ ଓ ଗୌରବାନ୍ୱିତ କରି ଗଢ଼ିଦିଏ।

ମେରିଆ ବଜାର କଟକ, ମୋ: ୯୪୩୭୧୯୯୬୮୭

# ରାଷ୍ଟ୍ରୀୟ ବିକାଶ କି ବିନାଶ ?

**ପଙ୍କଜ କୁମାର ପାଣିଗ୍ରାହୀ**

**“ ଖଣି, ପାଣି, ଭୂମି, କର୍ମୀ, ବିଦ୍ୟୁତ / ତାପଜ ଶକ୍ତି, ଭିତ୍ତିଭୂମି ପାଇଁ କଞ୍ଚା ମାଲ ସବୁ ଆମର । ଏସବୁ ଆମେ ଆପଣଙ୍କୁ ଯୋଗେଇ ଦେବୁ । ଆମ ବ୍ୟାଙ୍କ ଏବଂ ସେୟାର ବଜାର ମାଧ୍ୟମରେ ସାଧାରଣ ଲୋକଙ୍କ ଠାରୁ ଅଧିଗ୍ରହଣ କରାଯାଉଥିବା ଟଙ୍କା ମଧ୍ୟ ଦେବୁ । ଆପଣ ଟଙ୍କା ବୋଲି ଲେଖା ନ ଯାଇ ଆଉ କିଛି ଇଂରେଜ ଶବ୍ଦ ଲେଖାଥିବା ରଙ୍ଗିନ କାଗଜ କିଛି ମାତ୍ରାରେ ନେଇ ଆସିବେ । ଆଉ ଆପଣଙ୍କ ସାଥିରେ ଲୋକ କେତେଜଣ ଥିବେ । ଏଠାରେ ଆମର କେତେକ ଲୋକଙ୍କୁ ନକ୍ସା ଦେଇ କାମରେ ଲଗାଇ ଚାଲିଯିବେ । ଶିଳ୍ପ ପ୍ରତିଷ୍ଠାନ ସଂପୂର୍ଣ୍ଣ ହେବା ପରେ ଆସି ବ୍ୟବସାୟ ଆରମ୍ଭ କରିବେ ।**

ସ୍ୱଦେଶୀ / ବିଦେଶୀ ପୁଞ୍ଜିନିବେଶ ଅର୍ଥ- ବୃହତ୍ତର ଶିଳ୍ପ ପ୍ରତିଷ୍ଠାନର ଅଭ୍ୟୁଦୟ । ଏହାଦ୍ୱାରା ସାଧାରଣ ନାଗରିକ, ପାରିବାରିକ, ସାମାଜିକ, ରାଷ୍ଟ୍ରୀୟ ବିକାଶ ହେଉଥିବା ପ୍ରଚାର ପ୍ରସାର କରାଯାଉଥିବା ଆମେ ସମସ୍ତେ ଶୁଣୁଛେ । କିନ୍ତୁ, ତାର ବାସ୍ତବତା କ'ଣ ଜାଣିନେ ! ସମୀକ୍ଷା କରି ଦେଖିବା ଏହାର ଲାଭ କାହାକୁ ମିଳିଥାଏ ଏବଂ ଏହା ରାଷ୍ଟ୍ରୀୟ ବିକାଶରେ କେତେଦୂର ସହାୟକ ହୋଇଥାଏ ।

ପୂର୍ବରୁ ଆମର ବହୁ ରାଜା ଥିଲେ ଗୋଜା । ତେଣୁ ଇଂରେଜ ପୁଞ୍ଜି ନିବେଶ ନାମରେ ବ୍ୟବସାୟ କରୁ କରୁ ଆମକୁ ଶାସନ କଲେ । ବର୍ତ୍ତମାନ ଆଉ କ'ଣ ସେମିତି ହେବ ? ଆମ ଦେଶର ସାମ୍ବିଧାନିକ ମାଧୁର୍ଯ୍ୟ କାରଣରୁ ଶାସନ, ପ୍ରଶାସନ ବ୍ୟବସ୍ଥାରେ ଅଭିଷିକ୍ତ ମଣିଷମାନଙ୍କର ମାନବିକତା, ଦକ୍ଷତାର ସୀମା ଚରମ ଶୀର୍ଷରେ । ପୂର୍ବର ମୂର୍ଖ ରାଜାମାନଙ୍କ ଭଳି, ଏମାନଙ୍କୁ କ'ଣ ସହଜରେ ଠକିଦେଇ ପାରିବେ ବିଦେଶୀ ? ଆଦୌ ନୁହେଁ- ଏହା ଆମର ସଂପୂର୍ଣ୍ଣ ବିଶ୍ୱାସ ରହିଛି । ପୂର୍ବ ସମୟର ରାଜାଙ୍କ ଭଳି ଏମାନେ ନିଜସ୍ୱ ସ୍ୱାର୍ଥ / ସମ୍ଭୋଗ ବୋଲି କିଛି ଜାଣନ୍ତି ନାହିଁ । କେବଳ ସାମାଜିକ, ରାଷ୍ଟ୍ରୀୟ ସୁରକ୍ଷା ଆଉ ସମାଜ ସେବା ଉଦ୍ଦେଶ୍ୟରେ ନିଜ ଜୀବନକୁ ଅଗ୍ନିରେ ଝାସ ଦେଇ କାର୍ଯ୍ୟ କରୁଥିବା ଅନୁଭବ କରୁଥିବେ ସମଗ୍ର ଦେଶବାସୀ । ଏମାନଙ୍କ ରାଷ୍ଟ୍ରୀୟ ବିକାଶ ଧାରାରେ ଅବଦାନ ଅତୁଳନୀୟ ବନାମ ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ର ସମୂହ ! ଏକଥାର ସାନ୍ଦ୍ରତା ହୁଏତ ବୁଝିଥିବେ ସମସ୍ତେ ନିଶ୍ଚୟ ? ବର୍ତ୍ତମାନ ଆମ ଦେଶର ସାମାଜିକ ଉତ୍ଥାନ ଉପରେ କାର୍ଯ୍ୟକ୍ଷମ- ବିଭିନ୍ନ ମାଗଣା ଯୋଜନା,



ଆରକ୍ଷଣ ଯୋଜନାର ପଟାନ୍ତର ନାହିଁ ! ଏମାନେ ଯେଉଁଭଳି ନିଜର ସଂପତ୍ତିକୁ ମାଗଣା ଯୋଜନା ମାଧ୍ୟମରେ ବିତରଣ କରି ପ୍ରଚାର, ପ୍ରସାର କରୁଛନ୍ତି --ଅନ୍ୟ କୌଣସି ଦେଶର ରାଜନେତାମାନେ ଏମିତି କରିପାରିବେ; ସନ୍ଦେହ । ଆମର ତାହା ଉପରେ ଆଉ ଅଧିକ ଜ୍ଞାନ ନାହିଁ। ବୃହତ୍ତର ଶିଳ୍ପମାନଙ୍କ ସୁବିଧା ପାଇଁ ଜାତୀୟ ରେଳ, ରାଜପଥ, ଆକାଶ ଓ ଜଳପଥଗୁଡିକର ଆଖିବୁଜା ଉନ୍ନତିକରଣ ଉପରେ କୌଣସି ସନ୍ଦେହ ହିଁ ନାହିଁ । ଶିଳ୍ପ ସଂସ୍ଥାନମାନଙ୍କ ପାଇଁ ଚାକର ଯୋଗାଡ଼ କରିବା ଉଦ୍ଦେଶ୍ୟରେ ଶିକ୍ଷାନୀତିରେ ନୂତନ ଢାଞ୍ଚାର ପ୍ରୟୋଗ ଅପ୍ରତିମ । ଏସବୁ କାର୍ଯ୍ୟ ବିଭିନ୍ନ (ପ୍ରତ୍ୟକ୍ଷ – ପରୋକ୍ଷ) ମାଧ୍ୟମରେ ଲୋକଙ୍କ ଠାରୁ ଆଦାୟ କରାଯାଉଥିବା ୬୦-୭୦% ଟିକସ ଦ୍ୱାରା ସମ୍ଭବ କରାଯାଇଥାଏ ।

ରାଷ୍ଟ୍ରୀୟ ଭୂସଂପଦ, ଜଳ ସଂପଦ, ଖଣିଜ ସଂପଦ ଗୁଡିକ ବୃହତ୍ତର ଶିଳ୍ପ ସଂସ୍ଥାନମାନଙ୍କୁ ଏକ ପ୍ରକାର ମାଗଣାରେ ହସ୍ତାନ୍ତର କରାଯିବା ଭିନ୍ନ ଏକ ଉନ୍ନତିର ପନ୍ଥା । ଏହା ଶାସକଙ୍କ ବ୍ୟକ୍ତିଗତ ଅଧିକାର ମଧ୍ୟରେ ଆସୁଥିବ ! ତେଣୁ ସେମାନେ ତା'ର ସଦୁପଯୋଗ କରୁଥିବେ ବୋଲି ଅନୁମାନ ହେଉଛି । ଏହି ସନ୍ଦର୍ଭରେ ସେମାନଙ୍କ ପ୍ରଚଣ୍ଡ ପ୍ରଖର ଜ୍ଞାନରୁ ଉତ୍ପତ୍ତି ହୁଏ ପୁଂଜିନିବେଶର ମାର୍ଗ । ସର୍ବସାଧାରଣଙ୍କୁ କୁହାଯାଏ; ନିଯୁକ୍ତି ସୁଯୋଗ ଓ ସାମାଜିକ ଆର୍ଥିକ ବିକାଶ । ଏପର୍ଯ୍ୟନ୍ତ ଏହି ଢାଞ୍ଚାରେ କରାଯାଇଥିବା ସ୍ୱଦେଶୀ / ବିଦେଶୀ ପୁଞ୍ଜିନିବେଶ ଏବଂ ତାହାଦ୍ୱାରା ସୃଷ୍ଟି ହୋଇଥିବା ନିଯୁକ୍ତି ସୁଯୋଗ ଓ ରାଷ୍ଟ୍ରୀୟ ଆର୍ଥିକ ବିକାଶର କୌଣସି ଶ୍ୱେତପତ୍ର ଜାରି କରାଯାଇଥିବା ଆମ ନଜରକୁ ଆସି ନାହିଁ। ଏହାଦ୍ୱାରା ବାସ୍ତବରେ କ'ଣ ହୁଏ, ଆସନ୍ତୁ ବୁଝିବା ଆମର ସୀମିତ ଜ୍ଞାନରେ ।

ଆଜ୍ଞା; ଖଣି, ପାଣି, ଭୂମି, କର୍ମୀ, ବିଦ୍ୟୁତ୍ / ତାପଜ ଶକ୍ତି, ଭିତ୍ତିଭୂମି ପାଇଁ କଞ୍ଚା ମାଲ ସବୁ ଆମର । ଏସବୁ ଆମେ ଆପଣଙ୍କୁ ଯୋଗେଇ ଦେବୁ । ଆମ ବ୍ୟାଙ୍କ ଏବଂ ସେୟାର ବଜାର ମାଧ୍ୟମରେ ସାଧାରଣ ଲୋକଙ୍କ ଠାରୁ ଅଧିଗ୍ରହଣ କରାଯାଉଥିବା ଟଙ୍କା ମଧ୍ୟ ଦେବୁ । ଆପଣ ଟଙ୍କା ବୋଲି ଲେଖା ନ ଯାଇ ଆଉ କିଛି ଇଂରେଜ ଶବ୍ଦ ଲେଖାଥିବା ରଙ୍ଗିନ କାଗଜ କିଛି ମାତ୍ରାରେ ନେଇ ଆସିବେ । ଆଉ ଆପଣଙ୍କ ସାଥିରେ ଲୋକ କେତେଜଣ ଥିବେ । ଏଠାରେ ଆମର କେତେକ ଲୋକଙ୍କୁ ନକ୍ସା ଦେଇ କାମରେ ଲଗାଇ ଚାଲିଯିବେ । ଶିଳ୍ପ ପ୍ରତିଷ୍ଠାନ ସଂପୂର୍ଣ୍ଣ ହେବା ପରେ ଆସି ବ୍ୟବସାୟ ଆରମ୍ଭ କରିବେ ।

ଆମେ ଆପଣଙ୍କୁ ସବୁ ଦ୍ରବ୍ୟ ମାଗଣାରେ ଯୋଗାଇ ଦେବୁ । ଅଧିକନ୍ତୁ ବ୍ୟବସାୟ ଆରମ୍ଭ ହେବା ପରେ ଟିକସ ମଧ୍ୟ ଛାଡ଼ କରିଦେବୁ । ଆପଣ ସବୁ ଏ- ଗ୍ରେଡ଼ (ଉଚ୍ଚମାନର) ଉତ୍ପାଦ ବିଦେଶକୁ ଉଚ୍ଚା ଦରରେ ରପ୍ତାନି କରିବେ । ସଂପଦ, ବିନିଯୋଗ ଏବଂ ଶ୍ରମ ସବୁ ଆମର । କେବଳ ମଧ୍ୟବର୍ତ୍ତୀ ଲୋକ ଆପଣ । ଲାଭାଂଶର ୯୦ ପ୍ରତିଶତ ଆପଣଙ୍କ ହାତକୁ ନେଇ ୧୦ ପ୍ରତିଶତ ଏଠାରେ ବ୍ୟବହାର କରିବେ । ଏହାଦ୍ୱାରା ଆପଣଙ୍କ ଯଥେଷ୍ଟ ଲାଭ ହେବ ।

ତା ବଦଳରେ ଆମର ଏକ ସର୍ତ୍ତ ମାନିବାକୁ ପଡିବ । ତାହା ହେଲା- ଯେତିକି କମ୍ପ୍ୟୁଟର ଓ ରୋବଟିକ ଯନ୍ତ୍ରାଂଶରେ ସମ୍ଭବ; କରିବେ । କି'ନ୍ତୁ ଆମ ସ୍ଥାନୀୟ କିଛି ଶ୍ରମିକଙ୍କୁ ଚାକିରି ଦେବେ । ସଂଚାଳକ ବା ଅନ୍ୟ ଉଚ୍ଚ ପଦସ୍ଥ କର୍ମଚାରୀ ଆପଣଙ୍କ ହେଲେ ମଧ୍ୟ- ନିର୍ଦ୍ଦିଷ୍ଟ କର୍ମୀ ନିଶ୍ଚୟ ଆମ ଲୋକେ ହିଁ ରହିବେ । ସେତିକିରେ ଆମ ଦେଶବାସୀ ଯଥେଷ୍ଟ ଖୁସି ହେବେ । ଆମେ ସେମାନଙ୍କୁ କହିବୁ ଯେ ଦେଖ ଆମେ କେମିତି ନୂଆ ରୋଜଗାର ସୃଷ୍ଟି କଲୁ । ଅନ୍ୟୁନ ୧୦୦-୨୦୦ ପରିବାର ଉନ୍ନତିର ଶୀର୍ଷକୁ ତ ଛୁଇଁବେ । ଏତିକି କଥା ଆଜ୍ଞା ପୁଞ୍ଜିନିବେଶର ମୂଳ ମନ୍ତ୍ର , ସେପରି ହିଁ ମନେ ହେଉଛି ।

ଏଥିରେ ଆମ ଦେଶର ଆର୍ଥିକ ବିକାଶ କେତେ ହେବ ସେମାନଙ୍କୁ ବୁଝୁଥିବ । କି'ନ୍ତୁ ଜଳ, ବାୟୁ, ମାଟି ପ୍ରଦୂଷଣ ଜନିତ ସ୍ୱାସ୍ଥ୍ୟବସ୍ଥା ଗଗନ ଛୁଇଁବ । ଖାଉଟି ବଜାରରେ ନିଆଁ ଲାଗିବ । ରାସ୍ତାଘାଟ ସବୁବେଳେ ଭିଡ଼ ବଢିବ। ସାଧାରଣ ଲୋକଙ୍କ ଉପରେ ଏକ ପ୍ରକାର ଦମନଲୀଳା ଆରମ୍ଭ ହେବ । ପାଖ ପଡୋଶୀ ଲୋକଙ୍କ ଜମି ହଡପ ହେବ। ସେମାନଙ୍କ ସୁରକ୍ଷା ପାଇଁ ଅଞ୍ଚଳରେ ଗୁଣ୍ଡାରାଜ ଚାଲିବ । ଆଉ ଯାହା ହେବାକୁ ଥିବ ହେବ ସିନା କି'ନ୍ତୁ ନେତା, ମନ୍ତ୍ରୀଙ୍କ ପବନ ଜମିରେ ସୁନା ତ ନିଶ୍ଚିତ ଫଳିବ ।

ହଁ, ଏହା ହୋଇପାରେ ଯେ ତାକୁ ହିଁ ହୁଏତ ଆମେ ବିକାଶ ବୋଲି ବୁଝିବାକୁ ହେବ ! ଅନ୍ୟଥା ଏହା କେଉଁ ଦିଗରୁ ବ୍ୟକ୍ତିଗତ, ସାମାଜିକ, ପାରିବାରିକ କିମ୍ବା ରାଷ୍ଟ୍ରୀୟ ବିକାଶ ଦିଗରେ କାର୍ଯ୍ୟ କରିବ- ସେମାନେ ଜାଣିଥିବେ ଯେଉଁମାନେ ଏହି ଯୋଜନାର ବାର୍ତ୍ତାବହ ଓ ସମର୍ଥକ ।

ଉପର ବର୍ଣ୍ଣିତ ବିଷୟ ଗୁଡିକରେ ଯଦି ସେହିଭଳି ଆଉ କିଛି ବିକାଶର ମାର୍ଗ ଆମ ଅଣଦେଖା ହୋଇ ରହିଯାଇଥିବ ତା'ହେଲେ ଦୟାକରି ଆମକୁ ଜଣାଇବେ ସେମାନେ- ଯାହାଙ୍କୁ ଆଉ ଅଧିକ ବୁଝୁଥିବ । ବିନମ୍ର ନିବେଦନ ଆଜ୍ଞା ।

ହେ ମୋର ପ୍ରିୟ ଦେଶବାସୀ- ଆମେ ସବୁବେଳେ ଏମିତି ଲୋକ ନ ପରଖି ଚିହ୍ନ ଦେଖି ଭୋଟ ଦେଉଥିବା । ଆମର ଏମିତି ବିକାଶର ରଥ ଗଡି ଚାଲିଥିବ । ଆମେ ଭାବନାରେ ଖୁସି ଆଉ ଭବିଷ୍ୟ ପିଢ଼ି ସେମାନଙ୍କ ଗୋଲାମୀରେ । ଏହାଠାରୁ ଅଧିକ ଆଉ ଆମେ କ'ଣ ଯେ କରିପାରିବା ? ଅଧିକ ହେଲେ କୁମ୍ଭମେଳାରେ ବୁଡ଼ ପକାଇ ଗଙ୍ଗାରେ ମୁଣ୍ଡ ଧୋଇବା । ବୈକୁଣ୍ଠରେ ଅପସରା ନୃତ୍ୟ ଉପଭୋଗ କରିବା ।

ଆଉ ଅଧିକା କିଛି ଥିଲେ ନିଶ୍ଚୟ ଜଣାଇବେ । କିନ୍ତୁ ଜଣାଇବା ପୂର୍ବରୁ ଦୟାକରି ବୁଝି ନେଇଥିବେ ଯେ ୧ ଡଲାର=୯୦-୯୫ ଟଙ୍କା ହେବାର ଅସଲ ଭିତିରି ରହସ୍ୟ କ'ଣ !

ଏହି ମୂଲ୍ୟ କିଏ କାହିଁକି କେଉଁ କାରଣରୁ ଧାର୍ଯ୍ୟ କରିଥା'ନ୍ତି। ଏସବୁ ଜାଣିବାକୁ ହେଲେ ପ୍ରଥମେ ଟଙ୍କା କ'ଣ ଏବଂ ଡ଼ଲାର ମୂଲ୍ୟ କ'ଣ ଜାଣିବା ଅତ୍ୟନ୍ତ ଆବଶ୍ୟକ । ଏହା ସହିତ ଜିଡିପି ଶବ୍ଦର ଅର୍ଥକୁ ଓ ମୂଳ ତତ୍ତ୍ୱକୁ ମଧ୍ୟ ଭଲଭାବେ ପରଖି ନିଅନ୍ତୁ । ତାହା ମଧ୍ୟ ବହୁତ କାମରେ ଆସିବ ଏସବୁ ଆକଳନ କରିବା ବେଳେ । ଅନ୍ୟଥା ଆପଣ ଖାଲି କୁହେଳିକା ମଧ୍ୟରେ ସୀମିତ ରହି ଖୁସି ହେଉଥିବେ । ମାଙ୍କଡ଼ ତା ହିସାବ ଧରି ଛୁ ମାରୁଥିବ ।

ୟୁ-ଟ୍ୟୁବ- ସାମାଜିକ ଜନମଞ୍ଚ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ମୋ: ୯୪୩୭୩୨୪୯୧୭

## ଯାଜପୁରରେ 'ସେବା ସଂକଳ୍ପ ଅଭିଯାନ'

ଯାଜପୁର,୧୯।୯(ନିପ୍ର): ଯାଜପୁର ଜିଲ୍ଲାରେ 'ଆଶୀର୍ବାଦ ର ଦୀପ ପ୍ରଜ୍ୱଳନ' କାର୍ଯ୍ୟକ୍ରମ ଭକ୍ତି ଓ ଉତ୍ସାହର ସହ ପାଳିତ ହୋଇଛି। ଜିଲ୍ଲାସ୍ତରରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିର ପରିସର ଓ ଐତିହାସିକ ଦଶାଶ୍ୱମେଧ ଘାଟଠାରେ ଆଶୀର୍ବାଦର ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି,, ସମାଜସେବୀ ଗୌତମ ରାୟ, ପୌରପାଳିକା ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ, ଅତିରିକ୍ତ ତହସିଲଦାର, ଯାଜପୁର, ଡିପିସି ମିଶନ ଶକ୍ତି ସୀତାଂଶୁ ଶେଖର ସାହୁ , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବର୍ଗର ଜନପ୍ରତିନିଧି, ମିଶନ ଶକ୍ତିର ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସାଧାରଣ ଜନତା ଉପସ୍ଥିତ ରହିଥିଲେ। ସେହିପରି ଦଶାଶ୍ୱମେଧ ଘାଟ ଠାରେ ସମାଜସେବୀ ତପନ କୁମାର ନନ୍ଦ, ଡିପିସି ମିଶନଶକ୍ତି ସୀତାଂଶୁ ଶେଖର ସାହୁ, ମହିଳା ଏସଏଚ ଜି ପ୍ରମୁଖ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରିଥିଲେ। 'ସେବା ସଂକଳ୍ପ ଅଭିଯାନ'ର ଉଦ୍ଦେଶ୍ୟ ହେଉଛି ସେବା, ସମର୍ପଣ ଓ ଜନକଲ୍ୟାଣର ବାର୍ତ୍ତାକୁ ତୃଣମୂଳସ୍ତରରେ ପହଞ୍ଚାଇବା। ଏହି ଅବସରରେ ପ୍ରଜ୍ୱଳିତ ଦୀପ ସେବା ଓ ସାମାଜିକ ଦାୟିତ୍ୱ ପ୍ରତି ଏକତା ଏବଂ ସଂକଳ୍ପର ପ୍ରତୀକ ଭାବେ ପରିଗଣିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ପ୍ରମୁଖ ସ୍ଥାନରେ ମଧ୍ୟ ଏହି ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୁକିନ୍ଦା ଜଗନ୍ନାଥ ମନ୍ଦିର ଠାରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ଗୋକର୍ଣ୍ଣେଶ୍ୱର ମନ୍ଦିରଠାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବ୍ୟାସସରୋବରଠାରେ କୋରେଇ ବିଧାୟକ ଆକାଶ ଦାସନାୟକ ଏବଂ ମହାବିନାୟକ ମନ୍ଦିରଠାରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଛତିଆ ଠାରେ ବିଜେପି ସଭାପତି ଦେବଯାନୀ ପ୍ରଧାନ ଙ୍କ ଉପସ୍ଥିତିରେ ଦୀପ ପ୍ରଜ୍ୱଳନ କରାଯାଇଥିଲା।

## ଗାଁ ସାଥିଙ୍କ ସମସ୍ୟା ସମାଧାନ ପାଇଁ ବିଡିଓଙ୍କୁ ଦାବିପତ୍ର

ଭାପୁର,୧୯।୯ (ନିପ୍ର): ଭାପୁର ବ୍ଲକରେ କାର୍ଯ୍ୟରତ ଗାଁ ସାଥି ମାନେ ବିଭିନ୍ନ ସମସ୍ୟା ନେଇ କାର୍ଯ୍ୟ କରୁଥିବାବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ଭାପୁର ବ୍ଲକ ବିଡ଼ିଓ ସାରଦା ପ୍ରସନ୍ନ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।ଗାଁ ସାଥି ମାନଙ୍କ ଉଦ୍ଦେଶ୍ୟରେ ଜାରି ହେଉଥିବା ଚିଠି ଗୁଡିକ କାର୍ଯ୍ୟକାରୀ କରିବା, ୨୦୨୨/୨୩ ମସିହାରୁ ପାଇ ନ ଥିବା ବାକିୟା ପାଉଣା ପାଇବା ପାଇଁ ବନ୍ଦୋବସ୍ତ କରିବା,ବ୍ଲକରେ ହେଉଥିବା ସାମାଜିକ ସମୀକ୍ଷା ବୈଠକରେ ଯୋଗଦାନ ପାଇଁ ବ୍ୟବସ୍ଥା କରିବା,କନିଷ୍ଠ ଯନ୍ତ୍ରୀମାନେ ବିଭିନ୍ନ ପ୍ରକଳ୍ପ ଗୁଡିକର ଏଷ୍ଟିମେଟ କରୁଥିବା ସମୟରେ ସେହି ଏଷ୍ଟିମେଟରେ ଗାଁ ସାଥିମାନେ ପାଇବାକୁ ଥିବା ଅର୍ଥରାଶିର ପ୍ରାବଧାନ ରହୁନ ଥିବାରୁ ସମସ୍ୟା ଦେଖାଯାଉଛି, ସେମାନଙ୍କ ପାଇଁ ଟ୍ରେନିଂର ବ୍ୟବସ୍ଥା କରାଯିବା ଏବଂ ୨୦୦୮ ମସିହାରୁ ନିଯୁକ୍ତି ପାଇଥିବା ଗାଁ ସାଥିମାନଙ୍କ ବ୍ୟତୀତ ଅନ୍ୟ କାହାକୁ ସରକାରୀ ସୁବିଧା ଦିଆ ନ ଯାଉ ବୋଲି ନିଜର ଦାବି ବ୍ଲକ ପ୍ରଶାସନକୁ ଜଣେଇଛନ୍ତି।

## ବଜ୍ରପାତରେ ମନ୍ଦିର ଦଧିନଉତି ଭାଙ୍ଗିଲା

ନିଆଳି,୧୯।୯ (ନିପ୍ର); ବଜ୍ରପାତ ଘଟି ଚଉପଡା ଗ୍ରାମର ବଳରାମ ମନ୍ଦିରର ଦଧିନଉତି ଭାଙ୍ଗି ଯାଇଥିବା ସୂଚନା ମିଳିଛି। ମନ୍ଦିରଟି ୨୦୦ ବର୍ଷ ପୁରୁଣା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ମନ୍ଦିରର ତୁରନ୍ତ ମରାମତି ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ବଜ୍ରାଘାତରେ ୫ ମେଣ୍ଢାମୃତ ,୨୦ ଗୁରୁତର

ନିଆଳି,୧୯।୯ (ନିପ୍ର); ବଜ୍ରାଘାତରେ କୂଳବ୍ରାହ୍ମଣ ସାଇଲୋ ଗ୍ରାମର ଜ୍ୟୋତିରଂଜନ ବେହେରାଙ୍କ ୫ ଟି ମେଣ୍ଢା ମୃତ୍ୟୁ ବରଣ କରିଥିବା ବେଳେ ୨୦ରୁ ଉର୍ଦ୍ଧ୍ୱ ମେଣ୍ଢା ଗୁରୁତର ଆହତ ହୋଇଥିବା ଜଣାପଡିଛି। ଶୁକ୍ରବାର ଅପରାହ୍ନରେ ମେଣ୍ଢା ଗୁଡିକ ପଡିଆରେ ଚରୁଥିବା ବେଳେ ହଠାତ୍ ବଜ୍ରଘାତ ଘଟିବାରୁ ଏଭଳି ଅଘଟଣ ଘଟିଥିବା ପ୍ରକାଶ। କଂଟାପଡା ପ୍ରାଣୀ ଚିକିତ୍ସକ ସତ୍ୟବ୍ରତ ରାଉତ ମୃତ ମେଣ୍ଢା ଗୁଡିକର ବ୍ୟବଚ୍ଛେଦ କରିବା ସହିତ ନିୟମ ଅନୁଯାୟୀ ସଂପୃକ୍ତ ଚାଷୀଙ୍କୁ କ୍ଷତିପୂରଣ କରାଯିବ ବୋଲି କହିଛନ୍ତି।

## ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଭଦ୍ରକ,୧୯।୯ (ନିପ୍ର): ପିଏମଶ୍ରୀ ବିନ୍ଦୁମାଧବ ବାଗୁରାଇ ହାଇସ୍କୁଲ ପରିସରରେ ୭୦ତମ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ୨୦୨୬-୨୭ ଜିଲ୍ଲାଶିକ୍ଷାଧିକାରୀ ଡ଼ଃ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଯାଇଅଛି । ମୁଖ୍ୟଅତିଥି ଭାବରେ ବିଧାୟକ ଭଦ୍ରକ ସିତାଂଶୁ ଶେଖର ମହାପାତ୍ର, ମୁଖ୍ୟବକ୍ତା ଭାବରେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ସମ୍ମାନୀତ ଅତିଥିଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତୃପ୍ତିମୟୀ ପାତ୍ର, ଡ଼ଃ ପ୍ରଫୁଲ୍ଲ କୁମାର ସାହୁ, ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଯୋଗଦାନ କରିଥିଲେ। କେନ୍ଦୁଆପଦା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଶୀଶେଖର କରଶର୍ମାଙ୍କ ସଂଚାଳନରେ ଅନୁଷ୍ଠିତ ସଭାରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲାର ୭ଟି ବ୍ଲକରୁ ୭୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗଦାନ କରିଥିଲେ। ଏଡି ପ୍ରତିଯୋଗିତା ବ୍ୟାଡ଼ମିଣ୍ଟନ, ଯୋଗାସନ, ଟାଏକୋଣ୍ଡ, ରଗବି, ଫୁଟବଲ, ହ୍ୟାଣ୍ଡବଲ, ୱେଟଲିଫ୍ଟିଙ୍ଗ୍, ଟେବୁଲ ଟେନିସ୍, ବାସ୍କେଟବଲ, ସ୍କେଟିଙ୍ଗ୍, ଫୁଟବଲ ଓ ଚେସ୍ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା

## କଣ୍ଟିଲୋ ଫାଣ୍ଡିରେ ଯୋଗଦେଲେ ନୂଆ ପୋଲିସ ଅଧିକାରୀ

କଣ୍ଟିଲୋ,୧୯।୯ (ନିପ୍ର); ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଥାନା ଅନ୍ତର୍ଗତ ପ୍ରସିଦ୍ଧ ପୀଠ କଣ୍ଟିଲୋ ଫାଣ୍ଡିରେ ନୂତନ ଫାଣ୍ଡି ଅଧିକାରୀ ଭାବେ ଯୁବ ପୋଲିସ ଅଧିକାରୀ ସବ୍-ଇନ୍ସପେକ୍ଟର ପ୍ରମୋଦ ଡାଙ୍ଗ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବାହ୍ନରେ ମହାପ୍ରଭୁ ଶ୍ରୀନୀଳମାଧବଙ୍କୁ ଦର୍ଶନ କରି ତାଙ୍କର କାମ ଆରମ୍ଭ କରିଛନ୍ତି। ଜଣେ ଯୁବ ଅଫିସର ଭାବେ ତାଙ୍କର ପ୍ରଥମ ପୋଷ୍ଟିଙ୍ଗ ପ୍ରଭୁଙ୍କ ପୀଠରୁ ଆରମ୍ଭ କରିଥିବାରୁ ଶ୍ରୀଡାଙ୍ଗ ଖୁସି ଅନୁଭବ କରିଛନ୍ତି। ଦାୟିତ୍ୱ ନେବା ପରେ ସ୍ଥାନୀୟ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା, ଚୋରି, ଡକାୟତି, ଅସାମାଜିକ କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇବା ସହିତ ଅମାନିଆଙ୍କୁ ସତର୍କ ରହିବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି ଏବଂ ଶ୍ରୀ ନୀଳମାଧବ ପୀଠକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବ ବୋଲି ସୂଚନା ମିଳିଛି। ତେବେ ବର୍ଦ୍ଧିତ ଜନସଂଖ୍ୟା, ଯାନବାହନ ନିୟନ୍ତ୍ରଣ ଏବଂ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ପରିବେଶ ବଜାୟ ରଖିବା ନୂତନ ଫାଣ୍ଡି ଅଧିକାରୀଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବ।




# ବାଟାଲିଅନ୍ ବାରାକ୍ ନିକଟରୁ ବିରଳବଜ୍ରକାପ୍ତାର ମୃତଦେହ ଉଦ୍ଧାର

## ଓଜନ ୯ କିଲୋରୁ ଅଧିକ ହେବ, ମୃତ୍ୟୁର କାରଣ ଜାଣିବାକୁ ବ୍ୟବଚ୍ଛେଦ

ପାରଳାଖେମୁଣ୍ଡି,୧୯।୯ (ନିପ୍ର); ରାମସାଗର ନିକଟସ୍ଥ ପୁଲିସ ବାଟାଲିଅନ୍ ବାରାକ ପାଖରୁ ଏକ ବିରଳ ବନ୍ୟପ୍ରାଣୀ ବଜ୍ରକାପ୍ତାର ମୃତଦେହ ଉଦ୍ଧାର ହୋଇଛି। ମୃତ ବଜ୍ରକାପ୍ତାର ଓଜନ ପ୍ରାୟ ୯ କିଲୋରୁ ଅଧିକ ହେବ ବୋଲି ପ୍ରାଥମିକ ଭାବେ ଅନୁମାନ କରାଯାଉଛି। ବାରାକ ପରିସରରେ ବଜ୍ରକାପ୍ତାଟି ମୃତ ଅବସ୍ଥାରେ ପଡ଼ିଥିବା ନେଇ ସୂଚନା ମିଳିବା ପରେ ବନ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ବଜ୍ରକାପ୍ତାଟି ବାରାକ କେଉଁଠାରୁ ଆସିଥିଲା ଏବଂ କେତେ ସମୟ ଧରି ସେଠାରେ ପଡି ରହିଥିଲା, ତାହା ଜଣାପଡ଼ିନାହିଁ। ସେହିପରି ଏହାର ମୃତ୍ୟୁ କେଉଁ ପରିସ୍ଥିତିରେ ଘଟିଲା, ତାହା ମଧ୍ୟ ସ୍ପଷ୍ଟ ହୋଇନଥିବା ବେଳେ ଘଟଣାକୁ ଗୁରୁତ୍ୱର ସହ ନେଇ ବନ ବିଭାଗ ପକ୍ଷରୁ ମୃତଦେହର ଯାଞ୍ଚ କରାଯାଇଛି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ଲାଗି ବଜ୍ରକାପ୍ତାର ମୃତଦେହକୁ ପଶୁ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଏହାର ମୃତ୍ୟୁର କାରଣ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ମିଳିପାରିବ। ଅଚାନକ



ରାସ୍ତା ଉପରକୁ ଆସିଯିବା ଫଳରେ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଥାଇପାରେ ବୋଲି ପ୍ରାଥମିକ ଭାବରେ ଅନୁମାନ କରାଯାଉଛି । ବଜ୍ରକାପ୍ତା ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅଧୀନରେ ସୁରକ୍ଷିତ ଥିବାରୁ ଏହାର ମୃତ୍ୟୁ ଘଟଣାରେ ବନ ବିଭାଗ ପକ୍ଷରୁ ନିୟମାନୁସାରେ ପଦକ୍ଷେପ ନିଆଯାଉଛି। ଅନ୍ୟପକ୍ଷରେ, ମୃତ ବଜ୍ରକାପ୍ତାର ଓଜନ ପ୍ରାୟ ୯ କିଲୋରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଶବ ବ୍ୟବଚ୍ଛେଦ ଓ ଆବଶ୍ୟକ ପ୍ରକ୍ରିୟା ଶେଷ ହେବା ପରେ ନିୟମ ଅନୁସାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବଜ୍ରକାପ୍ତାର ମୃତଦେହ ନଷ୍ଟ କରାଯିବ ବୋଲି ବନ ବିଭାଗର ଅଧିକାରୀ ସୂଚନା ଦେଇଛନ୍ତି । ଘଟଣାକୁ ନେଇ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ।

## ୪ ଦିନ ହେଲା ଛୁଟିରେ ନିରତାର ସ୍ଥାୟୀ ଡାକ୍ତର

ନିଆଳି ,୧୯।୯ (ନିପ୍ର); ଅବସର ବୟସସୀମା ବୃଦ୍ଧି ଏବଂ ଉଚ୍ଚସ୍ତରକୁ ପଦୋନ୍ନତି ଦାବିରେ ଓଲଟପୁର ସ୍ଥିତ ଏସ୍‌ଭି ନିର୍‌ତାରର ୯ଜଣ ସ୍ଥାୟୀ ଡାକ୍ତର ମଙ୍ଗଳବାର ଠାରୁ ସମୂହ ଛୁଟିରେ ଅଛନ୍ତି। ଫଳରେ ଦିବ୍ୟାଙ୍ଗମାନଙ୍କ ପାଇଁ ବରଦାନ ସାଜିଥିବା ଏସିଆ ମହାଦେଶର ଏହି ବୃହତ୍ ଚିକିତ୍ସାଳୟରେ ଦିବ୍ୟାଙ୍ଗ ମାନଙ୍କ ଚିକିତ୍ସା ସେବା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଯଦିଓ ନିର୍‌ତାର ନିର୍ଦ୍ଦେଶକଙ୍କ ଉଦ୍ୟମ କ୍ରମେ କିଛି ଚୁକ୍ତିଭିତ୍ତିକ ଡାକ୍ତର ଓ ପିଜି ଡାକ୍ତରଙ୍କ ସହାୟତାରେ ବର୍ହିଃଚିକିତ୍ସା ସେବା ଅବ୍ୟାହତ ରହିଛି। ମାତ୍ର ଡାକ୍ତରଖାନାରେ ରହି ଚିକିତ୍ସାଧୀନ ଦିବ୍ୟାଙ୍ଗମାନଙ୍କ ନିୟମିତ ଚିକିତ୍ସା ସେବା ବାଧାପ୍ରାପ୍ତ ହୋଇଥିବା ପ୍ରକାଶ। ବିଭାଗୀୟ ମୁଖ୍ୟ ଡାକ୍ତର ଏଭଳି ସ୍ୱାସ୍ଥ୍ୟସେବା ବ୍ୟାହାତ ଘଟଣାକୁ ସ୍ୱୀକାର କରିଥିବା ବେଳେ ବାରମ୍ବାର ଦାବି ସତ୍ତ୍ୱେ ଦାବି ପୂରଣ ନ ହେବାରୁ ସମୂହ ଛୁଟି ନେବା ଭଳି ଚରମ ନିଷ୍ପତ୍ତି ନେବାକୁ ଡାକ୍ତରମାନେ ବାଧ୍ୟ ହେଉଛନ୍ତି। ଅନ୍ୟ ପକ୍ଷରେ ଡାକ୍ତରମାନଙ୍କ ଦ୍ୱାରା ପ୍ରଦତହ ଦାବି ପୂରଣ କରିବାର କ୍ଷମତା ତାଙ୍କର ନାହିଁ ଓ ସେ ଏ ସଂପର୍କରେ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ଭିନ୍ନକ୍ଷମ ମନ୍ତ୍ରଣାଳୟକୁ ଅବଗତ କରାଇଛନ୍ତି। ଆଉ ମଧ୍ୟ ନିର୍‌ତାର ଡାକ୍ତରମାନେ ସେମାନଙ୍କ ଦାବି ପୂରଣ ପାଇଁ ଓଡିଶା ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ କରିଛନ୍ତି। ସଂପୃକ୍ତ ମନ୍ତ୍ରଣାଳୟ ଓ ଉଚ୍ଚ ନ୍ୟାୟାଳୟରେ ଡାକ୍ତରମାନଙ୍କ ଦାବି ପ୍ରସଙ୍ଗ ବିଚାରାଧୀନ ଥିବାରୁ ସଂପ୍ରତି ଡାକ୍ତରମାନେ ସମୂହ ଛୁଟିରେ ଯିବା ଆଦୌ ଉଚିତ୍ ନୁହେଁ ବୋଲି ନିର୍‌ତାର ନିର୍ଦ୍ଦେଶକ କହିଛନ୍ତି। ଅନ୍ୟ ପକ୍ଷରେ ବିଭିନ୍ନ ବ୍ୟକ୍ତିଗତ କାରଣ ଦର୍ଶାଇ ଡାକ୍ତରମାନେ ଦେଇଥିବା ଛୁଟି ଆବେଦନ ପତ୍ର କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇଥିବାରୁ ଡାକ୍ତରମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶକ ଚେତାଇ ଦେଇଛନ୍ତି। ତୁରନ୍ତ ଏସ୍‌ଭି ନିର୍‌ତାରରେ ସ୍ୱାଭାବିକ୍ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଫେରାଇ ଆଣିବାକୁ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତି କରଣ ବିଭାଗ ପକ୍ଷରୁ ଫଳପ୍ରଦ ପଦକ୍ଷେପ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି।

## ଭାପୁର ବ୍ଲକରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ: କଂଗ୍ରେସ

ଭାପୁର,୧୯।୯ (ନିପ୍ର); ଭାପୁର ବ୍ଲକ ଅଞ୍ଚଳରେ ୧ ଲକ୍ଷ ୨୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ବାସ କରୁଥିବା ବେଳେ ମୌଳିକ ଅଧିକାରରୁ ଜନସାଧାରଣ ବର୍ଷ ବର୍ଷ ଧରି ବଞ୍ଚିତ ହୋଇ ଆସୁଥିବା ନେଇ ଅଭିଯୋଗ ଉଠାଇ ଭାପୁର ଠାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନୟାଗଡ଼ ଜିଲ୍ଲା କଂଗ୍ରେସ ସଭାପତି ରଞ୍ଜିତ କୁମାର ଦାସ କ୍ଷୋଭ ପ୍ରକାଶ କରିବା ସହ ଏ ନେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ସ୍ଥାନୀୟ ପୂର୍ତ୍ତବିଭାଗ ବଙ୍ଗଳା ପରିସରରେ ଭାପୁର ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ବ୍ୟବସ୍ଥାକୁ ନେଇ ଶ୍ରୀଦାଶ ଉଦବେଗ ପ୍ରକାଶ କରିବା ସହ କିପରି ଭାବରେ ସମସ୍ୟାର ସମାଧାନ ହୋଇପାରିବ ସେ ନେଇ ସେ ମତ ରଖିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ, ଟ୍ରାମା କେୟାର,ଇକୋ କେୟାର ଆଦି ବ୍ୟବସ୍ଥା ନଥିବା ବେଳେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ସର୍ବନିମ୍ନ ସେବା ମିଳୁ ନଥିବାରୁ ଗାଁ ଗହଳିର ଜନସାଧାରଣ ବଙ୍ଗାଳି କ୍ୱାକ୍‌ମାନଙ୍କ ଦ୍ୱାରା ଚିକିତ୍ସିତ ହୋଇ ଅକାଳରେ ମୃତ୍ୟୁବରଣ କରୁଥିବାରୁ ଏ ନେଇ ସମ୍ମିଳନୀରେ ଉଦବେଗ ପ୍ରକାଶ ପାଇଥିଲା। ତେଣୁ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାରେ ସୁଧାର ଆଣିବା ନେଇ ଆସନ୍ତା ୨୧




ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ କଂଗ୍ରେସ ଦଳ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯିବା ନେଇ କଂଗ୍ରେସ ସଭାପତି ଶ୍ରୀ ଦାଶ ସୂଚନା ଦେଇଥିଲେ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନୟାଗଡ ଜିଲ୍ଲା ମହିଳା କଂଗ୍ରେସ ସଭାପତି ବୈଜୟନ୍ତୀବାଳା ମହାନ୍ତି, ଜିଲ୍ଲା ଉପ ସଭାପତି ବିନୋଦିନୀ ମହାନ୍ତି,ଜିଲ୍ଲା ସାଧାରଣ ସମ୍ପାଦକ ଆଇନଜୀବୀ ପ୍ରଦୀପ୍ତ ପ୍ରଧାନ,ମହିଳା ସଭାନେତ୍ରୀ ରଶ୍ମିତା କୁମାରୀ ପଟ୍ଟନାୟକ,ଭାପୁର ବ୍ଲକ ସଭାପତି ବାଙ୍କ ବିହାରୀ ଧଳ,ଖଣ୍ଡପଡା ନଗର ସଭାପତି ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସିଂସାରୀ ଫାଣ୍ଡିରେ ଫାଣ୍ଡି ଅଧିକାରୀ ଓ ବଙ୍ଗୀୟ ଯୁବତୀଙ୍କୁ ତାଲା ପକାଇଲେ ଗ୍ରାମବାସୀ

ଡାବୁଗାଁ, ୧୯।୯ (ନିପ୍ର); ଜିଲ୍ଲା ଡାବୁଗାଁ ଥାନା ସିଂସାରୀ ଫାଣ୍ଡିର ଗୋଟିଏ କୋଠରିରେ ଫାଣ୍ଡି ଅଧିକାରୀ ଓ ଜଣେ ଯୁବତୀ ଥିବା ସମୟର ଭିଡିଓ ଭାଇରାଲ୍ ହୋଇଛି। ଗ୍ରାମବାସୀ ଫାଣ୍ଡି ଅଧିକାରୀ ଓ ଯୁବତୀଙ୍କୁ ରାତିସାରା ତାଲା ପକାଇ ରଖିଥିଲେ । ଭୋରରେ ତାଲା ଖୋଲିବା ପରେ ଯୁବତୀ ଜଣଙ୍କ ମୁହଁ ଘୋଡ଼ାଇ ଚାଲିଯାଇଥିବା ବେଳେ ଫାଣ୍ଡି ଅଧିକାରୀ କେଉଁ କାରଣ ପାଇଁ ଯୁବତୀଙ୍କୁ ଡାକିଥିଲେ ସେ ନେଇ କୌଣସି ଉତ୍ତର ଦେଇନଥିଲେ । ସୂଚନା ମୁତାବକ, ବୁଧବାର ରାତିରେ ଫାଣ୍ଡି ଦାୟିତ୍ୱରେ ଥିବା ସବ୍‌ଇନ୍ସପେକ୍ଟର ଜଣେ ଯୁବତୀଙ୍କୁ ଫାଣ୍ଡି ମଧ୍ୟରେ ଥିବା ରୁମକୁ ଡାକି ନେଇଥିଲେ। ପୁଲିସ ବାବୁଙ୍କ ଏଭଳି କାରନାମା ଦେଖି ଗ୍ରାମବାସୀ ଫାଣ୍ଡିରେ ପହଞ୍ଚି ରୁମ୍ ବାହାରୁ ତାଲା ପକାଇ ଦେଇଥିଲେ। ଗୁରୁବାର ସକାଳ ସାଢ଼େ ୫ଟାରେ ଗ୍ରାମବାସୀ ତାଲା ଖୋଲିବା ପରେ ଯୁବତୀ ଓ ଫାଣ୍ଡି ଅଧିକାରୀ ଗୃହ ମଧ୍ୟରୁ ଆଗ ପଛ ହୋଇ ବାହାରିଥିଲେ। ବଙ୍ଗୀୟ ଯୁବତୀଙ୍କୁ ଫାଣ୍ଡି ଅଧିକାରୀ କେଉଁ କାରଣରୁ ରାତିସାରା ଫାଣ୍ଡି କୋଠରିରେ ରଖିଥିଲେ ତାହା ସନ୍ଦେହ ଘେରରେ ରହିଛି। ଗ୍ରାମବାସୀଙ୍କୁ ଦେଖି ଫାଣ୍ଡି ଅଧିକାରୀ ନିଜ କାରରେ ଉକ୍ତ ଯୁବତୀକୁ ସେଠାରୁ ଧରି ଅନ୍ୟତ୍ର ଛାଡ଼ି ଆସିଥିଲେ। ଖବର ପାଇ ଡାବୁଗାଁ ଥାନା ଅଧିକାରୀ ଲଛମି ପରଜା ସିଂସାରୀ ଫାଣ୍ଡିକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ଘଟଣା ସମ୍ପର୍କରେ ଜାଣିବା ପାଇଁ ଡାବୁଗାଁ ଥାନା ଏବଂ ସିଂସାରୀ ଫାଣ୍ଡି ଅଧିକାରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନି। ନବରଙ୍ଗପୁର ଏସ୍‌ପି ପାର୍ଥ କଶ୍ୟପ ଜଗଦୀଶ କହିଛନ୍ତି, ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବର୍ତ୍ତମାନ ଦୁଇଦିନ ବିତିଗଲାଣି ପ୍ରଶାସନ କଣ ପଦକ୍ଷେପ ନେଲା ତାହା ସନ୍ଦେହ ଘେରରେ।

## ଶ୍ରାବଣ ସରିଲାଣି, ଋଷିକୂଲ୍ୟା ଶୁଖିଲା, ମାଡ଼ିଗଲାଣି କାଶତଣ୍ଡି

ଆସିକା ,୧୯।(ନିପ୍ର); ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା ନଦୀ ଏକ ଜୀବନ ରେଖା। ଦିନ ଥିଲା ଏହି ନଦୀ ଚିରସ୍ରୋତା ଥିଲା। ବର୍ତ୍ତମାନ ବର୍ଷା ଋତୁର ଧାର ଶ୍ରାବଣ ସରିଲାଣି। ନଦୀରେ ଧାରଟିଏ ମଧ୍ୟ ପାଣି ନାହିଁ। ନଦୀ ଶୁଖିଲା, ନଦୀରେ କଶତଣ୍ଡିର ବନ୍ୟା ନଦୀ ଶଯ୍ୟାରେ ନା ଅଛି ଜଳଧାର ନା ଦିଶୁଛି ବାଲି। ଯେଉଁଆଡେ ଦେଖିବ ନଦୀର କାଶତଣ୍ଡି ଗଛ ଲଟାରେ ଭରି। ନଦୀ ବଦଳି ଏକ ପଡିଆ ଘାସ ଜମିର ଭ୍ରମ ସୃଷ୍ଟି କରୁଛି। ନଦୀ ଅବବାହିକାରେ ନିର୍ଭର କରୁଥିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଆଜିସୁଦ୍ଧା ଶତକ ୪୦% ଧାନ ବୁଣା ଓ ରୁଆ ହେଉଛି।

ଜଳବାୟୁର ବିରାଟ ପରିବର୍ତ୍ତନ। ଏହାର ପ୍ରଭାବରେ ଜିଲ୍ଲାର ମୌସୁମୀ ବର୍ଷା ନିମ୍ନମାନର। ଅନ୍ୟପଟେ ବର୍ତ୍ତମାନ ସୁଦ୍ଧା ବଙ୍ଗୋପସାଗରରେ କୌଣସି ବଡ ଧରଣର ଲଘୁଚାପ ନାହିଁ।ଆଜିକୁ ପ୍ରାୟ ୧୦ବର୍ଷ ମଧ୍ୟରେ କାଶତଣ୍ଡି ବ୍ୟାପକ ନଦୀ ଶଯ୍ୟାରେ ବଢ଼ି ଚାଲିଛି। ନଦୀ କୁଳିଆ ଲୋକ ନଦୀକୁ ଯାଇପାରୁନାହାନ୍ତି। ଏହି କାଶତଣ୍ଡି ମଧ୍ୟରେ ବିଷଧର ସର୍ପ, ହେଟା ବାଘ, ସାଙ୍ଗକୁ ବାଇବିଲୁଆ ଓ ବାରହା ରହଣି ସ୍ଥଳୀ ପାଲଟିଛି। ଅନେକ ଲୋକ ଏହାର ଶିକାର ହେଉଛନ୍ତି। ବ୍ୟାପକ ଜଳବାୟୁ ପରିବର୍ତ୍ତନ ଦିନକୁ ଦିନ ନଦୀରେ ଜଳସ୍ରୋତ ହ୍ରାସ ବାଲି ମାଫିଆ ମାନଙ୍କ ଦ୍ୱାରା ଅବାଧରେ ନଦୀ ଶଯ୍ୟାରୁ ୨୦ଫୁଟ ଗଭୀରତାରୁ ଶହ ଶହ ଟ୍ରିପ ହାଇୱା ବାଲି ଚାଲାଣ ଯୋଗୁଁ ନଦୀ ଶଯ୍ୟାରେ କାଶତଣ୍ଡି ବଢ଼ି ଚାଲିଛି। ଋଷିକୂଲ୍ୟା ନଦୀର ଶାଖା ନଦୀ ଓଡ଼ଙ୍ଗ, ପଦ୍ମା,ଜରାଉ, ବଡ଼ନଦୀ, ବାଘୁଆ,ଧନେଇ, ଘୋଡ଼ାହାଡ଼, ଅନ୍ଧୁଣି ନଦୀ ଗୁଡିକରେ ମଧ୍ୟ ପାଣି ନାହିଁ। ୧୯୯୮ ମସିହାରେ ତତ୍କାଳୀନ ରାଜ୍ୟ କଂଗ୍ରେସ ଜାନକୀ ସରକାରଙ୍କ ବେଳେ ଗୋପାଳପୁର ଟାଟା ପ୍ରକଳ୍ପ



ପାଇଁ ଜଳ ଯୋଗାଣ ପାଇଁ ଋଷିକୂଲ୍ୟା ନଦୀର ସୋରଡ଼ା ଠାରେ ଡ୍ୟାମ ଉପର ମୁଣ୍ଡ ପିପଲପଙ୍କା ଠାରେ ଏକ ବଡ଼ ଧରଣର ଡ୍ୟାମ ନିର୍ମାଣ କରିବା ପ୍ରସ୍ତୁତି ହେଉଥିଲା ବେଳେ ଶହ ଶହ ଲୋକଙ୍କ ଯାନବସତି ଚାଷ ଜମି ଜଙ୍ଗଲ ନଷ୍ଟ ହେବାକୁ କେନ୍ଦ୍ରକରୀ ସ୍ଥାନୀୟ ବାସୀଙ୍କ ବିରୁଦ୍ଧରେ ଏହା ବନ୍ଦ ହୋଇଥିଲା। ପୁଣି ଗୋପାଳପୁର ବନ୍ଦର ଠାରେ ଆଦାନୀ ଗ୍ରୁପର ଶିଳ୍ପ ପାଇଁ କେନ୍ଦ୍ର ବିଜେପି ସରକାରଙ୍କ ଚାପରେ ପୁଣି ପିପଲପଙ୍କା ଠାରେ ଡ୍ୟାମ ପାଇଁ ରାଜ୍ୟ ସରକାର ପ୍ରକଳ୍ପ ଆରମ୍ଭ କରିଛନ୍ତି। ଋଷିକୂଲ୍ୟା ନଦୀର ଜଳଧାର ସମ୍ପୂର୍ଣ୍ଣ ବନ୍ଦ ବେଳେ ପୁଣି ବୋଝ ଉପରେ ନଳିତା ବିଡା। ଏହାଦ୍ୱାରା ଜଳଧାର କମିବା ବର୍ଷାଦିନେ କେବଳ ଡ୍ୟାମରେ ପାଣି ରଖି ବନ୍ୟା ବେଳେ ତଳମୁଣ୍ଡକୁ ଛାଡି ତଳମୁଣ୍ଡବାସୀଙ୍କ ପାଇଁ ବନ୍ୟାରେ ବଡଧରଣର କ୍ଷତି ହେବ। ନଦୀର କାଶତଣ୍ଡି ହଟାଇବା ପାଇଁ ଋଷିକୂଲ୍ୟା ମିଶୁଥିବା ବଙ୍ଗୋପ ସାଗରର( ଗଞ୍ଜାମୁହାଣ) ଖୋଲାଯାଇ ନଦୀ ପଠାରୁ ଅବାଧରେ ବାଲିଚାଲାଣ ବନ୍ଦ କରାଯାଉ। ମହାନଦୀକୁ ଋଷିକୂଲ୍ୟା ସଂଯୋଗ କରାଯାଇ ଜଳଧାର ନିୟମିତ ଆସିଲେ କାଶତଣ୍ଡି ଭାସିଯିବା ବା ମୂଳରୁ ଉପୁଡିଯିବା ଏଥିପାଇ ରାଜ୍ୟ ଜଳ ସମ୍ପଦ ଓ କେନ୍ଦ୍ର ଜଳ ସମ୍ପଦ ବିଭାଗ ଜରୁରୀ ପଦକ୍ଷେପ ନେବା ପାଇଁ ଜନସାଧାରଣଙ୍କ ଦାବି।

## ଉପଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ରେଢ଼ାଖୋଲ,୧୯।୯(ନିପ୍ର):ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ପ୍ରେସ କ୍ଲବ୍ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ ରେଢ଼ାଖୋଲ ଅଞ୍ଚଳରୁ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରକୁ ବଦଳି ହୋଇଯାଇଛି। ଏଥିରେ ପ୍ରେସ କ୍ଲବ୍ ପକ୍ଷରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରି ଶ୍ରୀ ମହନ୍ତ ରେଢ଼ାଖୋଲ ଅଞ୍ଚଳର ବିକାଶଧାରାରେ ଜଣେ ବିନ୍ଧାଣୀ ରହି ଆସିଥିଲେ। ରେଢ଼ାଖୋଲ ବିଭିନ୍ନ



ଉନ୍ନୟନ ମୂଳକ କାର୍ଯ୍ୟରେ ୨୦୨୩ ମସିହାରୁ ୨୦୨୬ ମସିହା ପର୍ଯ୍ୟନ୍ତ ତତ୍ପରତା ଦେଖାଇ କାର୍ଯ୍ୟ କରି ଆସିଥିଲେ। ଶ୍ରୀ ମହନ୍ତଙ୍କ ସମୟରେ ରେଢ଼ାଖୋଲ ଅଞ୍ଚଳରେ ବଡ଼ ବଡ଼ ଉନ୍ନୟନ ମୂଳକ କାର୍ଯ୍ୟ ହୋଇ ଆସିଥିବା ବେଳେ ରେଢ଼ାଖୋଲ ସହରରେ କେନ୍ଦ୍ରୀୟ ବିଦ୍ୟାଳୟ ନୂତନ ଗୃହ ନିର୍ମାଣ, ନୂତନ ବସ୍‌ଷ୍ଟାଣ୍ଡ ଓ ଟାଉନ ହଲ୍ ଉଦ୍‌ଘାଟନ ସହିତ ଟାଉନ ହଲ୍ ନିକଟରେ ଏକ ବିରାଟ ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଏକ ବିଶାଳ ତ୍ରିରଙ୍ଗା ପତାକା ସ୍ତମ୍ଭ ନିର୍ମାଣ, ରେଢ଼ାଖୋଲ ସ୍ଥିତ ବରପୁତ୍ର ଗୋପବନ୍ଧୁ ଦାସ ଏବଂ ମହାତ୍ମା ଗାନ୍ଧୀ ସ୍ତମ୍ଭ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ରହିଯାଇଛି ବୋଲି ପ୍ରତିକ୍ରିୟା ଦେଇଥିଲେ। ଏଥିରେ ସାମ୍ବାଦିକ ସହିତ ଶ୍ରୀ ମହନ୍ତଙ୍କ ନିବିଡ଼ ଆତ୍ମୀୟତା, ଘନିଷ୍ଠତା ଏହି ବିଦାୟକାଳୀନ ସମ୍ବର୍ଦ୍ଧନାରେ ଭାବ ବିହଳ ପରିବେଶ ଦେଖିବାକୁ ମିଳିଥିଲା। ଏଥିରେ ପ୍ରେସ କ୍ଲବ୍ ସଭାପତି ଶଙ୍କର ପୃଷ୍ଟି, ସମ୍ପାଦକ ତପନ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ଯଶୋବନ୍ତ ନାରାୟଣ ସାହୁ, ଓୟୁଜେ ସଭାପତି ସୁଶାନ୍ତ କୁମାର ନାଗ, ସମ୍ପାଦକ ସରୋଜ ସାହୁ, କୋଷାଧ୍ୟକ୍ଷ ଅନିଲ ପୃଷ୍ଟି , ଯୁବ ସାମ୍ବାଦିକ ସୁଧୀର ସୁନା, ଗଜାନନ ଭେଷରା, ମଦନ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

# ଗେଟ୍‌ରେ ତାଲା, ଶିକ୍ଷକ ଅନୁପସ୍ଥିତ

## ସରକାରୀ ଛୁଟି ନ ଥିବା ସତ୍ତ୍ୱେ ବନ୍ଦ ରହିଲା ସ୍କୁଲ !

ଗୋଲାମୁଣ୍ଡା,୧୯।୯ (ନିପ୍ର); ସରକାରୀ ଛୁଟି ନ ଥିବା ସତ୍ତ୍ୱେ ବିଦ୍ୟାଳୟ ଗେଟ୍‌ରେ ତାଲା ପଡ଼ିବା ସହ ଶିକ୍ଷକମାନେ ଅନୁପସ୍ଥିତ ରହିବା ଘଟଣାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶିକ୍ଷାର ମୌଳିକ ଅଧିକାର ଓ ପିଲାମାନଙ୍କ ନିୟମିତ ପାଠପଢ଼ାକୁ ନେଇ ଏଭଳି ଘଟଣା ଅଭିଭାବକଙ୍କ ମଧ୍ୟରେ ଚିନ୍ତାର କାରଣ ହୋଇଛି। ଏହା ସହିତ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକଙ୍କ ଉପସ୍ଥାନ ଓ ଶିକ୍ଷାଦାନ ବ୍ୟବସ୍ଥା ଉପରେ ଗୋଷ୍ଠୀ ଶିକ୍ଷା ବିଭାଗର ନିୟମିତ ନିରୀକ୍ଷଣ କେତେଦୂର ରହିଛି, ସେନେଇ ମଧ୍ୟ ପ୍ରଶ୍ନ ଉଠିଛି। ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ରେଙ୍ଗସାପାଳି ନାଏକପଡ଼ା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ସମେତ ମୋଟ ଦୁଇଜଣ ଶିକ୍ଷକ କାର୍ଯ୍ୟରତ ଥିବା ଜଣାପଡ଼ିଛି। ତେବେ ସରକାରୀ ଭାବେ କୌଣସି ଛୁଟି ନଥିବା ଦିନରେ ବିଦ୍ୟାଳୟ ଗେଟ୍‌ରେ ତାଲା ପଡ଼ିଥିବା ବେଳେ ବିଦ୍ୟାଳୟରେ ଦୁଇ ଶିକ୍ଷକ ଅନୁପସ୍ଥିତ ରହିବା ଘଟଣାକୁ ନେଇ ଆଲୋଡନ ସୃଷ୍ଟି ହେଉଛି। ଏ ନେଇ ଗ୍ରାମବାସୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ କୁମାର ନାୟକଙ୍କୁ ଯୋଗାଯୋଗ କରି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଅଭିଯୋଗ ପାଇବା ପରେ



ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ନାୟକ ବିଦ୍ୟାଳୟରେ ପହଞ୍ଚି ଘଟଣାର ଯାଞ୍ଚ କରିଥିଲେ । ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷକ ଛୁଟି ପାଇଁ ଦରଖାସ୍ତ ଦେଇ ଅନୁପସ୍ଥିତ ଥିବା ବେଳେ ପ୍ରଧାନଶିକ୍ଷକ ମଧ୍ୟ ସେହି ସମୟରେ ବିଦ୍ୟାଳୟରେ ଉପସ୍ଥିତ ନଥିବା ଜଣାପଡ଼ିଥିଲା। ଫଳରେ ବିଦ୍ୟାଳୟରେ ପାଠପଢ଼ା ଚାଲିବା ତ ଦୂରର କଥା, ବିଦ୍ୟାଳୟ ଗେଟ୍‌ରେ ମଧ୍ୟ ତାଲା ପଡ଼ିଥିବା ଅଭିଯୋଗ ସାମ୍ନାକୁ ଆସିଛି ।ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ, ବିଦ୍ୟାଳୟରେ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକଙ୍କ ଅନୁପସ୍ଥିତିକୁ ଗୋଷ୍ଠୀ ଶିକ୍ଷା ବିଭାଗ ଗୁରୁତ୍ୱର ସହ ନେଇଥିବା ଜଣାପଡ଼ିଛି। ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ପରେ ଅନୁପସ୍ଥିତ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି। ତେବେ ଏହି ଘଟଣା କେବଳ ଜଣେ ଶିକ୍ଷକଙ୍କ ଅନୁପସ୍ଥିତିରେ ସୀମିତ ନୁହେଁ, ବରଂ ବିଦ୍ୟାଳୟର ସମଗ୍ର ପରିଚାଳନା ଓ ନିରୀକ୍ଷଣ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି। ଯଦି ଜଣେ ଶିକ୍ଷକ ଛୁଟିରେ ଥିଲେ, ତେବେ ଅନ୍ୟ ଦାୟିତ୍ୱପ୍ରାପ୍ତ ଶିକ୍ଷକ ବିଦ୍ୟାଳୟରେ ଉପସ୍ଥିତ ରହିବା ଆବଶ୍ୟକତା ଥିଲା କି ନାହିଁ, ଏବଂ ପ୍ରଧାନଶିକ୍ଷକଙ୍କ ଅନୁପସ୍ଥିତି ସମ୍ପର୍କରେ ବିଭାଗକୁ ପୂର୍ବରୁ ସୂଚନା ଦିଆଯାଇଥିଲା କି ନାହିଁ—ତାହା ନେଇ ମଧ୍ୟ ଆଲୋଚନା ହେଉଛି। ଅନ୍ୟପକ୍ଷରେ, ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟଗୁଡ଼ିକରେ ନିୟମିତ ଉପସ୍ଥାନ ଯାଞ୍ଚ ଓ ତଦାରଖ କରାଯାଉଛି କି ନାହିଁ। ନିୟମିତ ନିରୀକ୍ଷଣର ଅଭାବରୁ ଏଭଳି ଘଟଣା ବାରମ୍ବାର ଘଟୁଥିବା ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ବିଦ୍ୟାଳୟରେ ନିୟମିତ ପାଠପଢ଼ା, ଶିକ୍ଷକଙ୍କ ଉପସ୍ଥାନ ଓ ପିଲାମାନଙ୍କ ଶିକ୍ଷା ଅଧିକାର ସୁନିଶ୍ଚିତ କରିବା ଦାୟିତ୍ୱ ବିଭାଗର। ତେଣୁ ଏଭଳି ଘଟଣାର ପୁନରାବୃତ୍ତି ନହେବା ପାଇଁ ବିଭାଗ ପକ୍ଷରୁ ନିୟମିତ ନିରୀକ୍ଷଣ, ଉପସ୍ଥାନ ଯାଞ୍ଚ ଓ ଦାୟିତ୍ୱ ନିର୍ଦ୍ଧାରଣ ଉପରେ ଗୁରୁତ୍ୱ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଡିୟୁଏସୟୁ ନିର୍ବାଚନ: ଏବିଭିପି ୪ ପଦବୀରୁ ୩ଟିରେ ବିଜୟୀ



ନୂଆଦିଲ୍ଲୀ,୧୯।୯ : ଡିୟୁଏସୟୁ ନିର୍ବାଚନରେ ଏବିଭିପି ୪ଟି ପଦବୀରୁ ୩ଟିରେ ବିଜୟୀ ହୋଇଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂଘ (ଡିୟୁଏସୟୁ) ନିର୍ବାଚନର ଫଳାଫଳ ଘୋଷଣା କରାଯାଇଛି। ଚଳିତ ବର୍ଷ ଛାତ୍ର ସଂଘ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପ୍ରାଧାନ୍ୟ ବିସ୍ତାର କରିଛି। ଏବିଭିପି ଚାରୋଟି ପ୍ରାଥମିକ ପଦବୀ ମଧ୍ୟରୁ ତିନୋଟିରେ ବିଜୟୀ ହୋଇ ଚମତ୍କାର ପ୍ରଦର୍ଶନ କରିଥିଲା। ଜଣେ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଜିତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲେ। ଏବିଭିପି ପ୍ରାର୍ଥୀ ଯଶ ଡାବାସ ଛାତ୍ର ସଂଘରେ ସବୁଠାରୁ ପ୍ରମୁଖ ପଦବୀ, ସଭାପତି ପଦବୀ ଜିତିଥିଲେ। ଗଣନାର ଶେଷ ପର୍ଯ୍ୟାୟ ଅନୁଯାୟୀ, ଏବିଭିପିର ଯଶ ଡାବାସ ସଭାପତି ପଦବୀ ପାଇଁ ମୋଟ ୨୪,୫୭୬ ଭୋଟ ପାଇଥିଲେ। ସେ ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ, ଭାରତୀୟ ଜାତୀୟ ଛାତ୍ର ସଂଘ (ଏନଏସୟୁଆଇ) ପ୍ରାର୍ଥୀ ବିଜୟ ଶଙ୍କର ମୀନାଙ୍କୁ ପରାସ୍ତ କରିଥିଲେ, ଯିଏ ୨୨,୫୨୩ ଭୋଟ ପାଇଥିଲେ। ପ୍ରତିଯୋଗିତା ଏକ ନିକଟତର ଥିଲା, କିନ୍ତୁ ଶେଷରେ, ଯଶ ଡାବାସ ତାଙ୍କର ଅଗ୍ରଣୀ ବଜାୟ ରଖି ବିଜୟୀ ହୋଇଥିଲେ।

## ଭାରତୀୟ ନୌସେନା ଏକାଡେମୀରେ କାର୍ଯ୍ୟରତ ବାଂଲାଦେଶୀ ନାଗରିକ ଗିରଫ

କନ୍ନୁର,୧୯।୯: ପାୟନ୍ନୁର ନିକଟସ୍ଥ ଏଜିମାଲାସ୍ଥିତ ଭାରତୀୟ ନୌସେନା ଏକାଡେମୀ (ଆଇଏନ୍ଏ)ରେ ଅସ୍ଥାୟୀ କର୍ମଚାରୀ ଭାବରେ କାର୍ଯ୍ୟ କରୁଥିବା ଜଣେ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ,ଏହାକୁ ମିଶାଇ ଗତ ଚାରି ଦିନ ମଧ୍ୟରେ କନ୍ନୁରରୁ ୬ ଜଣ ବାଂଲାଦେଶୀ ନାଗରିକଙ୍କୁ ଗିରଫ କରାଗଲାଣି। ଅଭିଯୁକ୍ତ ୩୨ ବର୍ଷୀୟ ବିପ୍ଳବ ସୋରେନ ପ୍ରାୟ ଗୋଟିଏ ବର୍ଷ ହେଲା ନୌସେନା ଏକାଡେମୀରେ କାମ କରୁଥିଲା। ବିପ୍ଳବ ସୋରେନ ତା'ର ପ୍ରକୃତ ନାମ କି ନୁହେଁ ତାହା ତଦନ୍ତ କରାଯିବ। ଆଇଏନ୍ଏରେ ସୋରେନଙ୍କ କ'ଣ କାମ କରୁଥିଲା କିମ୍ବା ସେ ସେଠାରେ କିପରି ନିଯୁକ୍ତି ପାଇଲା ତାହା ପୁଲିସ ପ୍ରକାଶ କରିନାହିଁ। ଗତ ଚାରି ଦିନ ମଧ୍ୟରେ କନ୍ନୁର ପୁଲିସ ଜିଲ୍ଲାରେ ପାଞ୍ଚ ଜଣ ବାଂଲାଦେଶୀ ମହିଳାଙ୍କୁ ବୈଧ କାଗଜପତ୍ର ବିନା ଭାରତରେ ରହିବା ପାଇଁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ଚାରି ଜଣଙ୍କୁ ଗୁରୁବାର କନ୍ନୁରରେ ଅବୈଧ ଭାବରେ ରହିବା ଓ ସହରର ଏକ ସ୍ପାରେ କାମ କରିବା ପାଇଁ ଗିରଫ କରିଥିଲା।

## ଆତଙ୍କୀ ଆକ୍ରମଣ ପରେ ପାକିସ୍ତାନକୁ ଚେତାବନୀ ଦେଲା ତାଲିବାନ



କାବୁଲ୍,୧୯।୯:ପାକିସ୍ତାନରେ ଏକ ବଡ଼ ଆତଙ୍କବାଦୀ ଆକ୍ରମଣ ପରେ, ଆଫଗାନିସ୍ତାନର ତାଲିବାନ ସରକାର ଇସଲାମାବାଦକୁ ସିଧାସଳଖ ଚେତାବନୀ ଦେଇଛନ୍ତି। ସରକାର କହିଛନ୍ତି, ଯଦି ପାକିସ୍ତାନ ଆତଙ୍କବାଦୀ ଆକ୍ରମଣର ଆଳ ଦର୍ଶାଇ ଆଫଗାନିସ୍ତାନ ଭିତରେ ସାମରିକ କାର୍ଯ୍ୟାନୁଷ୍ଠାନ ଅବା ସର୍ଜିକାଲ ଷ୍ଟ୍ରାଇକ୍ କରେ, ତେବେ ଆମେ ଆମର ଅଞ୍ଚଳ ଏବଂ ସାର୍ବଭୌମତ୍ୱକୁ ରକ୍ଷା କରିବୁ। ତାଲିବାନ ମୁଖପାତ୍ର ଜାବିହୁଲ୍ଲାହ ମୁଜାହିଦ କହିଛନ୍ତି, ଯଦି ଆଫଗାନିସ୍ତାନ ଉପରେ ଆକ୍ରମଣ କରାଯାଏ, ତେବେ ଏହାର ପ୍ରତିଶୋଧ ନେଇ ଆମେ କଡ଼ା ଜବାବ ଦେବୁ। ପାକିସ୍ତାନ ଅଭିଯୋଗ କରିଆସୁଛି ଯେ, ଏହାର ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣ ଆଫଗାନିସ୍ତାନ ମାଟିରୁ କରାଯାଉଛି। ଫଳସ୍ୱରୂପ, ଦୁଇ ଦେଶ ମଧ୍ୟରେ ଉତ୍ତେଜନା ପୁଣି ଥରେ ଏକ ବିପଜ୍ଜନକ ସ୍ଥିତିରେ ପହଞ୍ଚିଛି। ଜାବିହୁଲ୍ଲା ଅଲ ଆରବିଆ ସହିତ ଏକ ସାକ୍ଷାତକାରରେ କହିଛନ୍ତି, ଯଦି ପାକିସ୍ତାନ ଧାରା ୫୧ ବ୍ୟବହାର କରି ଆଫଗାନିସ୍ତାନ ମାଟି ଉପରେ ଆକ୍ରମଣ କରେ, ତେବେ ଆଫଗାନିସ୍ତାନକୁ ନିଜର ରକ୍ଷା କରିବାର ଅଧିକାର ଅଛି। ଆଫଗାନିସ୍ତାନ ଏହାର ସାର୍ବଭୌମତ୍ୱର କୌଣସି ଉଲ୍ଲଂଘନକୁ ସହ୍ୟ କରିବ ନାହିଁ ଏବଂ ଯେକୌଣସି ସାମରିକ କାର୍ଯ୍ୟାନୁଷ୍ଠାନର କଡ଼ା ଜବାବ ଦେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହାର ଅର୍ଥ ହେଉଛି ଯଦି ପାକିସ୍ତାନ ସନ୍ଦେହ କରେ ଯେ, ଆଫଗାନିସ୍ତାନରେ ଥିବା ଆତଙ୍କବାଦୀମାନେ ଆକ୍ରମଣ ପଛରେ ଅଛନ୍ତି। ତେଣୁ ସେମାନଙ୍କୁ ଉଚିତ୍ ଶିକ୍ଷା ଦେବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସୀମା ପାର କରେ, ତେବେ ତାଲିବାନ ଏହାକୁ ଆଫଗାନିସ୍ତାନ ଉପରେ ସିଧାସଳଖ ଆକ୍ରମଣ ବୋଲି ବିବେଚନା କରିବ। ପାକିସ୍ତାନର ଖାଇବର ପଖତୁନଖ୍ୱା ପ୍ରଦେଶର କୋହାଟରେ ଏକ ବଡ଼ ଆତଙ୍କବାଦୀ ଆକ୍ରମଣ ପରେ ଏହି ଚେତାବନୀ ଦିଆଯାଇଛି।

## ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୪ ମୃତ

ହାଇଦ୍ରାବାଦ,୧୯।୯: ହାଇଦ୍ରାବାଦ-ବେଙ୍ଗାଲୁରୁ ୪୪ ନମ୍ବର ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଗୋଟିଏ ପରିବାରର ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଶନିବାର ଭୋର ପ୍ରାୟ ୪:୩୦ ସମୟରେ ପାଲାମାକୁଲା ଗ୍ରାମ ନିକଟରେ ଏକ ଦ୍ରୁତଗାମୀ ଇନୋଭା କାର୍ ନିୟନ୍ତ୍ରଣ ହରାଇ ପୋଲ ସହ ପିଟିହୋଇ ଓଲଟି ପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି। ମହବୁବନଗର ଜିଲ୍ଲାର ନିଜ ଗାଁରେ ଗଣେଶ ବିସର୍ଜନ ଉତ୍ସବ ସାରି ସମସାବାଦ ଫେରୁଥିବା ବେଳେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକମାନେ ନୱାବପେଟ ମଣ୍ଡଳ ଚୌଦୁର ଗ୍ରାମର କେଥାବତ ଲିମ୍ବିଆ (୫୪), ତାଙ୍କ ସ୍ତ୍ରୀ କେଥାବତ ଜମୁନା (୪୫), କାତ୍ରାବତ ମାନସିଂହ (୪୮) ଏବଂ କେଥାବତ ବାସରାମ (୪୫) ବୋଲି ସମସାବାଦ ପୁଲିସ ସୂଚନା ଦେଇଛି।

### ୫୧,୦୦୦ରୁ ଅଧିକ ନିଯୁକ୍ତିପତ୍ର ବଣ୍ଟନ କଲେ ମୋଦି

# 'ବିକଶିତ ଭାରତ' ଗଠନ ଯାତ୍ରାର କେନ୍ଦ୍ରବିନ୍ଦୁ ଯୁବଶକ୍ତି

ନୂଆଦିଲ୍ଲୀ,୧୯।୯(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆୟୋଜିତ ୨୦ତମ ରୋଜଗାର ମେଳାରେ ବିଭିନ୍ନ ସରକାରୀ ସଂସ୍ଥାରେ ନୂତନ ଭାବେ ନିଯୁକ୍ତ ୫୧,୦୦୦ରୁ ଅଧିକ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏହି ଗୁରୁତ୍ୱପୂର୍ଣ୍ଣ ଘଟଣା ହଜାର ହଜାର ପରିବାର ପାଇଁ ଅପାର ଆନନ୍ଦ ଆଣିଦେଇଛି। ଏହା ନବନିଯୁକ୍ତମାନଙ୍କ ବ୍ୟକ୍ତିଗତ ପରିଶ୍ରମ ସହିତ ସେମାନଙ୍କ ଅଭିଭାବକମାନଙ୍କ ଅପାର ତ୍ୟାଗର ପ୍ରତିଫଳନ ମଧ୍ୟ। ମୋଦି କହିଛନ୍ତି, 'ଜୀବନର ଏହି ନୂତନ ଆରମ୍ଭ ପାଇଁ ମୁଁ ଆପଣ ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛି। ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ଗଠନ ହେବାର ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟ ଦିଗରେ ଦେଶ ଅଗ୍ରସର ହେଉଥିବା ବେଳେ ନୂତନ ନିଯୁକ୍ତିପ୍ରାପ୍ତ ଯୁବକଯୁବତୀମାନଙ୍କୁ ଭାରତ ସରକାରଙ୍କ ପରିବାରକୁ ସ୍ୱାଗତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପ୍ରତ୍ୟେକ ପ୍ରଶାସନିକ ନିଷ୍ପତ୍ତି ମାଧ୍ୟମରେ ବିକଶିତ ଭାରତ ଏବଂ ଆତ୍ମନିର୍ଭର ଭାରତର ଦୁଇଟି ଅଭିଯାନକୁ ନିରନ୍ତର ସଶକ୍ତ କରିବାରେ ଯୁବବର୍ଗଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେ ଯୁବପିଢ଼ିଙ୍କ ପ୍ରତି ସେମାନଙ୍କର ବିଶେଷ ଦାୟିତ୍ୱ ଉପରେ ମଧ୍ୟ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ନୂତନ ପିଢ଼ିର ପ୍ରତିଭା ଓ ଦକ୍ଷତା ବିଶ୍ୱର ଆସ୍ଥା ହାସଲ କରିଛି। ଏହା ଭାରତୀୟ ଉଦ୍ଭାବକ, ଉଦ୍ୟୋଗୀ ଏବଂ ଯୁବଶକ୍ତିଙ୍କଠାରୁ ବିଶ୍ୱସ୍ତରରେ ବିପୁଳ ଆଶା ସୃଷ୍ଟି କରିଛି। ମୋଦି କହିଛନ୍ତି, "ଆମର ଉଦ୍ଭାବକ, ଉଦ୍ୟୋଗୀ ଏବଂ ଯୁବଶକ୍ତିଙ୍କ ଉପରେ ବିଶ୍ୱର ବହୁତ ଆଶା ରହିଛି।" ସଦ୍ୟତମ ଶେଷ ହୋଇଥିବା ବ୍ରିକ୍ସ ସମ୍ମିଳନୀ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପାରମ୍ପରିକ ସରକାର-ସରକାର ମଧ୍ୟରେ ଆଲୋଚନା ଓ ସହଯୋଗଠାରୁ ଆହୁରି ଆଗକୁ ଅଗ୍ରସର ହୋଇ ଅନ୍ତର୍ଜାତୀୟ ସହଯୋଗକୁ ବ୍ୟାପକ କରିବା ହେଉଛି ସରକାରଙ୍କ ରଣନୀତି। ସେ କହିଛନ୍ତି ଯେ, ବ୍ରିକ୍ସ କନେକ୍ଟ ଏବଂ ବ୍ରିକ୍ସ ଏମଏସଏମଇ କୋପରେସନ ପୋର୍ଟାଲ୍ ଭଳି ପଦକ୍ଷେପ ଉଦ୍ୟୋଗୀ, କୃଷକ, ମହିଳା ଏବଂ ଯୁବପିଢ଼ିଙ୍କୁ ସିଧାସଳଖ ବିଶ୍ୱସ୍ତରୀୟ ସହଭାଗିତା ସହ ସଂଯୁକ୍ତ କରିବା ପାଇଗତ କିଛି ବର୍ଷର ଅର୍ଥନୈତିକ କୂଟନୀତି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପ୍ରାୟ ୪୦ଟି ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତି ଅଭୂତପୂର୍ବ କ୍ୟାରିୟର ସୁଯୋଗର ଦ୍ୱାର ଉନ୍ମୋଚନ କରୁଛି। ସେ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ଏହି ଚୁକ୍ତିନାମାଗୁଡ଼ିକ ଦେଶୀୟ ଉଦ୍ୟୋଗୀଙ୍କ ପାଇଁ ନୂଆ ବଜାର ଓ ଗତିଶୀଳ ସହଭାଗିତାର ସୁଯୋଗ ସୃଷ୍ଟି କରିବା ସହିତ ଯୁବପିଢ଼ିଙ୍କ ପାଇଁ କ୍ୟାରିୟରର ନୂଆ ଦିଗ ଉନ୍ମୋଚନ କରୁଛି। "ଏହି ମୁକ୍ତ ବାଣିଜ୍ୟ ଚୁକ୍ତିନାମାଗୁଡ଼ିକ ଆମ ଯୁବପିଢ଼ିଙ୍କ ପାଇଁ ସମ୍ଭାବନାର ନୂତନ ଦ୍ୱାର ଖୋଲୁଛି" ବୋଲି ମୋଦୀ ଦୃଢୋକ୍ତି ପ୍ରକାଶ କରିଛନ୍ତି।





## ୨୦୨୭ ସୁଦ୍ଧା ବଜାରକୁ ଆସିବ ଡେଙ୍ଗୁ ଟିକା




ନୂଆଦିଲ୍ଲୀ,୧୯।୯: ଡେଙ୍ଗୁ ବିରୋଧରେ ଲଢ଼େଇ ପାଇଁ ଭାରତରେ ଆସିବାକୁ ଯାଉଛି ଏକ ଗୁରୁତ୍ୱପୂର୍ଣ୍ଣ ଟିକା। ଜାପାନୀ ଔଷଧ କମ୍ପାନୀ ଟାକେଡାର 'QDENGA' ଡେଙ୍ଗୁ ଟିକା ୨୦୨୭ର ପ୍ରଥମ ୬ ମାସ ମଧ୍ୟରେ ଭାରତୀୟ ବଜାରରେ ଉପଲବ୍ଧ ହେବାର ଆଶା ରହିଛି । ଏହି ଟିକାର ପ୍ରଚାର ଓ ବିତରଣ ପାଇଁ ଟାକେଡା ଡ. ରେଡ୍ଡୀସ୍ ଲାବୋରେଟୋରିଜ୍ ସହ ଏକ୍ସକ୍ଲୁସିଭ୍ ପାର୍ଟନରସିପ୍ କରିଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଟିକାଟି ଶିଶୁ ଓ ବୟସ୍କଙ୍କ ପାଇଁ ଘରୋଇ ବଜାରରେ ଉପଲବ୍ଧ ହେବ । ଭାରତରେ ଡେଙ୍ଗୁ ଭାଇରସ ୪ଟି ପ୍ରମୁଖ ସେରୋଟାଇପ୍ ଦେଖିବାକୁ ମିଳେ। କେତେକ ରୋଗୀଙ୍କଠାରେ ଏକାଧିକ ସେରୋଟାଇପ୍ର ସଂକ୍ରମଣ ମଧ୍ୟ ଦେଖାଯାଇଛି । ତେଣୁ ଡେଙ୍ଗୁ ଭାଇରସର ଚାରିଟି ଯାକ ସେରୋଟାଇପ୍ ବିରୋଧରେ ସୁରକ୍ଷା ଦେଇପାରୁଥିବା ଟିକାକୁ ଗୁରୁତ୍ୱ ଦିଆଯାଉଛି । ଟାକେଡା ଅନୁଯାୟୀ, QDENGAକୁ ଡେଙ୍ଗୁର ୪ଟି ଯାକ ସେରୋଟାଇପ୍ ବିରୋଧରେ ସୁରକ୍ଷା ପାଇଁ ବିକଶିତ କରାଯାଇଛି । QDENGAର ଆଉ ଏକ ବିଶେଷତା ହେଉଛି, ଟିକା ନେବା ପୂର୍ବରୁ ବ୍ୟକ୍ତିଙ୍କୁ ପୂର୍ବରୁ ଡେଙ୍ଗୁ ହୋଇଥିଲା କି ନାହିଁ, ଏହା ଜାଣିବା ପାଇଁ ପରୀକ୍ଷା କରାଇବା ଆବଶ୍ୟକ ହେବ ନାହିଁ । ଭାରତରେ ଏହି ଟିକାକୁ ୪ରୁ ୬୦ ବର୍ଷ ବୟସ୍କଙ୍କ ପାଇଁ ଅନୁମୋଦନ ମିଳିଛି । ଟିକାର କ୍ଲିନିକାଲ୍ ଟ୍ରାଏଲର ଦୀର୍ଘକାଳୀନ ଫଲୋଅପରେ ମଧ୍ୟ ଏହାର ସୁରକ୍ଷା ସମ୍ପର୍କିତ ତଥ୍ୟ ସାମ୍ନାକୁ ଆସିଛି । ଟାକେଡାର ୨୦୨୫ ମସିହାର ବିଶ୍ଳେଷଣ ଅନୁଯାୟୀ, QDENGA ନେବାର ୪.୫ ବର୍ଷ ପର୍ଯ୍ୟନ୍ତ ଭାଇରସ୍ ଦ୍ୱାରା ନିଶ୍ଚିତ ଡେଙ୍ଗୁ ସଂକ୍ରମଣକୁ ରୋକିବାରେ ଏହାର ପ୍ରଭାବଶୀଳତା ୬୧.୨ ପ୍ରତିଶତ ରହିଥିଲା । ସେହିପରି ଡେଙ୍ଗୁ କାରଣରୁ ହସ୍ପିଟାଲରେ ଭର୍ତ୍ତି ହେବାରୁ ସୁରକ୍ଷା ଦେବା କ୍ଷେତ୍ରରେ ଏହାର ପ୍ରଭାବଶୀଳତା ୮୪.୧ ପ୍ରତିଶତ ରହିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି । ଟାକେଡାର ଦାବି ଅନୁଯାୟୀ, QDENGA ବିଶ୍ୱରେ ସବୁଠାରୁ ଅଧିକ ଅଧ୍ୟୟନ କରାଯାଇଥିବା ଡେଙ୍ଗୁ ଟିକାଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହାର କ୍ଲିନିକାଲ୍ ଅଧ୍ୟୟନରେ ବିଭିନ୍ନ ବୟସ ବର୍ଗର ୮୦ ହଜାରରୁ ଅଧିକ ଲୋକ ସାମିଲ ହୋଇଥିଲେ । ୨୦୨୨ରେ ଲଞ୍ଚ ହେବା ପରଠାରୁ ଏହି ଟିକାକୁ ୪୩ଟି ଦେଶରେ ମଞ୍ଜୁରୀ ମିଳିଥିବା ବେଳେ ବିଶ୍ୱବ୍ୟାପୀ ଭାବେ ଏହାର ୩.୨ କୋଟିରୁ ଅଧିକ ଡୋଜ୍ ବିତରଣ ହୋଇସାରିଛି ।

## ନକଲି ଘିଅରେ ତିରୁପତି ଲଡ୍ଡୁ ପ୍ରସ୍ତୁତ; ସୁକ୍ରିତି ଫୁଡ୍ସ ପ୍ରମୋଟର ଗିରଫ






ହାଇଦ୍ରାବାଦ୧୯।୯: ତିରୁପତି ଲଡ୍ଡୁ ପ୍ରସାଦ ପ୍ରସ୍ତୁତ କରିବାରେ ପାମ୍ ତେଲ, ପାମ୍ କର୍ଣ୍ଣେଲ୍ ତେଲ, ପାମୋଲିନ୍ ଓ ବିଭିନ୍ନ ରାସାୟନିକ ପଦାର୍ଥ ମିଶ୍ରିତ ନକଲି ଘିଅ ବ୍ୟବହାର କରାଯାଇଥିବା ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୁକ୍ରିତି ଫୁଡ୍ସର ପ୍ରମୋଟର କୈଳାସ ଚାନ୍ଦ ମଙ୍ଗଲାଙ୍କୁ ଗିରଫ କରିଛି। ଇଡି କହିଛି ଯେ, ମଙ୍ଗଲାଙ୍କୁ ଟିଟିଡି ଘିଅ ଅପମିଶ୍ରଣ ସହିତ ଜଡିତ ଏକ ମନି ଲଣ୍ଡରିଂ ମାମଲାରେ ସେପ୍ଟେମ୍ବର ୧୭ରେ ଏହାର ହାଇଦ୍ରାବାଦ କାର୍ଯ୍ୟାଳୟ ଦ୍ୱାରା ଗିରଫ କରାଯାଇଥିଲା। ପରେ ତାଙ୍କୁ ବିଶାଖାପାଟଣାସ୍ଥିତ ସ୍ୱତନ୍ତ୍ର ମନି ଲଣ୍ଡରିଂ ନିବାରଣ ଆଇନ କୋର୍ଟ ଆଗରେ ହାଜର କରାଯାଇଥିଲା, କୋର୍ଟ ତାଙ୍କୁ ନ୍ୟାୟିକ ହେପାଜତକୁ ପଠାଇ ଦେଇଛି। ଏଜେନ୍ସି ଅନୁଯାୟୀ, ତିରୁପତି ଲଡ୍ଡୁ ପ୍ରସାଦ ପାଇଁ ବ୍ୟବହୃତ ଭେଜାଲ ଘିଅ ରିଫାଇନ ପାମ୍ ତେଲ ସହିତ ଏମଝି-୯୦, ମୋନୋଗ୍ଲିସେରାଇଡ୍ସ, ମାଇଭାସେଟ୍ ସଫ୍ଟ ୪୦୦ ଓ ଆସେଟିକ୍ ଏସିଡ୍ ଏଷ୍ଟର ଭଳି ରାସାୟନିକ ପଦାର୍ଥ ବ୍ୟବହାର କରି ପ୍ରସ୍ତୁତ କରାଯାଇଥିଲା। କେନ୍ଦ୍ରୀୟ ସଂସ୍ଥା ଅଭିଯୋଗ କରିଛି ଯେ, ଏଗୁଡ଼ିକୁ ଏଗମାର୍କ ସ୍ପେଶାଲ୍ ଗ୍ରେଡ୍ ଗାଇ ଘିଅ ଭାବରେ ଟିଟିଡିକୁ ଯୋଗାଣ କରାଯାଇଥିଲା। ୨୦୧୯ ରୁ ୨୦୨୪ ମଧ୍ୟରେ ଟିଟିଡିକୁ ଘିଅ ଯୋଗାଣର ଅଭିଯୋଗ ହୋଇଥିବା ଠେକେଇର ମୂଲ୍ୟ ୨୩୦ କୋଟି ଟଙ୍କା ହେବ ଓ ଏଥିରେ ୯୬ କୋଟି ଟଙ୍କାର ନକଲି ଘିଅ ମଙ୍ଗଲାଙ୍କ କାରଖାନା ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ସେ ଶ୍ରୀ ବୈଷ୍ଣବୀ ଡେରୀ ସ୍ପେଶାଲିଟିଜ୍, ମାଲଗଙ୍ଗା ମିଲ୍କ ଆଣ୍ଡ୍ ଆଗ୍ରୋ ପ୍ରଡକ୍ଟସ୍ ଓ ଏ.ଆର. ଡେରୀ ଫୁଡ୍ସ ସମେତ ବିଭିନ୍ନ ଫ୍ରଣ୍ଟ ସଂସ୍ଥା ମାଧ୍ୟମରେ ଭେଜାଲ ଘିଅ ଯୋଗାଣରେ ସମନ୍ୱୟ କରିଥିଲେ ବୋଲି ଇଡି କହିଛି।

## ୧୪ ବିଚାରପତିଙ୍କ ନିଯୁକ୍ତିକୁ ଅନୁମୋଦନ କଲେ କେନ୍ଦ୍ର ସରକାର

### ଦିଲ୍ଲୀ, ଝାଡ଼ଖଣ୍ଡ ଏବଂ କର୍ଣ୍ଣାଟକ ସମେତ ୪ ହାଇକୋର୍ଟରେ ନୂତନ ବିଚାରପତି

ନୂଆଦିଲ୍ଲୀ,୧୯।୯: କେନ୍ଦ୍ର ସରକାର ବିଭିନ୍ନ ହାଇକୋର୍ଟରେ ୧୪ ଜଣ ବିଚାରପତିଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। କେନ୍ଦ୍ର ଆଇନ ଏବଂ ନ୍ୟାୟ ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଅର୍ଜୁନ ରାମ ମେଘୱାଲ ଏହା ଘୋଷଣା କରିଛନ୍ତି। ଦିଲ୍ଲୀ ହାଇକୋର୍ଟରେ ଦୁଇଜଣ ବିଚାରପତି ଏବଂ ପାଞ୍ଚ ଜଣ ଅତିରିକ୍ତ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଝାଡ଼ଖଣ୍ଡ ହାଇକୋର୍ଟରେ ତିନି ଜଣ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଇଛି। ଦକ୍ଷିଣ ଭାରତର କର୍ଣ୍ଣାଟକ ହାଇକୋର୍ଟ ପାଇଁ ୩ ଜଣ ଅତିରିକ୍ତ ବିଚାରପତିଙ୍କୁ ନିଯୁକ୍ତ କରିଥିବା ବେଳେ ଜାମ୍ମୁ-କାଶ୍ମୀର ଏବଂ ଲଦାଖ ହାଇକୋର୍ଟ ପାଇଁ ଜଣେ ବିଚାରପତିଙ୍କୁ ନିଯୁକ୍ତ କରାଯାଇଛି। ଦିଲ୍ଲୀ ହାଇକୋର୍ଟରେ ମୋଟ ସାତ ଜଣ ବିଚାରପତିଙ୍କୁ ନିଯୁକ୍ତ କରାଯାଇଛି। ନିବେଦିତା ଅନିଲ ଶର୍ମା ଏବଂ ନିଶା ସହାୟ ସକ୍ସେନାଙ୍କୁ ସ୍ଥାୟୀ ବିଚାରପତି ଭାବରେ ନିଯୁକ୍ତ କରାଯାଇଛି। ସଞ୍ଜୟ ଶର୍ମା, ଭାରତ ପରାଶର, ଅଦିତି ଚୌଧୁରୀ, ଦିନେଶ ଭଟ୍ଟ ଏବଂ ଅରୁଣ ଭରଦ୍ୱାଜଙ୍କୁ ଅତିରିକ୍ତ ବିଚାରପତି ଭାବରେ ନିଯୁକ୍ତ କରାଯାଇଛି। ଅରୁଣ ଭରଦ୍ୱାଜ ବର୍ତ୍ତମାନ ଦିଲ୍ଲୀ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ଅଛନ୍ତି। ଝାଡ଼ଖଣ୍ଡ ହାଇକୋର୍ଟରେ ତିନି ଜଣ ନୂତନ ବିଚାରପତି ଭାବେ ମନୋଜ ପ୍ରସାଦ, ଅଖିଳ କୁମାର ଏବଂ ରାମ ଶର୍ମାଙ୍କୁ ନିଯୁକ୍ତ କରାଯାଇଛି । ଯଶ ପଲ ବର୍ନିଙ୍କୁ ଜାମ୍ମୁ-କାଶ୍ମୀର ଏବଂ ଲଦାଖ ହାଇକୋର୍ଟର ବିଚାରପତି ଭାବରେ ନିଯୁକ୍ତି କରାଯାଇଛି। କର୍ଣ୍ଣାଟକ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବରେ ତିନି ଜଣ ନ୍ୟାୟିକ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ଅନୁମୋଦନ କରାଯାଇଛି। ପଦୋନ୍ନତି ପାଇଥିବା ତିନି ଜଣ ନ୍ୟାୟିକ ଅଧିକାରୀ ହେଉଛନ୍ତି ଉଷା ରାଣୀ, କେ.ଏସ୍. ଭାରତ କୁମାର ଏବଂ ନେରାଲେ ବୀରଭଦ୍ରୈୟା ଭବାନୀ।

## ରେଜିନଗର ପ୍ରାର୍ଥିପତ୍ର ପ୍ରତ୍ୟାହାର କଲେ ଟିଏମସି ପ୍ରାର୍ଥୀ





ନୂଆଦିଲ୍ଲୀ,୧୯।୯: ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଇଁ ରାଜନୈତିକ ସଙ୍କଟ ଆହୁରି ଗଭୀର ହେବାରେ ଲାଗିଛି। ନନ୍ଦିଗ୍ରାମ ବିଧାନସଭା ଆସନରୁ ଦଳୀୟ ପ୍ରାର୍ଥୀ ନାମାଙ୍କନ ପତ୍ର ପ୍ରତ୍ୟାହାର କରିବାର ମାତ୍ର ଗୋଟିଏ ଦିନ ପରେ ଏବେ ରେଜିନଗର ଉପନିର୍ବାଚନରୁ ମଧ୍ୟ ମମତାଙ୍କ ଗୋଷ୍ଠୀର ପ୍ରାର୍ଥୀ ଓହରି ଯାଇଛନ୍ତି। ଶନିବାର ରେଜିନଗରର ଟିଏମସି ପ୍ରାର୍ଥୀ ରବିଉଲ୍ ଆଲମ୍ ଚୌଧୁରୀ ଆନୁଷ୍ଠାନିକ ଭାବେ ନିଜର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେଇଥିବା ଘୋଷଣା କରିଛନ୍ତି। ପ୍ରଶାସନିକ ଚାପ ଏବଂ ଦଳୀୟ କର୍ମୀଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଦାୟୀ କରି ରବିଉଲ୍ ନିଜର ଏହି ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ ଦଳ ପାଖରେ କୌଣସି ଅଫିସିଆଲ୍ ନିର୍ବାଚନୀ ଚିହ୍ନ ନାହିଁ। ଏହାସହ ରାଜ୍ୟ ପ୍ରଶାସନ ପକ୍ଷରୁ କର୍ମୀମାନଙ୍କୁ ବିଭିନ୍ନ ଉପାୟରେ ହଇରାଣ ହରକତ କରାଯାଉଥିବାରୁ ଅଧିକାଂଶ କର୍ମୀ ନିଜ ନିଜ ଅଞ୍ଚଳ ଛାଡ଼ି ଚାଲିଯାଇଛନ୍ତି। ଏଭଳି ସ୍ଥିତିରେ ପ୍ରଶାସନିକ ଚାପ ଯୋଗୁଁ କର୍ମୀମାନେ ନିର୍ବାଚନୀ ମଇଦାନରେ ରହିବାକୁ ଅସମର୍ଥ ପ୍ରକାଶ କରିବାରୁ ସେ ନିଜେ ଲଢ଼େଇରୁ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ଅକ୍ଟୋବର ୬ ତାରିଖରେ ନନ୍ଦିଗ୍ରାମ ଓ ରେଜିନଗର ଦୁଇଟି ଆସନରେ ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବାର କାର୍ଯ୍ୟକ୍ରମ ରହିଛି। ମାତ୍ର ନିର୍ବାଚନ ପୂର୍ବରୁ ହିଁ ମମତା ବାନାର୍ଜୀ ଉଭୟ ଆସନରେ ନିଜର ପ୍ରାର୍ଥୀ ହରାଇସାରିଛନ୍ତି।

## ଆଇଏଇଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲା ଉତ୍ତର କୋରିଆ

ପ୍ୟୋଙ୍ଗୟାଙ୍ଗ,୧୯।୯: ଉତ୍ତର କୋରିଆର ପରମାଣୁ କାର୍ଯ୍ୟକ୍ରମକୁ ସମାଲୋଚନା କରୁଥିବା ଜାତିସଂଘର ପରମାଣୁ ନୀରିକ୍ଷଣ ସଂସ୍ଥା(ଆଇଏଇଏ)ର ପ୍ରସ୍ତାବକୁ ଉତ୍ତର କୋରିଆର ନେତା କିମ୍ ଜୋଙ୍ଗ-ଉନଙ୍କ ଭଉଣୀ କିମ୍ ୟୋ-ଜଙ୍ଗ ଶନିବାର ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ, ଆମେରିକା ଏବଂ ଅନ୍ୟାନ୍ୟ ଦେଶମାନଙ୍କ ପରମାଣୁ ଧମକ ମଧ୍ୟରେ ଉତ୍ତର କୋରିଆ ନିଜର ପରମାଣୁ କ୍ଷମତା ବଜାୟ ରଖିବ। ଗୁରୁବାର ଦିନ ଭିଏନାରେ ଅନୁଷ୍ଠିତ ୭୦ତମ ସାଧାରଣ ସମ୍ମିଳନୀରେ ଆନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି ଏହି ପ୍ରସ୍ତାବକୁ ଗ୍ରହଣ କରିଛି। ପ୍ରସ୍ତାବରେ ଦୋହରାଯାଇଥିଲା ଯେ ପରମାଣୁ ଅପ୍ରସାର ଚୁକ୍ତି(ଏନପିଟି) ଅନୁଯାୟୀ ଉତ୍ତର କୋରିଆକୁ ପରମାଣୁ ଅସ୍ତ୍ର ରାଷ୍ଟ୍ର ଭାବରେ ଘୋଷଣା କରାଯାଇପାରିବ ନାହିଁ। ଏହା ସହିତ ପ୍ୟୋଙ୍ଗୟାଙ୍ଗକୁ ପରମାଣୁ କାର୍ଯ୍ୟକ୍ରମ ସହିତ ଜଡିତ ସମସ୍ତ କାର୍ଯ୍ୟକଳାପ ତୁରନ୍ତ ବନ୍ଦ କରିବାକୁ ଆହ୍ୱାନ କରାଯାଇଛି।

## ସିଷ୍ଟମକୁ ଛାତ୍ର ନୁହେଁ, ଅନ୍ଧଭକ୍ତ ଦରକାର: ରାହୁଲ



ନୂଆଦିଲ୍ଲୀ,୧୯।୯: ଇନ୍ଦୋରରେ ଆୟୋଜିତ 'ଛାତ୍ରମାନଙ୍କ ଗୁଞ୍ଜ' କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ସିଷ୍ଟମ ଓ ବିଭିନ୍ନ ସଂସ୍ଥାର କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଶ୍ନ ଉଠାଇଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ସେ କହିଛନ୍ତି, ସିଷ୍ଟମକୁ ଛାତ୍ର ନୁହେଁ, 'ଅନ୍ଧଭକ୍ତ' ଦରକାର। ରାହୁଲଙ୍କ ଅନୁସାରେ, ଜଣେ ଛାତ୍ର ସବୁବେଳେ ପ୍ରଶ୍ନ କରେ, ଜିଜ୍ଞାସୁ ହୁଏ ଏବଂ କୌଣସି କଥାକୁ କେବଳ କୁହାଯାଇଛି ବୋଲି ଗ୍ରହଣ କରେ ନାହିଁ। ନ୍ୟାୟପାଳିକା, ଅନ୍ୟାନ୍ୟ ସଂସ୍ଥା ଓ ନିର୍ବାଚନ ଆୟୋଗକୁ ନେଇ ମଧ୍ୟ ରାହୁଲ ପ୍ରଶ୍ନ ଉଠାଇଥିଲେ। ତାଙ୍କ କହିବା ଅନୁସାରେ, ଛାତ୍ର ପ୍ରଶ୍ନ କରେ ଯେ ସଂସ୍ଥାଗୁଡ଼ିକ ନିଜ କାମ ଠିକ୍ ଭାବେ କାହିଁକି କରୁନାହାନ୍ତି। ତେଣୁ ଯୁବପିଢ଼ି ମଧ୍ୟରେ ପ୍ରଶ୍ନ କରିବାର ଅଭ୍ୟାସ ଜାରି ରହିବା ଆବଶ୍ୟକ ବୋଲି ସେ କହିଥିଲେ। ରାହୁଲ ଗାନ୍ଧୀ ଛାତ୍ରଙ୍କ ଚିନ୍ତାଧାରାକୁ ପ୍ରେମ, ସମ୍ମାନ ଓ ବିନମ୍ରତା ସହ ଯୋଡ଼ିଥିଲେ। ତାଙ୍କ ମତରେ, ଛାତ୍ର ଅନ୍ୟମାନଙ୍କ କଥା ଶୁଣେ, ପ୍ରଶ୍ନ କରେ ଏବଂ ପରେ ନିଜ ମତ ରଖେ। ଏହାର ବିପରୀତରେ 'ଅନ୍ଧଭକ୍ତ' ଶବ୍ଦ ବ୍ୟବହାର କରି ସେ ଘୃଣା, ଅହଂକାର ଓ ଭୟର କଥା ଉଲ୍ଲେଖ କରିଥିଲେ। ମହିଳାଙ୍କ ସମ୍ମାନ ପ୍ରସଙ୍ଗରେ ମଧ୍ୟ ସେ ନିଜ ମତ ରଖିଥିଲେ।

## ଆତଙ୍କବାଦୀଙ୍କୁ ସହାୟତା ଅଭିଯୋଗରେ ଜାମ୍ମୁ-କାଶ୍ମୀରରୁ ୩ ଗିରଫ, ଅସ୍ତ୍ରଶସ୍ତ୍ର ଜବତ

ଶ୍ରୀନଗର,୧୯।୯: ଜାମ୍ମୁ-କାଶ୍ମୀର ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ପ୍ରତିବନ୍ଧିତ ଆତଙ୍କବାଦୀ ସଂଗଠନ ''ଲସ୍କର-ଏ-ତୋଇବା''କୁ ଲଜିଷ୍ଟିକ୍ ସହାୟତା, ଆଶ୍ରୟ ଓ ଯାତାୟାତରେ ସହଯୋଗ କରୁଥିବା ଅଭିଯୋଗରେ ୩ ଜଣ ଆତଙ୍କୀ ସହଯୋଗୀଙ୍କୁ ଗିରଫ କରାଯାଇଛି। ଧରମସାଲ ଥାନାରେ ରୁଜୁ ହୋଇଥିବା ମାମଲାର ଅଧିକ ତଦନ୍ତ ବେଳେ ପୋଲିସ ଏହି ସଫଳତା ପାଇଛି। ଗିରଫ ହୋଇଥିବା ବ୍ୟକ୍ତିମାନେ କୋଟ୍ ଚାରୱାଲ ଅଞ୍ଚଳର ମହମ୍ମଦ ଆଜାମ୍, ଜାକିର ହୁସେନ୍ ଏବଂ ମହମ୍ମଦ ମୁସ୍ତାକ ବୋଲି ଚିହ୍ନଟ ହୋଇଛନ୍ତି।

## ଉତ୍ତରାଖଣ୍ଡରେ ତରଳୁଛି ୨୩ ପ୍ରମୁଖ ହିମବାହ

ନୂଆଦିଲ୍ଲୀ,୧୯।୯: ଉତ୍ତରାଖଣ୍ଡର ଗ୍ଲେସିୟର ଦ୍ରୁତ ଗତିରେ ତରଳିବାରେ ଲାଗିଛି । ଫଳରେ ସମଗ୍ର ହିମାଳୟ ଅଞ୍ଚଳ ପାଇଁ ବଡ଼ ବିପଦ ସୃଷ୍ଟି ହୋଇଛି । ନିକଟରେ ନେପାଳରେ ଗ୍ଲେସିୟର ତରଳିବା କାରଣରୁ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ୧,୪୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହେବାର ମାତ୍ର କିଛି ଦିନ ପରେ ଏହି ଚିନ୍ତାଜନକ ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି । 'ୱାଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ହିମାଳୟାନ୍ ଜିଓଲୋଜି'ର ବୈଜ୍ଞାନିକ ଜ୍ୟୋତି କୁମାରୀ, ଗିରୀଶ ଚନ୍ଦ୍ର କୋଠିଆରୀ, ଅତୁଲ କୁମାର ପଟେଲ ଏବଂ ମନୀଷ ମେହେଟ୍ଟାଙ୍କ ଦ୍ୱାରା ଲିଖିତ ଏହି ଗବେଷଣା ପତ୍ରଟି 'Discover Geoscienc‌ରେ' ପତ୍ରିକାରେ ପ୍ରକାଶିତ ହୋଇଛି, ଯେଉଁଥିରେ ଉତ୍ତରାଖଣ୍ଡର ୨୩ଟି ପ୍ରମୁଖ ଗ୍ଲେସିୟରର ତଥ୍ୟ ଅନୁଧ୍ୟାନ କରାଯାଇଛି। ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ, ଟିହରୀର ଖାତଲିଙ୍ଗ ହିମବାହ ବାର୍ଷିକ ସର୍ବାଧିକ ୮୮ ମିଟର, ପିଣ୍ଡାରୀ ଗ୍ଲେସିୟର ବାର୍ଷିକ ୪୫.୮୫ ମିଟର, ମିଲାମ୍ ଗ୍ଲେସିୟର ୩୨ରୁ ୩୭.୮ ମିଟର, ଚାମୋଲିର ସତୋପନ୍ଥ ୨୬.୪୫ ମିଟର ଏବଂ ଗଙ୍ଗୋତ୍ରୀ ଗ୍ଲେସିୟର ବାର୍ଷିକ ପ୍ରାୟ ୨୧ରୁ ୨୨ ମିଟର ହାରରେ ତରଳୁଛି । ବୈଜ୍ଞାନିକମାନଙ୍କ ଅନୁସାରେ ବୈଶ୍ୱିକ ତାପମାତ୍ରା ଏବଂ ଜଳବାୟୁ ପରିବର୍ତ୍ତନ ଏହାର ମୁଖ୍ୟ କାରଣ ହୋଇଥିବା ବେଳେ ଗ୍ଲେସିୟରଗୁଡ଼ିକର ଭୌଗୋଳିକ ଆକାର ଏବଂ ସେଗୁଡ଼ିକ ଉପରେ ଥିବା ଆବର୍ଜନାର ସ୍ତର ମଧ୍ୟ ଏହି ପ୍ରକ୍ରିୟାକୁ ପ୍ରଭାବିତ କରୁଛି। ୪,୦୦୦ ମିଟର ଉଚ୍ଚତାରେ ପୂର୍ବରୁ ବରଫପାତ ହେଉଥିବା ସ୍ଥାନଗୁଡ଼ିକରେ ଏବେ ବର୍ଷା ହେବା, ଗ୍ରୀଷ୍ମଋତୁର ଅବଧି ବୃଦ୍ଧି ପାଇବା ଏବଂ ଶୀତଦିନେ କମ୍ ବରଫପାତ ହେବା ଯୋଗୁଁ ନୂତନ ବରଫ ଜମାଟ ବାନ୍ଧିବାକୁ ଯଥେଷ୍ଟ ସମୟ ମିଳୁନାହିଁ । ଗଙ୍ଗା, ଯମୁନା, ଭାଗୀରଥୀ, ଅଳକାନନ୍ଦା, ସୁତଲେଜ୍, ସିନ୍ଧୁ ଏବଂ ବ୍ରହ୍ମପୁତ୍ର ଭଳି ପ୍ରମୁଖ ନଦୀଗୁଡ଼ିକ ହିମାଳୟରୁ ସୃଷ୍ଟି ହୋଇଥିବାରୁ ଏହି ଗ୍ଲେସିୟରଗୁଡ଼ିକ ତରଳିବା ଦ୍ୱାରା ନଦୀ ଅଞ୍ଚଳରେ 'ଗ୍ଲାସିଆଲ୍ ଲେକ୍ ଆଉଟବର୍ଷ୍ଟ ଫ୍ଲଡ୍' , ପାହାଡ଼ ଧସିବା, ବରଫ ସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧି ପାଇବ। ଏହାସହିତ ଆଗାମୀ ଦିନରେ ନଦୀଗୁଡ଼ିକ ଶୁଖିଯାଇ ଭାରତ ଓ ପଡ଼ୋଶୀ ଦେଶଗୁଡ଼ିକରେ ପାନୀୟ ଜଳ, କୃଷି ଏବଂ ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ଗମ୍ଭୀର ଜଳସଙ୍କଟ ସୃଷ୍ଟି ହେବାର ଆଶଙ୍କା ରହିଛି।

### 'ମ୍ୟୁଲ୍' ବ୍ୟାଙ୍କ ଆକାଉଣ୍ଟ ରାକେଟ୍ ମାମଲା

# ୫ ଅଭିଯୁକ୍ତଙ୍କୁ ୩ ବର୍ଷ କାରାଦଣ୍ଡ

କଟକ(ନିପ୍ର): ଗଞ୍ଜାମ ଜିଲ୍ଲାରେ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଅର୍ଥ କାରବାର ଓ ଠକେଇ ମାମଲାରେ ଖଲ୍ଲିକୋଟ ଜେଏମ୍ଏଫସି ଅଦାଲତ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରି ୫ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିମାନେ ହେଉଛନ୍ତି -ସୁଶାନ୍ତ ସାହୁ, ସୁଦାମ ପାତ୍ର, ପବିତ୍ର ସାହୁ, ବିମଳ କୁମାର ସାହୁ ଓ ପ୍ରଦୀପ ଦାସ। ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ଧାରା ୩୧୮(୨)/ ୩(୫) ଅନୁଯାୟୀ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ସୂଚନା ଅନୁଯାୟୀ, ବେଗୁନିଆପଡ଼ା ଥାନାରେ ମ୍ୟୁଲ ଆକାଉଣ୍ଟ ମାଧ୍ୟମରେ ଠକେଇ ଘଟଣା ସମ୍ପର୍କରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତମାନେ ଯୁବକମାନଙ୍କୁ ମାଗଣା ଭ୍ରମଣ ସୁଯୋଗ ଓ ଆର୍ଥିକ ଲାଭର ପ୍ରଲୋଭନ ଦେଖାଇ ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ ପ୍ରବର୍ତ୍ତାଉଥିଲେ। ପରେ ସେମାନଙ୍କଠାରୁ ଏଟିଏମ୍ କାର୍ଡ, ପାସବୁକ୍ ଓ ଅନ୍ୟାନ୍ୟ ବ୍ୟକ୍ତିଗତ କାଗଜପତ୍ର ନେଇ ସେହି ଆକାଉଣ୍ଟଗୁଡ଼ିକୁ ମ୍ୟୁଲ୍ ଆକାଉଣ୍ଟ ଭାବେ ବ୍ୟବହାର କରି ଟଙ୍କା କାରବାର ପାଇଁ ବ୍ୟବହାର କରୁଥିଲେ। ପୁରୁଷୋତ୍ତମପୁର ଏସଡିପିଓ ଏସ୍.କେ. ନାୟକଙ୍କ ତତ୍ତ୍ୱାବଧାନରେ ବେଗୁନିଆପଡ଼ା ପୋଲିସ ଏହି ମାମଲାର ତଦନ୍ତ କରିଥିଲା। ତଦନ୍ତ ସମୟରେ ବିଭିନ୍ନ ବ୍ୟାଙ୍କରୁ ଆକାଉଣ୍ଟ ଓ ଟଙ୍କା କାରବାର ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯାଇଥିଲା। ଏହାସହ ମୋବାଇଲ୍ ଫୋନ୍, ଲାପଟପ୍, ଏଟିଏମ୍ କାର୍ଡ, ଆଧାର କାର୍ଡ, ପାନ୍ କାର୍ଡ, ଚେକ୍‌ବୁକ୍ ଓ ହୋଟେଲ୍ ବିଲ୍ ଆଦି ଜବତ କରାଯାଇଥିଲା। ଏହି ମାମଲାରେ ଅଦାଲତ ୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଭାରତୀୟ ନ୍ୟାୟ ସଂହିତା, ୨୦୨୩ର ଧାରା ୩୧୮(୨)/୩(୫) ଅନୁଯାୟୀ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ବ୍ୟାଙ୍କ ଆକାଉଣ୍ଟର ଦୁରୁପଯୋଗ, ମ୍ୟୁଲ୍ ଆକାଉଣ୍ଟ ମାଧ୍ୟମରେ ଅର୍ଥ କାରବାର ଓ ଆର୍ଥିକ ଠକେଇ ବିରୋଧରେ ଓଡ଼ିଶା ପୋଲିସର ଆଇନଗତ କାର୍ଯ୍ୟାନୁଷ୍ଠାନ ଅବ୍ୟାହତ ରହିଛି। ଏପରି ଅପରାଧରେ ଜଡ଼ିତ ବ୍ୟକ୍ତି ଓ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ପରିଚାଳନା କରୁଥିବା ନେଟୱର୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ ପଦକ୍ଷେପ ଜାରି ରହିବ।

## ପଳାଶୁଣୀ ଛକରେ ଜଳିଗଲା କାର, ଅଳ୍ପକେ ବର୍ତ୍ତିଗଲେ ୩ ଯାତ୍ରୀ



ଭୁବନେଶ୍ୱର,(ନିପ୍ର): ଆଜି ସନ୍ଧ୍ୟାରେ ରାଜଧାନୀର ପଳାଶୁଣୀ ଛକରେ ଏକ କାର ଜଳି ଯାଇଛି। ସୌଭାଗ୍ୟବସତଃ ସେଥିରେ ଥିବା ୩ଜଣ ଯାତ୍ରୀ ବର୍ତ୍ତି ଯାଇଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ, ଶନିବାର ସନ୍ଧ୍ୟା ପ୍ରାୟ ୮ଟା ବେଳେ ଏକ କାର ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିଲା। ପଳାଶୁଣୀ ଓଭରବ୍ରିଜ ନିକଟରେ ହଠାତ କାରରୁ ଧୂଆଁ ବାହାରିଥିଲା। ଏହାଦେଖି ଚାଳକ ଗାଡି ରଖି ବାହାରକୁ ଚାଲି ଆସିଥିଲେ। କାରରେ ନିଆଁ ଲାଗିଥିବା ଦେଖିବା ପରେ ତୁରନ୍ତ ସେଥିରେ ବସିଥିବା ଦୁଇ ଯାତ୍ରୀଙ୍କୁ ଓହ୍ଲାଇ ଯିବାକୁ କହିଥିଲେ। ଯାତ୍ରା ଓହ୍ଲାଇବାର ମାତ୍ର କେଇ ମିନିଟ ପରେ କାରଟି ରାସ୍ତା ଉପରେ ହୁତୁ ହୁତୁ ହୋଇ ଜଳିଉଠିଥିଲା। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ହେଲେ ସେତେବେଳକୁ ଗାଡିଟି ସମ୍ପୂର୍ଣ୍ଣ ପୋଡିଯାଇଥିଲା। କାରରେ ନିଆଁ କିପରି ଲାଗିଲା ତାହା ସ୍ପଷ୍ଟ ହୋଇନଥିବା ବେଳେ ସର୍ଟସର୍କିଟ ଯୋଗୁଁ ଏଭଳି ଘଟିଥିବା ସନ୍ଦେହ କରାଯାଉଛି। ନିଆଁ ଲାଗିବା ପରେ ବିସ୍ଫୋରଣ ଭୟରେ ଉକ୍ତ ରାସ୍ତାରେ ଗାଡି ଚଳଚଳ ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ଫଳରେ ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ପ୍ରାୟ ଦୁଇଘଂଟା ପରେ ରାସ୍ତାରେ ଗାଡି ମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷରେ ଅଗ୍ନିକାଣ୍ଡ ନେଇ ପୁଲିସ ଛାନଭିନ ଆରମ୍ଭ କରିଛି। ଗାଡିର ଫିଟନେସ ଅଛି କି ନାହିଁ ତାହାର ମଧ୍ୟ ଯାଂଚ ଆରମ୍ଭ ହୋଇଛି।

## ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପାଣିରେ ବୁଡି ଯୁବକଙ୍କ ମୃତ୍ୟୁ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଗୋଛରା ଗ୍ରାମରେ ଗଣେଶ ମୂର୍ତ୍ତି ଭସାଣୀ ସମୟରେ ଜଣେ ଯୁବକଙ୍କ ପାଣିରେ ବୁଡି ମୃତ୍ୟୁ ହୋଇଛି। ସେ ହେଲେ ଗୋଛରା ଗ୍ରାମର ଅଜିତ ଖଡିଆ(୩୬)। ଶୁକ୍ରବାର ଅପରାହ୍ନରେ ଗ୍ରାମର ଯୁବକମାନେ ଗଣେଶ ପୂଜା ମୂର୍ତ୍ତି ବିସର୍ଜନ ପାଇଁ ନିକଟସ୍ଥ ପୋଖରୀକୁ ନେଇଥିଲେ। ମୃତ ଅଜିତଙ୍କ ସହ ଅନ୍ୟଜଣେ ଯୁବକ ମୂର୍ତ୍ତି ଧରି ପୋଖରୀ ଭିତରକୁ ବିସର୍ଜନ ପାଇଁ ପଶିଥିଲେ। ହେଲେ ଅଜିତ କୌଣସି କାରଣରୁ ଆଉ ପାଣି ଭିତରୁ ବାହାରି ନପାରି ନିଖୋଜ ହୋଇଯାଇଥିଲେ। ଘଟଣା ଅପରାହ୍ନ ପ୍ରାୟ ୪ଟା ୩୦ରେ ଘଟିଥିଲେ ବି ସନ୍ଧ୍ୟା ପର୍ଯ୍ୟନ୍ତ ନିଖୋଜ ଅଜିତିଙ୍କ ଖୋଜ ଖବର ନମିଳିବାରୁ କୁଚିଣ୍ଡା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀ ବହୁ ଖୋଜାଖୋଜି ପରେ ବି ନିଖୋଜ ଯୁବକଙ୍କୁ ପାଇ ପାରିନଥିଲେ। ପୁଣି ଶନିବାର ସକାଳୁ ଦୀର୍ଘ ସମୟ ଧରି ଖୋଜାଖୋଜି କରିବାରେ ସକାଳ ପ୍ରାୟ ସାଢ଼େ ୧୦ଟା ସମୟରେ ଅଗ୍ନିଶମ ବାହିନୀ ପୋଖରୀ ଭିତରୁ ଅଜିତିଙ୍କ ମୃତ ଦେହ ଉଦ୍ଧାର କରିଥିଲେ। ମହୁଲପାଲି ପୋଲିସ ପହଞ୍ଚି ମୃତଦେହ ଜବତ କରି କୁଚିଣ୍ଡା ଉପଖଣ୍ଡ ଡ଼ାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ପୋଲିସ ମହୁଲପାଲି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୦/୨୬) ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରକାଶ ଥାଉକି,ମୃତ ଅଜିତଙ୍କ ଦୁଇଟି ସନ୍ତାନ ଓ ବିଧବା ସ୍ତ୍ରୀ ଅଛନ୍ତି।ଏହି ଘଟଣା ପରେ ଗୋଛରା ଗ୍ରାମରେ ଶୋକର ଲହରୀ ଖେଳିଯାଇଛି।

## ମୋବାଇଲ ଲୁଟେରା ଗିରଫ : ଚୋରି ମୋବାଇଲ ଓ ହୁଣ୍ଡା ଆକ୍ଟିଭା ଜବତ

କଟକ(ନିପ୍ର) : ଜଗତପୁର ଥାନା ପୋଲିସ ଜଣେ ମୋବାଇଲ ଲୁଟେରାକୁ ଗିରଫ କରିବା ସହ ତା' ନିକଟରୁ ଚୋରି ଅପୋ ମୋବାଇଲ ଫୋନ ଏବଂ ହୁଣ୍ଡା ଆକ୍ଟିଭା (ଓଡି ୦୫ଜି ୯୨୧୯) ଜବତ କରିଛି । ଗିରଫ ଅଭିଯୁକ୍ତ ଜଗତପୁର ଥାନା ଅନ୍ତର୍ଗତ ପୀରବଜାର ଗୋପୀନାଥପୁରର ହେମନ୍ତ ପରିଡା ଓରଫ ପିଣ୍ଟୁ (୨୮) । ମିଳିଥିବା ସୂଚନା ଅନୁଯାୟୀ ଚୌଦ୍ୱାର ଥାନା ଅନ୍ତର୍ଗତ ବଡ ଚାଁଚୋର ରଞ୍ଜନ କୁମାର ସାମଲ ତାଙ୍କ ପିତାଙ୍କୁ ଚିକିତ୍ସା ପାଇଁ ଗତ ଜାନୁଆରୀ ୨୦ରେ ଜଗତପୁର ସଦଗୁରୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେ ପ୍ରତ୍ୟେକ ଦିନ ତାଙ୍କୁ ଦେଖା କରି ସାଇକେଲରେ ଘରକୁ ଫେରନ୍ତି । ଜାନୁଆରୀ ୨୬ ତାରିଖ ସନ୍ଧ୍ୟାରେ ସେ ଘରକୁ ଫେରୁଥିବା ବେଳେ ଅନ୍ଧାରୀ ଗଡ଼ା ନିକଟରେ ଜଣେ ବ୍ୟକ୍ତି ଏକ ହୁଣ୍ଡା ଆକ୍ଟିଭାରେ ଆସି ତାଙ୍କୁ ଅଟକାଇ ଅସଭ୍ୟ ଭାଷାରେ ଗାଳି କରି ମାଡ଼ ମାରି ତାଙ୍କ ଅପୋ ଏ୩ଏକ୍ସ୫ ମୋବାଇଲ ଫୋନ ଛଡାଇ ନେଇ ପଳାଇଥିଲେ। ଶ୍ରୀ ସାମଲ ଏନେଇ ଥାନାରେ ଅଭିଯୋଗ କରିଥିଲେ ଓ ତଦନୁଯାୟୀ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା । ପିଣ୍ଟୁ ଏହି ମୋବାଇଲ ବିକ୍ରି କରିବାକୁ ଗ୍ରାହକ ଯୋଗାଡ଼ କରୁଥିବା ନେଇ ଗୁପ୍ତ ସୂଚନା ପାଇବା ପରେ ପୋଲିସ ଚଢ଼ାଉ କରି ମୋବାଇଲ ଫୋନ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ବିରୋଧରେ ବାରଙ୍ଗ, ଲାଲବାଗ, ପୁରୀ ଟାଉନ ଥାନା, ସିଡିଚ ଥାନା, ସିଂଘଦ୍ୱାର ଥାନା ଆଦିରେ ୬ଟି ମାମଲା ରହିଥିବା ଜଣାପଡିଛି। ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି

## ଗଣେଶ ଭସାଣି ବେଳେ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,(ନିପ୍ର): ଗଣେଷ ଭଷାଣୀ ବେଳେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଶ୍ରୀଲିଙ୍ଗରାଜ ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଟୁଲୁ ବେହେରା ଓ ରତିକାନ୍ତ ବେହେରା। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୧୮.୦୯.୨୦୨୬ ସନ୍ଧ୍ୟା ପ୍ରାୟ ୭ଟା ସମୟରେ, ଅଭିଯୋଗକାରୀ ପ୍ରେମ କୁମାର ବେହେରା ତାଙ୍କ ସାଙ୍ଗ ଶୁଭଜିତଙ୍କ ସହ ମିଶି ଗଣେଶ ପୂଜା ଭସାଣି ଶୋଭାଯାତ୍ରା ଦେଖିବା ପାଇଁ ତିନିମୁଣ୍ଡିଆ ଛକକୁ ଯାଇଥିଲେ। ସେଠାରେ ଅଧିକ ଭିଡ଼ ଥିବାରୁ ତାଙ୍କ ସାଙ୍ଗ ଶୁଭଜିତ୍ ଭିଡ଼ ଭିତରକୁ ଯିବାକୁ ଚେଷ୍ଟା କରିଥିଲେ। ସେଠାରେ ଥିବା କିଛି ଯୁବକ ହଠାତ୍ ତାଙ୍କୁ ଠେଲିବା ସହ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ। ଏହା ଦେଖି ଅଭିଯୋଗକାରୀ ସେଠାକୁ ଯାଇ ସେମାନଙ୍କୁ ଏପରି କରିବାକୁ ବିରୋଧ କରିଥିଲେ। ଏଥିରେ ଅଭିଯୁକ୍ତମାନେ ରାଗିଯାଇ ତାଙ୍କ ସହ ଝଗଡ଼ା କରିଥିଲେ। ଝଗଡ଼ା ସମୟରେ ଅଭିଯୁକ୍ତ ଟୁଲୁ ବେହେରା ଓରଫ ସାନିଆ ଏବଂ ରତିକାନ୍ତ ବେହେରା ଓରଫ ଗୁଡୁ ନିଜ ପାଖରେ ରଖିଥିବା ନକଲ୍ (ଏକ ଅସ୍ତ୍ର) ଦ୍ୱାରା ହଠାତ୍ ଆକ୍ରମଣ କରିଥିଲେ। ଆକ୍ରମଣରେ ଅଭିଯୋଗକରି ତଳେ ପଡ଼ିଯିବା ପରେ ଅଭିଯୁକ୍ତମାନେ ତାଙ୍କୁ ଗୋଇଠା ଓ ମୁଥ ମାରିଥିଲେ। ଏହାସହ ହାତରେ ଧରିଥିବା ଏକ ଧାରୁଆ ତୀକ୍ଷ୍ଣ ଜିନିଷ ଦ୍ୱାରା ତାଙ୍କ ମୁଣ୍ଡ, ନାକ ଓ ପାଟିକୁ ଲକ୍ଷକରି ଆକ୍ରମଣ କରିଥିଲେ। ଫଳରେ ତାଙ୍କ ଶରୀରରେ ରକ୍ତାକ୍ତ ଆଘାତ ହୋଇଥିଲା । ସେମାନେ ଅଭିଯୋଗକାରୀଙ୍କ ସାଙ୍ଗ ଶୁଭଜିତଙ୍କୁ ମଧ୍ୟ ଠେଲାପେଲା କରି ମାଡ଼ ମାରିଥିଲେ। ଅଭିଯୋଗକାରୀ ସାହାଯ୍ୟ ପାଇଁ ଚିତ୍କାର କରିବାରୁ ଭସାଣି ସମୟରେ ସେଠାରେ ଥିବା ସ୍ଥାନୀୟ ଲୋକ ସେଠାକୁ ଆସି ଘଟଣାରେ ହସ୍ତକ୍ଷେପ କରିଥିଲେ । ଫଳରେ ଅଭିଯୋଗକାରୀ ନିଜକୁ ରକ୍ଷା କରିପାରିଥିଲେ। ଘଟଣାସ୍ଥଳରୁ ଯିବା ସମୟରେ ଅଭିଯୁକ୍ତମାନେ ତାଙ୍କ ସାଙ୍ଗ ଦୀପକ ବେହେରା ଓ ସୂର୍ଯ୍ୟକାନ୍ତ ବେହେରାଙ୍କ ସହ ମିଶି ଅଭିଯୋଗକାରୀ ଓ ତାଙ୍କ ସାଙ୍ଗଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେବା ସହ ଭୟଙ୍କର ପରିଣାମ ଭୋଗିବାକୁ ଧମକ ଦେଇଥିଲେ । ଶ୍ରୀ ଲିଙ୍ଗରାଜ ପୋଲିସ ଏହି ଘଟଣାର ତଦନ୍ତ ଜାରି ରଖି ଦୁଇ ଅଭିଯୁକ୍ତ ଟୁଲୁ ବେହେରା ଓରଫ ସନିଆ ଓ ରତିକାନ୍ତ ବେହେରା ଓରଫ ଗୁଡୁଙ୍କୁ ଆଜି କାବୁ କରିବାରେ ସକ୍ଷମ ହୋଇଥିବା ବେଳେ, ଘଟଣାରେ ବ୍ୟବହୃତ ମାରଣାସ୍ତ୍ରକୁ ମଧ୍ୟ ଜବତ କରିଥିଲେ ।

## ବିପୁଳ ପରିମାଣର ଦେଶୀ ମଦ ଜବତ, ଅଭିଯୁକ୍ତ ଗିରଫ

ପିପିଲି(ନିପ୍ର): ପିପିଲି ଏସ୍‌ଡ଼ିପିଓଙ୍କ କାର୍ଯ୍ୟାଳୟ ଅଧିନ ବଳଙ୍ଗା ଥାନା ପୋଲିସ ପକ୍ଷରୁ ରେଶିଙ୍ଗା ଛକରେ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ ଜବତ କରାଯିବା ସହ ଅଭିଯୁକ୍ତକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ରେଶୀଙ୍ଗା ଗ୍ରାମର ପ୍ରଫୁଲ୍ଲ କୁମାର ସାହୁ ବୋଲି ପୋଲିସ ସୂଚନା ଦେଇଛି। ଏନେଇ ବଳଙ୍ଗା ଥାନା କେଶ ନଂ ୨୭୮/୨୬ ରେ ମାମଲା ରୁଜୁ କରିଛି।

## ଅପରେସନ୍ ଅନ୍ୱେଷଣରେ ୪ ରାଜ୍ୟରୁ ୬ ଶିଶୁ ଉଦ୍ଧାର

କଟକ(ନିପ୍ର): ଅପରେସନ୍ ଅନ୍ୱେଷଣରେ ବିଭିନ୍ନ ରାଜ୍ୟରୁ ଉଦ୍ଧାର ହୋଇଛନ୍ତି ଯାଜପୁର ଜିଲ୍ଲାର ୬ ଜଣ ଶିଶୁ। ଉଦ୍ଧାର ଶିଶୁଙ୍କ ମଧ୍ୟରେ ୩ ନାବାଳକ ଓ ୩ ନାବାଳିକା ଅଛନ୍ତି। ସେମାନଙ୍କୁ ପଶ୍ଚିମବଙ୍ଗ, ତେଲେଙ୍ଗାନା, ଛତିଶଗଡ଼ ଓ ତାମିଲନାଡୁରୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ଜଣ ଶିଶୁ ଶ୍ରମିକ ଭାବେ କାର୍ଯ୍ୟରତ ଥିଲେ । ଗତ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୮ ମଧ୍ୟରେ ଅନୁଷ୍ଠିତ ଅପରେସନ୍ ଅନ୍ୱେଷଣ ମାଧ୍ୟମରେ ସାରା ରାଜ୍ୟରୁ ୧୦୧ ଜଣ ଶିଶୁ ଉଦ୍ଧାର ହୋଇଥିବା ବେଳେ ଯାଜପୁର ଜିଲ୍ଲାର ୬ ଜଣଙ୍କୁ ଉଦ୍ଧାର କରାଯାଇଛି । ଉଦ୍ଧାର ଶିଶୁମାନଙ୍କୁ ଶିଶୁ ଯତ୍ନ ଗୃହରେ ରଖାଯାଇଛି। ସେମାନଙ୍କର ପ୍ରାଥମିକ ତଦନ୍ତ କରାଯିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ସୂଚନା ଦେଇଛନ୍ତି।

## ସମନ୍ୱିତ କୃଷି ପ୍ରଣାଳୀ ଦକ୍ଷତା ବୃଦ୍ଧି ଓ କୌଶଳ ବିକାଶ ତାଲିମ କର୍ମଶାଳା




ବୋଲଗଡ,(ନିପ୍ର): ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ବୋଲଗଡ଼ କୃଷି ସୂଚନା ଏବଂ ପରାମର୍ଶ କେନ୍ଦ୍ର କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଶନିବାର ଦିନ କୃଷି ବିଭାଗ ସମ୍ମିଳନୀ କକ୍ଷରେ ସମନ୍ୱିତ କୃଷି ପ୍ରଣାଳୀ ଦକ୍ଷତା ବୃଦ୍ଧି ଓ କୌଶଳ ବିକାଶ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୋଲଗଡ଼ କୃଷି ସୂଚନା ଏବଂ ପରାମର୍ଶ କେନ୍ଦ୍ର ଅଧିକାରୀ ସନ୍ତୋଷ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଆତ୍ମା କମିଟିର ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା ଓ ସମ୍ମାନିତ ଅତିଥିଭାବେ ୨୬ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ୨୭ ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ଛୋଟରାୟ, ୨୫ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ସୁନନ୍ଦିତା ସାହୁଙ୍କ ପ୍ରତିନିଧି ଓ ବୋଲଗଡ଼ ପଶୁ ଓ ପ୍ରାଣୀ ବିଭାଗ ଅଧିକାରୀ ଡ଼. ପ୍ରକାଶ ଚନ୍ଦ୍ର ନାୟକ ଓ ସହକାରୀ କୃଷି ଅଧିକାରୀ ତିରୁପତି ସିନିପିନି ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭ ଉଦ୍‌ଘାଟନ କରିଥିଲେ। ଏହି କୌଶଳ ବିକାଶ ତାଲିମ କର୍ମଶାଳାରେ ୪୦ରୁ ଉର୍ଦ୍ଧ ଚାଷୀ ଓ ଆତ୍ମା କମିଟିର ସଦସ୍ୟ ବୀର କିଶୋର ଦାସଙ୍କ ସମେତ ସମସ୍ତ ସଦସ୍ୟମାନେ ଯୋଗଦେଇଥିଲେ। ଚାଷୀମାନଙ୍କର କାମ କରିବାର କ୍ଷମତା, ଜ୍ଞାନ ଓ କୌଶଳକୁ ବଢ଼ାଇବା ପଇଁ ସହକାରୀ କୃଷି ଅଧିକାରୀ ତିରୁପତି ସିନିପିନି ନାୟକ, ପ୍ରାଣୀ ସମ୍ପଦ ଅଧିକାରୀ ଡ଼. ପ୍ରକାଶ ଚନ୍ଦ୍ର ନାୟକ ପ୍ରମୁଖ ବିକାଶ ତାଲିମ ପ୍ରଦାନ କରି କର୍ମଶାଳାରେ ପ୍ରଶିକ୍ଷକ ଭାବେ କାର୍ଯ୍ୟ ପରିଚାଳନା କରିଥିଲେ। ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ମିଳିତ ସହଯୋଗରେ ଏହି ତାଲିମ ଶିବିର ଆୟୋଜନ କରାଯାଇଛି।

## କୁଚିଣ୍ଡା ଥାନାରେ ଦୁଇ ଅପମୃତ୍ୟୁ ମାମଲା

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅଞ୍ଚଳରେ ପୋଲିସ ଶନିବାର ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ଜଣେ କୁଚିଣ୍ଡା ଥାନା ଭୋଇପାଲି ଗ୍ରାମର ଉତ୍ତମ ଧୂରୁଆ(୪୯) ଓ ଅନ୍ୟଜଣେ ସମ୍ବଲପୁର ଜିଲ୍ଲା ଯୁଯୁମୁରା ଥାନା ହାତୀ ଭାରି ଗ୍ରାମର ମିନାକ୍ଷୀ ସାହୁ(୪୨)। ପୋଲିସ ପୃଥକ ପୃଥକ ଭାବେ (ନଂ.୩୦/୨୬) ଏବଂ ( ନଂ.୩୧/୨୬)ରେ ମାମଲା ରୁଜୁ କରି ଶନିବାର କୁଚିଣ୍ଡା ଉପଖଣ୍ଡ ଡ଼ାକ୍ତରଖାନାରେ ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ କରାଇଛି। ପୋଲିସର ସୂଚନା ଅନୁଯାୟୀ,ଭୋଇପାଲି ଗ୍ରାମର ଉତ୍ତମ ଶୁକ୍ରବାର କୌଣସି କାରଣରୁ କୀଟନାଶକ ଖାଇ ଦେଇଥିଲେ। ପରିବାର ଲୋକେ ସନ୍ଧ୍ୟାରେ ଚିକିତ୍ସା ପାଇଁ ତାଙ୍କୁ କୁଚିଣ୍ଡା ଡ଼ାକ୍ତରଖାନାକୁ ଆଣିଥିଲେ। ହେଲେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ମିନାକ୍ଷୀ ସାହୁଙ୍କ ସ୍ୱାମୀ ବନବିଭାଗର ଫରେଷ୍ଟର ଭାବେ ଭୋଜପୁରରେ କାର୍ଯ୍ୟରତ ଥିଲେ। ଶୁକ୍ରବାର ରାତିରେ ମିନାକ୍ଷୀଙ୍କ ହୃଦଘାତ ହୋଇଥିଲା। ତାଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ଉପଖଣ୍ଡ ଡ଼ାକ୍ତରଖାନାକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଅପରାଧୀ ଓ ଅସାମାଜିକଙ୍କ ଉପରେ କଡ଼ା ନଜର ୨୧ରୁ ରାଜ୍ୟବ୍ୟାପୀ 'ଦମନ' ଅଭିଯାନ

କଟକ(ନିପ୍ର) : ଆଗାମୀ ପାର୍ବଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଶାନ୍ତି ଓ ଶୃଙ୍ଖଳା ବଜାୟ ରଖିବା ସହ ଅପରାଧୀ ଓ ଅସାମାଜିକଙ୍କ ଉପରେ କଡ଼ା ପଦକ୍ଷେପ ନେବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଦମନ' ଆରମ୍ଭ କରାଯାଉଛି। ଏହି ଅଭିଯାନ ଆସନ୍ତା ୨୧ରୁ ୩୦ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଚାଲିବ। ଅଭିଯାନ ସମୟରେ ଅପରାଧୀ ଓ ଅସାମାଜିକଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯିବ। ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରିବା ସହ ପ୍ରତିଷେଧମୂଳକ ଆଇନଗତ ପଦକ୍ଷେପ ନିଆଯିବ। ବେଆଇନ କାର୍ଯ୍ୟକଳାପ ବିରୋଧରେ ଚଢ଼ାଉ ଓ ଗିରଫଦାରୀକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ବେଆଇନ ମଦ କାରବାର, ନିଶାଦ୍ରବ୍ୟ ଚାଲାଣ, ବେଆଇନ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ କାରବାର ଉପରେ ସ୍ୱତନ୍ତ୍ର ନଜର ରଖାଯିବ। ବଳପୂର୍ବକ ଚାନ୍ଦା ଆଦାୟ ଏବଂ ସଂଗଠିତ ଅପରାଧ ବିରୋଧରେ ମଧ୍ୟ କଡ଼ା ଆଇନଗତ ପଦକ୍ଷେପ ନିଆଯିବ। ଅପରାଧୀଙ୍କ ଗତିବିଧି ରୋକିବା ପାଇଁ ସୀମାନ୍ତ ଅଞ୍ଚଳରେ ବ୍ଲକିଂ ଓ ବର୍ଡର ସିଲିଂ କରାଯିବ। ଜିଲ୍ଲା ପୋଲିସ, ରେଳବାଇ ପୋଲିସ, କମିଶନରେଟ୍ ପୋଲିସ ଓ ସମ୍ପୃକ୍ତ ପୋଲିସ ୟୁନିଟ୍‌ଗୁଡ଼ିକ ପରସ୍ପର ସମନ୍ୱୟରେ ଏହି ଅଭିଯାନକୁ କାର୍ଯ୍ୟକାରୀ କରିବେ। ପର୍ବପର୍ବାଣୀ ସମୟରେ ରାଜ୍ୟବାସୀଙ୍କ ସୁରକ୍ଷା ଓ ଶାନ୍ତିପୂର୍ଣ୍ଣ ପରିବେଶ ସୁନିଶ୍ଚିତ କରିବା ସହ ଅପରାଧ ନିୟନ୍ତ୍ରଣ ପାଇଁ ଓଡ଼ିଶା ପୋଲିସର ନିରନ୍ତର ପ୍ରୟାସ ଜାରି ରହିବ।

## ଅସଦାଚରଣ ମାମଲାରେ ଅଭିଯୁକ୍ତ ଗିରଫ

ପିପିଲି(ନିପ୍ର): ଗତକାଲି ରାତିରେ ପିପିଲି ବ୍ଲକ ଅଧିନ ସରସ୍ୱତିପୁର ଗ୍ରାମରେ ଜଣେ ଯୁବତୀକୁ ଅସଦାଚରଣ କରାଯାଇଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଥାନାରେ ୨୭୯/୨୬ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରି ଆଜି ନିମାପଡା ଜୁଡ଼ିସିଆଲ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ସରସ୍ୱତୀପୁର ଗ୍ରାମର କାହ୍ନୁ ଚରଣ ନାୟକ ବୋଲି ଜଣାପଡିଛି। ସୂଚନା ମୁତାବକ ଯୁବତୀ ଜଣଙ୍କ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଯୁବତୀ ଜଣଙ୍କ ସାକ୍ଷୀଗୋପାଳ ଠାରେ ଥିବା ଏକ ବେସରକାରୀ ମେଡିକାଲରେ କାମ କରନ୍ତି। ସବୁଦିନ ଭଳି ଯୁବତୀ ଜଣଙ୍କ ଗତକାଲି ରାତି ୯ଟାରେ ଘରକୁ ଫେରୁଥିବା ବେଳେ ସରସ୍ୱତୀପୁର ଛକ ମୁଣ୍ଡରେ ଥିବା ଅଭିଯୁକ୍ତ କାହ୍ନୁ ଯୁବତୀଙ୍କୁ ପିଛା କରି ଆସିବାରୁ ଯୁବତୀ ଜଣଙ୍କ ତାଙ୍କ ଘର ଭିତରକୁ ପଶି ଯାଇଥିଲେ। କାହ୍ନୁ ଯୁବତୀଙ୍କ ଘର ଭିତରେ ପଶି ଜୋର ଜବରଦସ୍ତି ପଛପଟୁ ଧରି ଅସଦାଚରଣ କରିଥିଲା। ପାଟି ଶୁଣି ଘରେ ଥିବା ଯୁବତୀଙ୍କ ସାନ ଭଉଣୀ ଆସି ପ୍ରତିବାଦ କରିବା ସହ ବାପାଙ୍କୁ ଫୋନ ଯୋଗେ ଡକାଇଥିଲେ। ଯୁବତୀଙ୍କ ବାପା ଘରେ ପହଞ୍ଚି ଅଭିଯୁକ୍ତକୁ କାବୁ କରିବା ପାଇଁ ଚେଷ୍ଟା କରିବାରେ ଅଭିଯୁକ୍ତ ହାତରେ ଧରିଥିବା ଏକ ଚାବି ଦ୍ୱାରା ତାଙ୍କ ମୁହଁକୁ ଆକ୍ରମଣ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। କିଛି ସମୟ ପରେ ଅଭିଯୁକ୍ତ ତାର ସାନ ଭାଇ ଓ ପୁଅଙ୍କ ସହ ଆସି ଯୁବତୀଙ୍କ ଘର ଆଗରେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ଧମକ ଦେଇ ଚାଲି ଯାଇଥିଲା ବୋଲି ଯୁବତୀ ଜଣକ ଆଜି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବଳଙ୍ଗା ଥାନା ପୋଲିସ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗିରଫ କରାଯାଇଛି।


## ବାରିପଦା ନେବାକୁ ଡାକି ଲୁଟ୍, ଅଭିଯୁକ୍ତ ଧରାପଡିଲା

ଭୁବନେଶ୍ୱର,(ନିପ୍ର): ନିଜକୁ ବିଧାୟକଙ୍କ ସମ୍ପର୍କୀୟ ବୋଲି ପରିଚୟ ଦେଇ ଜଣେ ଯାତ୍ରୀଙ୍କୁ ବାରିପଦା ଛାଡିଦେବାକୁ କହି ଲୁଟପାଟ କରିବା ଅଭିଯୋଗରେ ଶହୀଦନଗର ଥାନା ପୁଲିସ ୩ ଜଣକୁ ଗିରଫ କରିଛି। ଗିରଫ ତିନିଜଣ ଅଭିଯୁକ୍ତ ହେଲେ ପୁରୁଷୋତ୍ତମ ଖିଲାର ଓରଫ ବାପୁ, କାଳିଆ ବେହେରା ଓ ଆକାଶ ସେଠୀ। ଏମାନଙ୍କ ବିରୋଧରେ ପୁଲିସ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗତକାଲି ଅଭିଯୋଗକାରୀ ବାରିପଦା ଯିବା ପାଇଁ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ବସକୁ ଅପେକ୍ଷା କରିଥିବା ବେଳେ, ଜଣେ ଅଜଣା ବ୍ୟକ୍ତି ତାଙ୍କ ପାଖକୁ ଆସି ନିଜକୁ ଜଣେ ବିଧାୟକଙ୍କ ସଂପର୍କୀୟ ବୋଲି ପରିଚୟ ଦେଇଥିଲା ଏବଂ ବାଣୀବିହାର ଛକରୁ କାରରେ ମାଗଣାରେ ବାରିପଦା ନେଇଯିବ ବୋଲି କହିଥିଲା। ତାଙ୍କ କଥାକୁ ବିଶ୍ୱାସ କରି ଅଭିଯୋଗକାରୀ ତାଙ୍କ ସହ ଅଟୋରେ ବାଣୀବିହାର ପର୍ଯ୍ୟନ୍ତ ଯାଇଥିଲେ। ବାଟରେ ସେହି ବ୍ୟକ୍ତି ଫୋନ୍ କରି ତା'ର ଅନ୍ୟ ଜଣେ ସାଥୀକୁ ବାଣୀବିହାରକୁ ଡାକିଥିଲା । ସକାଳ ପ୍ରାୟ ୧୦.୩୦ ସମୟରେ ବାଣୀବିହାର ଛକରେ ପହଞ୍ଚିବା ପରେ ଦୁଇଜଣ ମିଶି ଅଭିଯୋଗକାରୀଙ୍କ ମୋବାଇଲ ଫୋନ୍, ଏଟିଏମ କାର୍ଡ ଏବଂ ୨,୦୦୦ ଟଙ୍କା ଜୋରକରି ଛଡ଼ାଇ ନେଇଥିଲେ। ସେ ପାଟି କଲେ କିମ୍ବା ବିରୋଧ କଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ପରେ ଅଭିଯୋଗକାରୀ ଏନେଇ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ସମୟରେ ପୁଲିସ ତଥ୍ୟ ଆଧାରରେ ଚଢ଼ାଉ କରିଥିଲା। ଏହି ସମୟରେ ପୁରୁଷୋତ୍ତମ ଖିଲାର ଓରଫ ବାପୁକୁ ଧରାଯାଇଥିଲା ।

## ଦାଦାବଟି ମାଗିବା ସହ ଚେନ ଛଡାଇ ଜଣେ ଗିରଫ

ଭୁବନେଶ୍ୱର,(ନିପ୍ର): ଦାଦାବଟି ମାଗିବା ସହ ଜୋରଜବରଦସ୍ତ ଚେନ ଛଡାଇ ନେବା ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଅମିୟ ରଞ୍ଜନ ପରିଜା ଓରଫ ଟିକି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ଅବିନାଶ ରଣା ପରିବାର ସହ ଗଣ୍ଡମୁଣ୍ଡା ସ୍ଥିତ ମା ତାରିଣୀ ବସ୍ତିରେ ରୁହନ୍ତି। ଗତକାଲି ସନ୍ଧ୍ୟା ପ୍ରାୟ ୫.୩୦ ସମୟରେ ଅଭିଯୋଗକାରୀ ତାଙ୍କ ମା' ସତ୍ୟଭାମାଙ୍କ ସହ ଡୁମୁଡୁମା ସ୍ଥିତ ଆଇଆଇଟିଏମ କଲେଜ ପଛପଟେ ଥିବା ତାଙ୍କ ଭାଇଙ୍କ ମୋବାଇଲ ଦୋକାନରେ ବସିଥିଲେ। ସେହି ସମୟରେ ସରକନ୍ତରା ଅଞ୍ଚଳର ଟିକି ନାମକ ଜଣେ ବ୍ୟକ୍ତି ଓ ତା'ର ଅନ୍ୟ ଜଣେ ସାଥୀ ନିଶାସକ୍ତ ଅବସ୍ଥାରେ ତାଙ୍କ ମୋବାଇଲ ଦୋକାନ ପାଖକୁ ଆସିଥିଲେ। ସେମାନେ ପୂଜା ବଜାର ପାଇଁ ଦାଦାବଟି ଭାବେ ୫,୦୦୦ ଟଙ୍କା ଦେବାକୁ ଦାବି କରିଥିଲେ ଏବଂ ଧମକ ମଧ୍ୟ ଦେଇଥିଲେ। ଅଭିଯୋଗକାରୀ ଟଙ୍କା ଦେବାକୁ ଅସମର୍ଥ ବୋଲି କହିବାରୁ ଟିକି ହଠାତ୍ ଏକ ଧାରୁଆ ଛୁରୀରେ ତାଙ୍କୁ ଆକ୍ରମଣ କରିଥିଲା । ଫଳରେ ତାଙ୍କ ବାମ ହାତ, ଡାହାଣ ହାତ, ମୁହଁ ଓ ପିଠିରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ତାଙ୍କ ମା'ସତ୍ୟଭାମା ଘଟଣାରେ ହସ୍ତକ୍ଷେପ କରିବାକୁ ଆସିବାରୁ ଅଭିଯୁକ୍ତମାନେ ତାଙ୍କୁ ଠେଲାପେଲା କରିବା ସହ ତାଙ୍କ ବେକରୁ ସୁନା ଚେନ୍ ଛଡ଼ାଇ ନେଇଥିଲେ।

## ଡିଲରଙ୍କ ରାସନ୍ ଦୁର୍ନୀତି ଅଭିଯୋଗ



ଆଠଗଡ଼,(ନିପ୍ର) : ଆଠଗଡ ବ୍ଲକ କୁମାରପୁର ପଞ୍ଚାୟତରେ କିଛି ଦିନ ପୂର୍ବରୁ ରାସନ ଦୁର୍ନୀତି ଖବର କାଗଜ ପୃଷ୍ଠା ମଣ୍ଡନ କରିଥିଲା। କୁମାରପୁର ପଞ୍ଚାୟତର ଗରୀବ ଆଦିବାସୀ ସବୁବେଳେ ସବୁ ସମୟରେ ଶୋଷଣର ଶିକାର ହୋଇଆସୁଛନ୍ତି। କୁମାରପୁର ପଞ୍ଚାୟତରେ ସରକାରଙ୍କ ତତ୍ତ୍ୱାବଧାରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଡିଲର୍ ଭାବରେ ଦାୟିତ୍ୱ ନେଇଥିବା ଜନୈକ ବ୍ୟକ୍ତି ଗରୀବ ଆଦିବାସୀଙ୍କ ରାସନ୍ କାର୍ଡ ଯାହା କି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ଅଧୀନରେ ଉପଲବ୍ଧ, ସେହି କାର୍ଡ ଗୁଡିକୁ ଡିଲର୍ ନିଜ ପାଖରେ ରଖିବା ସହିତ ମାସ ମାସର ରାସନ୍ ହିତାଧିକାରୀଙ୍କୁ ନଦେଇ ନାଲିଆଖି ଦେଖାଉଥିବା ଅଭିଯୋଗ ହୋଇଥିଲା।ଉକ୍ତ ଘଟଣା ସଂପର୍କରେ ଆଠଗଡ ତିଗିରିଆ ନିର୍ବାଚନ ମଣ୍ଡଳୀର ବିଜେପି ନେତା ଅଭୟ ବାରିକ୍ ଜାଣିବା ପରେ ସାଙ୍ଗରେ କୁମାରପୁର ଗରିବ ଆଦିବାସୀ ହିତାଧିକରୀମାନଙ୍କୁ ନେଇ ଆଠଗଡ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭୟ ବାରିକ୍ ଙ୍କ ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ ଟିମ୍ କୁମାରପୁର ଅଞ୍ଚଳରେ ଘରକୁ ଘର ବୁଲି ହିତାଧିକାରୀଙ୍କ ବୟାନ ରେକର୍ଡ କରିବା ସହିତ ଚାଉଳର ଷ୍ଟକ୍ ଚେକ୍ କରିଥିଲେ। ଯେଉଁଥିରେ ଗରିବଙ୍କ ପାଇଁ ଆସିଥିବା ରାସନ ଚାଉଳର ସଂପୃକ୍ତ ଡିଲର୍‌ଙ୍କ ବିରୋଧରେ ଥିବା ଅଭିଯୋଗର ସତ୍ୟତା ରହିଥିବା ଜଣାପଡ଼ିଥିଲା। ପରେ ଆଠଗଡ ଉପଜିଲ୍ଲାପାଳଙ୍କ ପକ୍ଷରୁ ତ୍ୱରିତ ପଦକ୍ଷେପ ନେଇ ଡିଲର୍ ପଏଣ୍ଟ ସିଜ୍ କରିବା ସହିତ ଡିଲର୍ ଲାଇସେନ୍ସ ରଦ୍ଦ କରାଯାଇଥିଲା। କୁମାରପୁର ଗରିବ ଆଦିବାସୀ ଙ୍କୁ ରାସନ ଚାଉଳ ପ୍ରଦାନ ପାଇଁ ଆଠଗଡ ଉପଜିଲ୍ଲାପାଳଙ୍କ ପକ୍ଷରୁ ଛଅ ଗାଁ ଡିଲର୍ ଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ପୁଣି ୨ ମାସର, ଜୁଲାଇ ଓ ଅଗଷ୍ଟ ମାସର ରାସନ୍ ଚାଉଳ ହିତାଧିକାରୀ ପାଇନଥିବା ଜଣାପଡ଼ିଥିଲା।

## ବଡ ଭାଇକୁ ମରଣାନ୍ତକ ଆକ୍ରମଣ, ସାନଭାଇ ଗିରଫ

ଭୁବନେଶ୍ୱର, (ନିପ୍ର): କୌଣସି କଥାକୁ ନେଇ ବଡ ଭାଇକୁ ମରଣାନ୍ତକ ଆକ୍ରମଣ କରିବା ଅଭିଯାଗରେ ଭରତପୁର ଥାନା ପୁଲିସ ସାନଭାଇକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ରବୀନ୍ଦ୍ର ନାୟକ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ବିରୁପାକ୍ଷ ନାୟକ ବରମୁଣ୍ଡା ଅନ୍ତର୍ଗତ ଷଣ୍ଢସାହି, ଜଗନ୍ନାଥ ବିହାରରେ ରୁହନ୍ତି। ଗତକାଲି ରାତି ପ୍ରାୟ ୧୧ଟା ସମୟରେ ଅଭିଯୋଗକାରୀ ତାଙ୍କ ମାଙ୍କ ସହ କୌଣସି ବିଷୟକୁ ନେଇ ଆଲୋଚନା କରୁଥିବା ବେଳେ, ସାନ ଭାଇ ତଥା ଅଭିଯୁକ୍ତ ରବୀନ୍ଦ୍ର ପଛପାଖରୁ ଆସି ଏକ ଲୁହା ଛଡ ସାହାଯ୍ୟରେ ତାଙ୍କ ମୁଣ୍ଡକୁ ଲକ୍ଷକରି ଆକ୍ରମଣ କରିଥିଲେ । ଫଳରେ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା। ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ତୁରନ୍ତ ଉଦ୍ଧାର କରାଯାଇ ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରଯାଇଥିଲା । ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ।

**AFFIDAVIT**

By virtue of an affidavit sworn before the Executive Magistrate, Banpur, dated 18/09/2026, I, Ramachandra Mahanty, S/o- Panchanan Mahanty, At-Paladhuapalli, Po- Ayatapur, Ps- Nachuni, Dist- Khordha, Odisha, Pin- 752035, Declare that I have changed my name from Sarat Mahanty to Ramachandra Mahanty. Henceforth I Shall be known as Ramachandra Mahanty for all purposes.

**Sd/-Ramachandra Mahanty**

**AFFIDAVIT**

By virtue of an affidavit sworn before the Executive Magistrate, Banpur, dated 19/09/2026, I, Ashok Kumar Behera, S/o- Kedar Behera, At- Raghunathpur, Po- Kuhudi, Ps-Tangi, Dist- Khordha, Odisha, Pin- 752027, declare that I have changed my name from Pathani Behera to Ashok Kumar Behera. Henceforth I shall be known as Ashok Kumar Behera for all purposes.

**Sd/-Ashok Kumar Behera**

**AFFIDAVIT**

By virtue of an affidavit sworn before the Executive Magistrate, Banpur, on dated 18/09/2026, I, Bhanumati Nayak, W/o- Sukanta Nayak, At-Halanda, Po- Badasireipur, Ps- Banpur, Dist- Khordha, Odisha, pin- 752031, declare that I, have changed the name of my minor daughter from Ichha Naya to Ichha Nayak. Henceforth my daughter' s name shall be known as Ichha Nayak For all purposes.

**Sd/-Bhanumati Nayak**




ଭୁବନେଶ୍ୱର: ଖଣି କମ୍ପାନୀ ସ୍ୱାର୍ଥରେ ରାଷ୍ଟ୍ର ଦମନ ବିରୁଦ୍ଧରେ ଗଣ ପ୍ରତିବାଦ । (ଫଟୋ-ଦିନଲିପି)

### ଡେଭିସ କପ୍‌ରେ ଭାରତକୁ ହରାଇଲା କୋରିଆ

# ଐତିହାସିକ ସୁଯୋଗ ହାତଛଡ଼ା କଲା ଭାରତ

ସିଓଲ, ୧୯।୯: ଏସିଆର ପ୍ରଥମ ଦେଶ ଭାବେ ଡେଭିସ କପ୍ ଫାଇନାଲ-୮ରେ ପ୍ରବେଶ ପାଇଁ ମିଳିଥିବା ଏକ ଐତିହାସିକ ସୁଯୋଗକୁ ହରାଇଛି ଭାରତ । ଅନୁଷ୍ଠିତ କ୍ୱାଲିଫାୟର- ୨ରେ କୋରିଆ ଭାରତକୁ ୩-୧ରେ ହରାଇ ଦେଇଛି । ଦକ୍ଷିଣେଶ୍ୱର ସୁରେଶ ଓ ଏନ୍. ଶ୍ରୀରାମ ବାଲାଜୀ ଡବଲ୍ସରେ ବିଜୟ ହାସଲ କରି ଭାରତ ପାଇଁ ଆଶା ସଞ୍ଚାର କରିଥିଲେ । ମାତ୍ର ରିଜର୍ଭ ସିଙ୍ଗଲ୍ସରେ ସୁମିତ ନାଗାଲ କୋରିଆର ନମ୍ବର- ୧ ଖେଳାଳି ସୁନ୍‌ଓ କୋନ୍‌ଙ୍କଠାରୁ ୧-୬, ୨-୬ରେ ହାରିଯିବାରୁ ଭାରତ ପାଇଁ ରାସ୍ତା ବନ୍ଦ ହୋଇଯାଇଥିଲା । କୋରିଆର ଏହି ବିଜୟ ଦ୍ୱାରା ପ୍ରଥମ ଏସୀୟ ଦେଶ ଭାବେ ଡେଭିସ କପ୍ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । କୋରିଆନ ଟେନିସ ପାଇଁ ଏହାକୁ ଏକ ଐତିହାସିକ ବ୍ରେକ୍ ଥ୍ରୁ ବୋଲି କୁହାଯାଉଛି । ପ୍ରତିଯୋଗିତାରେ ଭାରତର ଅଭିଯାନ ଉତ୍ସାହଜନକ ଥିଲା ।



ଚଳିତବର୍ଷ ପ୍ରାରମ୍ଭରେ ନେଦରଲାଣ୍ଡକୁ ହରାଇ ଦେଇଥିଲା । ସିଓଲରେ ଦଳ ପାଇଁ ଏକ ସୁଯୋଗ ଥିଲା । ମାତ୍ର ଦଳ ଉଭୟ ଓପନିଂ ସିଙ୍ଗଲ୍ସ ହାରିଯାଇଥିଲା । ପରେ ଡବଲ୍ସରେ ବିଜୟ ଲାଭ କରି ପ୍ରତ୍ୟାବର୍ତ୍ତନ କରିଥିଲା । ଭାରତ ବର୍ତ୍ତମାନ ୨୦୨୭ କ୍ୱାଲିଫାୟର ରାଉଣ୍ଡ- ୧କୁ ଫେରିଯାଇଛି ।

## ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ପ୍ରଶ୍ନପତ୍ର ପ୍ରଘଟ !

### ଏଇସି ଇଂରାଜୀ ପରୀକ୍ଷା ସ୍ଥଗିତ

ଜୟପୁର(କୋରାପୁଟ), ୧୯।୯: ଜୟପୁରସ୍ଥିତ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର +୩ ଦ୍ୱିତୀୟ ସେମିଷ୍ଟର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ 'ଆବିଲିଟି ଏନହାନ୍ସମେଣ୍ଟ କୋର୍ସ' (ଏଇସି) ଇଂରାଜୀ ପରୀକ୍ଷାକୁ ଶୁକ୍ରବାର ସ୍ଥଗିତ ରଖାଯାଇଛି । ପରୀକ୍ଷା ଆରମ୍ଭ ହେବାର କିଛି ଘଣ୍ଟା ପୂର୍ବରୁ ହ୍ୱାଟସ୍‌ଆପ୍‌ରେ ଏକ ପ୍ରଶ୍ନପତ୍ର ପ୍ରଚାରିତ ହେବା ନେଇ ଅଭିଯୋଗ ହେବା ପରେ ଏହି ନିଷ୍ପତ୍ତି ନିଆଯାଇଥିଲା । ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ପ୍ରାୟ ୫୬ଟି କେନ୍ଦ୍ରରେ ସ୍ନାତକ ଦ୍ୱିତୀୟ ସେମିଷ୍ଟର ଛାତ୍ରଛାତ୍ରୀଙ୍କ ପାଇଁ ଏହି ବାଧ୍ୟତାମୂଳକ ଇଂରାଜୀ ପରୀକ୍ଷା ଅପରାହ୍ନ ୨ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର ଥିଲା । ଛାତ୍ରଛାତ୍ରୀମାନେ ଦେଖାଇଥିବା ବିଭିନ୍ନ ପ୍ରଶ୍ନପତ୍ର ମଧ୍ୟରୁ ଗୋଟିଏ ପ୍ରଶ୍ନପତ୍ର ପରୀକ୍ଷା ପାଇଁ ପ୍ରସ୍ତୁତ ମୂଳ ପ୍ରଶ୍ନପତ୍ର ସହ ମେଳ ଖାଉଥିବାର ଯାଞ୍ଚ କରାଯାଇଥିଲା ବୋଲି କୁହାଯାଇଛି । କର୍ତ୍ତୃପକ୍ଷ ପରୀକ୍ଷାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲେ । ବିଶ୍ୱବିଦ୍ୟାଳୟ ପକ୍ଷରୁ କୋରାପୁଟ ସାଇବର ଥାନାରେ ଏକ ଅଭିଯୋଗ ଦାଖଲ କରାଯାଇଛି । ପ୍ରଶ୍ନପତ୍ର କିପରି ହ୍ୱାଟସଆପ୍‌ରେ ପହଞ୍ଚିଲା ଏବଂ ପ୍ରଚାରିତ ପ୍ରଶ୍ନପତ୍ର କିପରି ମୂଳ ପ୍ରଶ୍ନପତ୍ର ସହ ମେଳ ଖାଇଲା, ସେନେଇ ତଦନ୍ତ ଚାଲିଛି ।

# ସ୍କ୍ରବ୍ ଟାଇଫସ୍ ପାଇଁ ସ୍ୱତନ୍ତ୍ର ଗାଇଡ ଲାଇନ୍

### ସୁନ୍ଦରଗଡ଼ ଓ ପାଲଲହଡାରେ ସ୍ୱାସ୍ଥ୍ୟ ବିଭାଗର ଟିମ୍

ଭୁବନେଶ୍ୱର, ୧୯।୯: ସୁନ୍ଦରଗଡ଼ ଜିଲ୍ଲାରେ ଦିନକୁ ଦିନ ବଢୁଛି ସ୍କ୍ରବ୍ ଟାଇଫସ୍ ଆକ୍ରାନ୍ତଙ୍କ ସଂଖ୍ୟା । ଏବେ ସୁଦ୍ଧା ଜିଲ୍ଲାରେ ୮୦୦ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ୫ ହଜାର ୬ ଶହ ଲୋକଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି । ଆଗାମୀ ଦିନରେ ଆକ୍ରାନ୍ତଙ୍କ ସଂଖ୍ୟା ଆହୁରି ବଢିବ ବୋଲି ଆଶଙ୍କା କରାଯାଉଛି । ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ, ସ୍କ୍ରବ୍ ଟାଇଫସ୍ ପାଇଁ ସ୍ୱତନ୍ତ୍ର ଗାଇଡ ଲାଇନ୍ ହୋଇଛି । ଲୋକମାନେ ଭୟଭୀତ ହୁଅନ୍ତୁ ନାହିଁ । ଏଲିଶା ଟେଷ୍ଟ ନ ହେବା ଯାଏଁ ସ୍କ୍ରବ୍ ଟାଇଫସ କନଫର୍ମ ହୋଇ ନଥାଏ । ଜାନୁଆରୀରୁ ଏଯାଏଁ କୌଣସି କନଫରମେସନ ହୋଇ ନାହିଁ । ସୁନ୍ଦରଗଡ଼ର ଯେଉଁ କେସ୍ ଆସିଛି ତାହା ପୁରୁଣା ହୋଇପାରେ । ଆମେ ତାକୁ ଆଉ ଥରେ ତର୍ଜମା କରିବୁ । ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍ୱତନ୍ତ୍ର ଟିମ୍ ସୁନ୍ଦରଗଡ଼ ଓ ପାଲଲହଡା ଯାଇଛନ୍ତି । ଆମେ ସ୍ଥିତି ଉପରେ ନଜର ରଖିଛୁ । ମୁଁ ବ୍ୟକ୍ତିଗତ ଭାବରେ ମଧ୍ୟ ନଜର ରଖିଛି । ସେହିପରି ରାୟଗଡ଼ା



ଡାଇରିଆ ପ୍ରସଙ୍ଗରେ ସେ କହିଛନ୍ତି ଯେ, ରାୟଗଡ଼ା ଓ ଏହାର ଆଖପାଖ ଜିଲ୍ଲାରେ ଡାଇରିଆ ସମ୍ପର୍କିତ ଖବର ଆସିବା ପରେ ସ୍ୱାସ୍ଥ୍ୟ ବିଭାଗ ସତର୍କ ହୋଇଛି । ଏଥିପାଇଁ ସ୍ୱତନ୍ତ୍ର ଟିମ୍ ମନିଟରିଂ କରୁଛି । ଡାଇରିଆ ଭଳି ସମସ୍ୟାରେ ଦୂଷିତ ପାଣି ଓ ଖାଦ୍ୟ ଏକ ବଡ଼ କାରଣ ହୋଇପାରେ । ତେଣୁ ବିଭାଗ ପକ୍ଷରୁ ଶୁଦ୍ଧ ପାନୀୟ ଜଳ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି । ଆବଶ୍ୟକ ଔଷଧ ଓ ଚିକିତ୍ସା ବ୍ୟବସ୍ଥା ମଧ୍ୟ ପ୍ରସ୍ତୁତ ରଖାଯାଇଛି । କୌଣସି ଅଞ୍ଚଳରେ ଖାଦ୍ୟଜନିତ ସମସ୍ୟାର ସନ୍ଦେହ ହେଲେ ଫୁଡ୍ ସେଫ୍ଟି ବିଭାଗ ପକ୍ଷରୁ ମଧ୍ୟ ଯାଞ୍ଚ କରାଯାଉଛି । ସୂଚନା ଥାଉକି, ସ୍କ୍ରବ୍ ଟାଇଫସ୍ ଏକ ପ୍ରକାର ସଂକ୍ରାମକ ରୋଗ । ଚିଗର୍ ନାମକ ଅତି କ୍ଷୁଦ୍ର ମାଇଟ୍ର କାମୁଡ଼ା ଦ୍ୱାରା ଏହାର ସଂକ୍ରମଣ ହୋଇଥାଏ । ବିଲ, ଜଙ୍ଗଲ କିମ୍ବା ଘାସବଣରେ କାମ କରୁଥିବା ଲୋକମାନେ ଏଥିପ୍ରତି ଅଧିକ ସତର୍କ ରହିବା ଆବଶ୍ୟକ । ଜଙ୍ଗଲ କିମ୍ବା ବିଲକୁ ଯିବା ସମୟରେ ପୂରା ଶରୀର ଢାଙ୍କିଥିବା ପୋଷାକ ପିନ୍ଧିବା ସହ ସତର୍କତା ଅବଲମ୍ବନ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ଜ୍ୱର କିମ୍ବା ଅନ୍ୟ ଲକ୍ଷଣ ଦେଖାଦେଲେ ବିଳମ୍ବ ନକରି ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସା କରାଇବାକୁ କୁହାଯାଇଛି । ତେବେ ସୁନ୍ଦରଗଡ଼ ଜିଲ୍ଲାରେ ସ୍କ୍ରବ୍ ଟାଇଫସ୍ ସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି । ସ୍କ୍ରବ୍ ଟାଇଫସ୍‌କୁ ନେଇ ଭୟଭୀତ ହୁଅନ୍ତୁ ନାହିଁ, ସ୍ଥିତି ଉପରେ ନଜର ରଖିଛୁ ।


## ଉଚ୍ଚବିଦ୍ୟାଳୟ ସ୍ତରୀୟ ଖେଳକୁଦ ପ୍ରତିଯୋଗିତା

ଭାପୁର, ୧୯।୯(ନିପ୍ର): ଭାପୁର ବ୍ଲକ ତନ୍ତୁବାୟ ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟ ଜୋନ ନମ୍ବର ୪ ଠାରେ ବିଦ୍ୟାଳୟ ସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଶନିବାର ଦିନ ଅନୁଷ୍ଠାନିକ ଭାବେ ଉଦଘାଟନ ହୋଇଯାଇଛି । ବାଇଗୁଣିଆ, ବାଘୁଆପଲ୍ଲି ଭଗବାନପୁର, ବଳଦିଆ ନୂଆଗାଁ ଏବଂ ବନ୍ଧଦ୍ୱାର ଗ୍ରାମରେ ଅବସ୍ଥିତ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ କବାଡି, ଖୋଖୋ, ଭଲିବଲ, ବ୍ୟାଡ଼ମିଣ୍ଟନ, ହ୍ୟାଣ୍ଡବଲ, ରଗବୀ, ଫୁଟବଲ, ଯୋଗ, ଚେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟରୁ ପିଲା ଚୟନ ହୋଇ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ଏହି ପ୍ରତିଯୋଗିତାରେ ମୋଟ ୧୫୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ମୁଖ୍ୟଅତିଥି ରୂପେ ସ୍ଥାନୀୟ ସରପଞ୍ଚ ନିରୁପମା ମହାରଣା, ବିଦ୍ୟାଳୟର ପୂର୍ବତନ କ୍ରୀଡା ଶିକ୍ଷକ ଏକାଦଶୀ ମହାରଣା, ପଞ୍ଚସଖା ଶିକ୍ଷା ସେତୁ ଯୋଜନା ର ସଭାପତି ମହେଶ୍ୱର ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ସାହୁ, ବିଦ୍ୟାଳୟ ର ଶିକ୍ଷକ ପ୍ରତାପ ରଣା, ବିଦ୍ୟାଳୟ ର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ କ୍ରୀଡା ଶିକ୍ଷକ ଆଶିଷ କୁମାର ପଟ୍ଟନାୟକ ଉପସ୍ଥିତ ରହି ଖେଳକୁ ପରିଚାଳନା କରିଥିଲେ ।

## ବାସହୀନଙ୍କୁ ମିଳିବ ପିଏମ୍ ଆବାସ: କମଲେଶ ପାସୱାନ

ନୂଆଦିଲ୍ଲୀ, ୧୯।୯ : ଓଡ଼ିଶାରେ ଆଉ କେହି ବାସହୀନ ରହିବେ ନାହିଁ । ଖୁବଶୀଘ୍ର ସମସ୍ତ ବାସହୀନଙ୍କୁ ପିଏମ୍ ଆବାସ ଯୋଜନାରେ ଘର ଦିଆଯିବ । ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ର ମନ୍ତ୍ରୀ କମଲେଶ ପାସୱାନ । ମନ୍ତ୍ରୀ କହିଛନ୍ତି, ଦେଶର କୌଣସି ବ୍ୟକ୍ତି ଘର କିମ୍ବା ଶୌଚାଳୟ ବିନା ରହିବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରୁ କହିଥିଲେ । ପରେ ଗ୍ରାମୀଣ ବିକାଶ ବିଭାଗ ପକ୍ଷରୁ ସାରା ଦେଶରେ ସର୍ଭେ ଆରମ୍ଭ ହୋଇଛି । ସମସ୍ତ ରାଜ୍ୟରୁ ରିପୋର୍ଟ ମଗାଯାଇଥିବା ବେଳେ ବାସହୀନଙ୍କ ତାଲିକା ପ୍ରସ୍ତୁତ ହେଉଛି । ସର୍ଭେ ଆଧାରରେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ବିହାର ଓ ପଞ୍ଜାବ ଭଳି ରାଜ୍ୟର ବାସହୀନଙ୍କୁ ପିଏମ୍ ଆବାସ ଯୋଜନାରେ ଘର ଦିଆଯିବ ବୋଲି କହିଛନ୍ତି କମଲେଶ ପାସୱାନ । ଓଡ଼ିଶାରେ ମଧ୍ୟ ଖୁବଶୀଘ୍ର ସମସ୍ତ ବାସହୀନଙ୍କୁ ଆବାସ ମିଳିବ ବୋଲି ସେ କହିଛନ୍ତି ।


## ନୂଆଁଖାଇ ଜୁହାର୍


'ତିହାର୍ ଉପରେ ଆମର୍ ତିହାର୍ ନୂଆଁ ଖାଇ ତିହାର' ଉପଲକ୍ଷେ ସାରା ପଶ୍ଚିମ ଓଡ଼ିଶା ବାସିଙ୍କୁ ଓ ରେଢ଼ାଖୋଲ 'ପ୍ରଭୁ ପଞ୍ଚଖଣ୍ଡା ଓ ମାଁ ବାଉତିଙ୍କ ନୂଆଁ ମୁଣ୍ଡା ପୂଜା' ଉପଲକ୍ଷେ ସମସ୍ତ ରେଢ଼ାଖୋଲ ବାସିଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ଶିବଶମ୍ଭୁ ନନ୍ଦ**

ସଭାପତି ବିଜୁ ଛାତ୍ର ଜନତାଦଳ ଏନ୍‌ଏସି ରେଢ଼ାଖୋଲ

ଉପସଭାପତି ଜିଲ୍ଲା କଣ୍ଟ୍ରାକ୍ଟର ସଂଘ ସମ୍ବଲପୁର



## ନୂଆଁ ଧାନର ବାସ୍ନା ଆଉ ମାଁ ସମଲେଶ୍ୱରୀଙ୍କ ଆଶୀର୍ବାଦ





ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପର୍ବ ଉପଲକ୍ଷେ ସମସ୍ତ ପଶ୍ଚିମ ଓଡ଼ିଶା ବାସୀଙ୍କୁ ରେଢ଼ାଖୋଲ 'ପ୍ରଭୁ ପଞ୍ଚଖଣ୍ଡା ଓ ମାଁ ଅନ୍ଧାର ବାଉତିଙ୍କ ନିଆରା ନୂଆଁମୁଣ୍ଡା ପୂଜା' ଉପଲକ୍ଷେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ନୂଆଁଖାଇ ଜୁହାର୍

**ପ୍ରଦିପ ପ୍ରଧାନ**

ପଞ୍ଚାୟତ ସମିତି ଅଧ୍ୟକ୍ଷ ରେଢ଼ାଖୋଲ


## ପୂର୍ବତଟ ରେଳପଥ ଦ୍ୱାରା 'ଅପରେସନ ନାର୍କୋସ୍'

ଭୁବନେଶ୍ୱର, ୧୯।୯: ପୂର୍ବତଟ ରେଳପଥର ରେଳ ସୁରକ୍ଷା ବଳ (ଆରପିଏଫ୍) "ଅପରେସନ ନାର୍କୋସ୍" ଅଧୀନରେ ରେଳପଥ ମାଧ୍ୟମରେ ନିଶାଦ୍ରବ୍ୟ ଓ ସାଇକୋଟ୍ରୋପିକ୍ ଦ୍ରବ୍ୟର ବେଆଇନ ଚାଲାଣ ବିରୋଧରେ ଗୁଇନ୍ଦା ସୂଚନା ଆଧାରିତ ଅଭିଯାନକୁ ତୀବ୍ର କରିଛି । ଏହା "ନିଶା ମୁକ୍ତ ଭାରତ" ପ୍ରତି ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି । ଏହି ଅଭିଯାନର ଅଂଶ ସ୍ୱରୂପ, ପୂର୍ବତଟ ରେଳପଥ ୧୮ ଟି ନୂଆ କୁକୁର ଛୁଆଙ୍କୁ ସାମିଲ କରିଛି, ଯେଉଁଥିରେ ୧୫ ଟି ସ୍ୱତନ୍ତ୍ର ନିଶାଦ୍ରବ୍ୟ ସନ୍ଧାନୀ କୁକୁର ଅଛନ୍ତି । ଏହାଫଳରେ ପୂର୍ବତଟ ରେଳପଥର ସନ୍ଧାନୀ କୁକୁର ସଂଖ୍ୟା ୩୩କୁ ବୃଦ୍ଧି ପାଇଛି । ଏଥିମଧ୍ୟରୁ ୨୦ଟି କୁକୁରକୁ ସ୍ୱତନ୍ତ୍ର ଭାବେ ନିଶାଦ୍ରବ୍ୟ ଚିହ୍ନଟ କାର୍ଯ୍ୟରେ ନିୟୋଜିତ କରାଯାଇଛି । ଏମାନେ ଟ୍ରେନ୍,



ପ୍ଲାଟଫର୍ମ, ଲଗେଜ୍, ପାର୍ସଲ୍ ଅଞ୍ଚଳ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନରେ ଯାଞ୍ଚ କାର୍ଯ୍ୟରେ ସହାୟତା କରିବେ । ସାମିଲ ହୋଇଥିବା ନୂତନ କୁକୁରଗୁଡିକର ସ୍ୱତନ୍ତ୍ର ପ୍ରଶିକ୍ଷଣ ୨୫ ଅକ୍ଟୋବର ୨୦୨୬ରୁ ଆରମ୍ଭ ହେବ ଏବଂ ମାର୍ଚ୍ଚ ୨୦୨୭ ସୁଦ୍ଧା ସେମାନେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବେ । ପୂର୍ବତଟ ରେଳପଥ ରେଳ ସୁରକ୍ଷା ବଳ (ଆରପିଏଫ୍) ନିଶାଦ୍ରବ୍ୟ ଚାଲାଣ ରୋକିବା ପାଇଁ ସିସିଟିଭି ନିରୀକ୍ଷଣ, ବ୍ୟାଗେଜ୍ ସ୍କାନର, ଡ୍ରୋନ୍ ନିରୀକ୍ଷଣ ଓ ଉନ୍ନତ ବିଶ୍ଳେଷଣ ପ୍ରଣାଳୀର ବ୍ୟବହାର କରୁଛି । ଏଥିସହ ଜିଆରପି, ରାଜ୍ୟ ପୁଲିସ ଓ ଅନ୍ୟାନ୍ୟ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ସହିତ ସମନ୍ୱୟ ରଖି ଗୁଇନ୍ଦା ସୂଚନା ଆଦାନପ୍ରଦାନ ଓ ମିଳିତ ଅଭିଯାନ କରୁଛି । ଜାନୁଆରୀ ରୁ ଅଗଷ୍ଟ ୨୦୨୬ ମଧ୍ୟରେ, 'ଅପରେସନ୍ ନାର୍କୋସ୍' ଅଧୀନରେ ୭୫ ଟି ମାମଲା ଚିହ୍ନଟ କରାଯାଇଛି, ପ୍ରାୟ ୩.୬୦ କୋଟି ଟଙ୍କା ମୂଲ୍ୟର ୧,୦୭୯.୬୪୨ କିଲୋଗ୍ରାମ ଗଞ୍ଜେଇ ଏବଂ ୬୦ ବୋତଲ କୋଡିନ୍-ଭିତ୍ତିକ କଫ୍ ସିରପ୍ ଜବତ କରାଯାଇଛି ଏବଂ ନିଶାଦ୍ରବ୍ୟ କାରବାରରେ ସଂପୃକ୍ତ ୯୨ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ।

### ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଅତିବଡ଼ୀଙ୍କ ଜୟନ୍ତୀ ସମାରୋହ

## 'ଓଡ଼ିଆ ଜାତି ଭାଗବତକୁ ଠାକୁର ଘରେ ସ୍ଥାନ ଦେଇଛି'

ଭୁବନେଶ୍ୱର, ୧୯।୯(ନିପ୍ର): ଓଡ଼ିଆ ଜାତିର ଅସ୍ମିତା ନିର୍ମାଣ କ୍ଷେତ୍ରରେ କବି ଜଗନ୍ନାଥ ଦାସଙ୍କ ଭୂମିକା ଅତୁଳନୀୟ । ଓଡ଼ିଆ ଜାତି ତାଙ୍କ ରଚିତ ଭାଗବତକୁ ଦେବତା ଜ୍ଞାନରେ ନିଜ ଠାକୁର ଘରେ ସ୍ଥାନ ଦେଇଛି ବୋଲି ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସମ୍ପାଦକ ବିଶିଷ୍ଟ ବାଗ୍ମୀ ଡ. ସନ୍ତୋଷ କୁମାର ମହାପାତ୍ର କହିଛନ୍ତି । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ପଞ୍ଚସଖା ସାହିତ୍ୟର ବରେଣ୍ୟ ସାଧକ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏପରି କହିଛନ୍ତି । ସମ୍ମାନିତ ଅତିଥି ପ୍ରାବନ୍ଧିକ ଡ. ଅସିତ ମହାନ୍ତି ଓଡ଼ିଆ କାବ୍ୟଭାଷା



ନିର୍ମାଣ କରିବାରେ ଓଡ଼ିଆ ଭାଗବତର ଭୂମିକା ଓ ଜଗନ୍ନାଥ ଦାସଙ୍କ ଅବଦାନ ସମ୍ପର୍କରେ ଉଲ୍ଲେଖ କରିଥିଲେ । ଅନ୍ୟତମ ଅତିଥି ଭାବେ ସାରଳା ଦାସ ଚେୟାର ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ଜଗନ୍ନାଥ ଦାସଙ୍କ ସାରସ୍ୱତ କୃତିର ବୈଶିଷ୍ଟ୍ୟ ସମ୍ପର୍କରେ ଓ ଅନ୍ୟତମ ଅତିଥି ଡ. ସନ୍ତୋଷ ନାୟକ ଜଗନ୍ନାଥ ଦାସଙ୍କ ଭାଗବତ କିପରି ଓଡ଼ିଶାରେ ପାଠକୀୟତା ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି ତାହାର ଅବତାରଣା କରିଥିଲେ । ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ସଭାକାର୍ଯ୍ୟ ସଂଯୋଜନା କରିଥିବା ବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଧନ୍ୟବାଦ ଦେଇଥିଲେ ।

## 'ସୁପର' ଏଲ୍ ନିନୋ ନେଇ ସତର୍କ କରାଇଲେ ବୈଜ୍ଞାନିକ

ନୂଆଦିଲ୍ଲୀ, ୧୯।୯: ଭାରତର ୧୮୦ରୁ ଅଧିକ ବୈଜ୍ଞାନିକ ଏବଂ ପରିବେଶବିତ୍, ଅନ୍ୟ ଗବେଷକ ଓ କ୍ଷେତ୍ରସ୍ତରୀୟ କର୍ମୀମାନଙ୍କ ନିକଟକୁ ଏକ ଆହ୍ୱାନ ପତ୍ରରେ ସ୍ୱାକ୍ଷର ପୂର୍ବକ ଆଗାମୀ 'ସୁପର' ଏଲ୍ ନିନୋ ଘଟଣା ପାଇଁ ପ୍ରସ୍ତୁତ ରହିବାକୁ



କହିଛନ୍ତି । ଦେଶର ପ୍ରାକୃତିକ ବ୍ୟବସ୍ଥା ଉପରେ ବିନାଶକାରୀ ପ୍ରଭାବ ପକାଇବାର ଆଶଙ୍କା ରହିଥିବା ଏଥିରେ କୁହାଯାଇଛି । ପ୍ରଶାନ୍ତ ମହାସାଗରର ଉଷ୍ଣକଟିବନ୍ଧୀୟ ଅଞ୍ଚଳରେ ସମୁଦ୍ର ପୃଷ୍ଠର ଜଳ ଅସ୍ୱାଭାବିକ ଭାବେ ଗରମ ହେବାକୁ 'ଏଲ୍ ନିନୋ' ବୋଲି କୁହାଯାଏ । ପ୍ରଶାନ୍ତ ମହାସାଗରରେ ତାପମାତ୍ରା କ୍ରମାଗତ ଭାବେ ୦.୫ ଡିଗ୍ରୀ ସେଲସିୟସ୍ ସୀମା ଅତିକ୍ରମ କରିଛି ଏବଂ ଅଗଷ୍ଟ ମାସରେ ଏହା ୨.୬ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ରହିଥିଲା । ଆକଳନ ଅନୁଯାୟୀ, ତାପମାତ୍ରାରେ ୪ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ଅସ୍ୱାଭାବିକ ପରିବର୍ତ୍ତନ ଦେଖାଦେଇପାରେ, ଯାହା ଗତ ୧,୦୦୦ ବର୍ଷ ମଧ୍ୟରେ ସର୍ବାଧିକ ହେବ ।

## ବୋଲଗଡ଼ ତହସିଲ ପକ୍ଷରୁ ଜବରଦଖଲ ଗୃହ ଉଚ୍ଛେଦ

ବୋଲଗଡ଼, ୧୯।୯(ନିପ୍ର): ବୋଲଗଡ଼ ତହସିଲ ଅଧୀନସ୍ଥ ବଡ଼କୁମାରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଜସୁନାଖଳା ଗଣେଶ ବଜାର ୫୭ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସରକାରୀ ଜାଗାରେ ନିର୍ମାଣ କରାଯାଇଥିବା ୫ଟି ଘରୋଇ ଦୋକାନ ଗୃହକୁ ବୋଲଗଡ଼ ତହସିଲ ପ୍ରଶାସନ ତରଫରୁ ଶନିବାର ଉଚ୍ଛେଦ କରାଯାଇଛି । ରାଜସୁନାଖଳା ଗଣେଶ ବଜାରରେ ବୁଲିଥିଲା ବୁଲଡୋଜର । ବସଷ୍ଟାଣ୍ଡ, ପୋଖରୀ ଓ ସାଧାରଣରେ ବ୍ୟବହୃତ ଏହି ଜାଗା ଗୁଡ଼ିକୁ ଦୀର୍ଘ ୫ ବର୍ଷ ହେବ ଜବର ଦଖଲକାରୀ ମାନେ ଜବର ଦଖଲ କରି ରଖିଥିଲେ ।

### ଧଳାପଥରରେ ଜନଶୁଣାଣି ସ୍ଥଗିତ, ଅଞ୍ଚଳବାସୀ ଉତ୍ୟକ୍ତ

# ଖେଳପଡ଼ିଆ ଜମିର ସୁରକ୍ଷା ଦାବି

ବାଙ୍କୀ, ୧୯।୯(ନିପ୍ର): ବାଙ୍କୀ ବ୍ଲକ ବୋଲଗଡ ବ୍ଲକ ସୀମାନ୍ତବର୍ତ୍ତୀ କଳାପଥର ଧଳାପଥର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଜମିକୁ ସ୍କୁଲ ନାମରେ ରେକର୍ଡଭୁକ୍ତ କରିବା ନେଇ ଧଳାପଥର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ହେବାକୁ ଥିବା ଜନଶୁଣାଣି ଅଚାନକ ସ୍ଥଗିତ ହୋଇଯିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ନିର୍ଦ୍ଧାରିତ ସମୟରେ ବୋଲଗଡ ତହସିଲଦାର ବିଜୟ କୁମାର ସେଠି ଉପସ୍ଥିତ ନ ହେବା ଏବଂ ଜନଶୁଣାଣି ସ୍ଥଗିତ ହେବା ଘଟଣାକୁ ନେଇ ଉପସ୍ଥିତ କମିଟି ସଦସ୍ୟମାନେ କ୍ଷୋଭ ପ୍ରକାଶ କରିବା ସହ ଏହାକୁ ଅଗଣତାନ୍ତ୍ରିକ ବୋଲି ଅଭିହିତ କରିଥିଲେ । ପ୍ରକାଶ ଥାଉକି, ବୋଲଗଡ଼ ବ୍ଲକ ଅନ୍ତର୍ଗତ କଳାପଥର-ଧଳାପଥର ଉଚ୍ଚ ବିଦ୍ୟାଳୟର ଖେଳପଡ଼ିଆ ଜମିକୁ ବିଦ୍ୟାଳୟ ନାମରେ ରେକର୍ଡଭୁକ୍ତ କରିବା ଦାବିରେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଓ ସ୍କୁଲ ପରିଚାଳନା କମିଟି ପକ୍ଷରୁ




ଅନୁରୋଧ କରାଯାଇଥିଲା । ଏହାକୁ ଆଧାର କରି ତହସିଲଦାରଙ୍କ ପକ୍ଷରୁ ସାତ ଦିନ ପୂର୍ବରୁ ଜନଶୁଣାଣି ନିମନ୍ତେ ନୋଟିସ ଜାରି ହୋଇଥିଲା । ନିର୍ଦ୍ଧାରିତ ଦିନରେ ସମସ୍ତ କମିଟି ସଦସ୍ୟ ଉପସ୍ଥିତ ରହିଥିବା ବେଳେ ଜନଶୁଣାଣି ଆରମ୍ଭ ହେବାର ମାତ୍ର ଅଧଘଣ୍ଟା ପୂର୍ବରୁ ତହସିଲଦାର ଆସିବେ ନାହିଁ ବୋଲି ସୂଚନା ମିଳିଥିଲା । ଏହି ଅପ୍ରତ୍ୟାଶିତ ଘଟଣାକୁ ନେଇ ଉପସ୍ଥିତ ସଦସ୍ୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏହାପରେ ଧଳାପଥର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହେବା ସହ ପରବର୍ତ୍ତୀ ସମୟରେ ବିଦ୍ୟାଳୟ ପରିସରରେ ଆଉ ଏକ ବୈଠକ ବସିଥିଲା । ଏଥିରେ ଜନଶୁଣାଣି ସ୍ଥଗିତ ଘଟଣା ଏବଂ ଖେଳପଡ଼ିଆ ଜମିର ସୁରକ୍ଷା ଦିଗରେ ଆଗାମୀ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ସୂଚନାନୁଯାୟୀ, ବିଦ୍ୟାଳୟର ଖେଳପଡ଼ିଆ ଜମିକୁ ହଡ଼ପ କରିବା ପାଇଁ କେତେକ ବ୍ୟକ୍ତି ଉଦ୍ୟମ କରୁଥିବା ଅଭିଯୋଗ ହେବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପୁରାତନ ଛାତ୍ର ସଂସଦ ପକ୍ଷରୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ମନ୍ତ୍ରୀ ଏହି ପ୍ରସଙ୍ଗରେ ତହସିଲଦାରଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ କହିଥିବାରୁ ଜନଶୁଣାଣି ନିମନ୍ତେ ନୋଟିସ ଜାରି ହୋଇଥିବା ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ ଯେ, ଏହି ଖେଳପଡ଼ିଆଟି କେବଳ ବିଦ୍ୟାଳୟର କ୍ରୀଡ଼ା କାର୍ଯ୍ୟକଳାପରେ ସୀମିତ ନୁହେଁ; ଏଠାରେ ରଜ ମହୋତ୍ସବ, ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ, କ୍ରୀଡ଼ା ପ୍ରତିଯୋଗିତା ଓ ଜାତୀୟ ଦିବସ ପାଳନ ଭଳି ଅନେକ ସାମୂହିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ । ଦୁଇଟି ଜିଲ୍ଲାର ମଧ୍ୟସ୍ଥଳରେ ଅବସ୍ଥିତ ଏହି ପଡ଼ିଆର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହାର ସୁରକ୍ଷା ନିମନ୍ତେ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅଞ୍ଚଳବାସୀଙ୍କୁ ନିବେଦନ କରାଯାଇଛି ।


13001/1889/2627

**OFFICE OF THE MUNICIPAL COUNCIL, TALACHER**
DIST :- ANUGOLA

Phone No.- (0676[illegible]240259 E-Mail ID : e.o.talcher@gmail.com

No. 3059 / Date. 18/09/2026

**QUOTATION CALL NOTICE**

The Executive Officer, Talacher Municipality on behalf of Talacher, Dist- Anugola invites sealed Quotations from the intending registered Firm/suppliers/agencies/individuals having valid GST,PAN for providing **Annual Maintenance Contract (AMC) for the machines installed/operated of MCC & MRF under the Talacher Municipality, Talacher.** The prescribed Quotation schedule can be obtained from the Cashier section of Talacher Municipality on payment of Rs. 1000 /- (Rupees One thousand) only including GST@18% (non-refundable) in shape of cash / bank draft / banker's cheque drawn in favour of the Executive Officer, Talacher Municipality payable at Talacher from any nationalized bank from Dt.19.09.2026 to Dt.28.09.2026 up to 1.00 PM. during office hour except holidays.

The Quotation paper along with all documents should reach the undersigned by Regd. Post /Speed Post/Courier Service or by person on or before Dt.25.09.2026 up to 1.30 PM. And this office will in no way, be responsible for any delay in receipt of the Quotation documents. The Quotation will be opened on the same date at 3.00 PM in presence of the Quotationer or their authorized representative if any. The Quotation received beyond the schedule date and time will not be considered at all.

All terms and conditions may be seen in the Quotation proforma. The undersigned has rights to accept, cancel or reject any or all the Quotations without assigning any reason thereof.

Executive Officer
Talcher Municipality

OIPR-13001/13077/1/26-27/0029



**AFFIDAVIT**

By virtue of an affidavit sworn before the Executive Magistrate, Banpur, affidavit no.3400 dtd.25.08.2026, I Ajaya Das S/o-Bhramara Das At-Manikpur, Po-Pratap, Ps-Banpur, Dist-Khordha, Odisha, Pin-752031 do hereby declare that I have changed the name of my daughter's name from Anisha Rani Das to Khusi Das. Henceforth she will be known as Khusi Das for all purposes.

**Sd/-Ajaya Das**

**AFFIDAVIT**

By virtue of an affidavit sworn before the Executive Magistrate, Banpur, affidavit no.388 dated 05.02.2026, I, Pabitra Mohan Parida S/o-Baikuntha Parida At-Bahadalpur, Po-Sarakantar, Ps-Khandagiri, Dist-Khordha, Odisha, Pin-751019 do hereby declare that, I have changed my name from Pabitra Kumar Parida to Pabitra Mohan Parida. Henceforth I shall be known as Pabitra Mohan Parida for all purposes.

**Sd/-Pabitra Mohan Parida**

**AFFIDAVIT**

By virtue of an affidavit sworn before the Executive Magistrate, Banpur, affidavit no.3741 dated 11.09.2026, I, Rahim Mirja S/o-Ramjan Mirja At/Po-Badahantuad, Ps-Banpur, Dist-Khordha, Odisha-752031 do hereby declare that, I have changed the name of my son's name from Abujher Mahammad to Abujher Mirja. Henceforth he will be known as Abujher Mirja for all purposes.

**Sd/-Rahim Mirja**



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ